

୫୨ ବର୍ଷରେ ସଚିନ ତେନ୍ଦୁଲକର
ପୃଷ୍ଠା ୬

# ସଂଚାର
THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 34 | ISSUE 33 | ଭାଗ ୩୪ | ସଂଖ୍ୟା ୩୩ | Bhubaneswar | Friday 25 April 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୨୫ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ମିସାଇଲ୍ ପରୀକ୍ଷଣକଲା ଭାରତୀୟ ନୌସେନା



ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ଗତ ମଙ୍ଗଳବାର ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ୪୮ ଘଣ୍ଟା ମଧ୍ୟରେ ଭାରତ ଆଜି ଯୁଦ୍ଧଜାହାଜ ଆଇଏନଏସ ସୁରଟରୁ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ କରି ଶତ୍ରୁମାନଙ୍କୁ ଏକ କଡ଼ା ବାର୍ତ୍ତା ଦେଇଛି। ନୌସେନା ଏକ ମଧ୍ୟମ ଦୂରଗାମୀ ଭୂମିରୁ ଆକାଶ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଭାରତର ନୂତନ ସ୍ୱଦେଶୀ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ ଜାହଜ ଆଇଏନ୍ଏସ୍ ସୁରଟ, ସମୁଦ୍ର ପୃଷ୍ଠ ନିକଟରେ ଉଡୁଥିବା ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଆକ୍ରମଣ କରି ନୌସେନାର କ୍ଷମତା ପ୍ରଦର୍ଶନ କରିଛି। ନୌସେନା ଅନୁଯାୟୀ, ଏହି ସମୟରେ ଭାରତର ସ୍ୱଦେଶୀ କ୍ଷେପଣାସ୍ତ୍ର ବିଧ୍ୱଂସକ ଜାହାଜ ଆଇଏନ୍ଏସ୍ ସୁରଟ ସମୁଦ୍ରରେ ଲକ୍ଷ୍ୟଭେଦ କରିବାରେ ସଫଳତାର ସହ ସଫଳ ହୋଇଛି। ପରୀକ୍ଷଣ ସମୟରେ, ଭାରତୀୟ ନୌସେନାର ସ୍ୱଦେଶୀ ନିର୍ମିତ ଗାଇଡେଡ୍ ମିସାଇଲ୍ ବିଧ୍ୱଂସକ ଆଇଏନ୍ଏସ୍ ସୁରଟ ସମୁଦ୍ରରେ ଏକ ଲକ୍ଷ୍ୟକୁ ସଠିକ୍ ଭାବରେ ଆକ୍ରମଣ କରିଥିଲା। ଏହି ପରୀକ୍ଷଣ ମାଧ୍ୟମରେ ନୌସେନା ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଛି। ଆରବସାଗରରେ ଏହି ପରୀକ୍ଷଣ ବିଶେଷ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ସ୍ଥାନଟି ସେହି ସ୍ଥାନ ନିକଟରେ ଯେଉଁଠାରେ ପାକିସ୍ତାନ କ୍ଷେପଣାସ୍ତ୍ର ପରୀକ୍ଷଣ କରିବାକୁ ଯାଉଛି। ସେପଟେ ପାକିସ୍ତାନ ସିନ୍ଧୁ ନଦୀ ➪ପୃଷ୍ଠା-୬

## ବାୟୁସେନାର 'ଆକ୍ରମଣ' ଅଭ୍ୟାସ ଆରମ୍ଭ



ନୂଆଦିଲ୍ଲୀ,୨୪।୪(ଏଜେନ୍ସି): ପହଲଗାମ୍ ଆତଙ୍କୀ ହମ୍‌ଲା ପରେ ଭାରତ କୌଣସି ପ୍ରକାର କଠୋର ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଥିବା ବେଳେ ଇତିମଧ୍ୟରେ ଦେଶର ସାମରିକ ଶକ୍ତିର ପ୍ରମୁଖ ଅଂଶ ଭାବେ ପରିଚିତ ଯୁଦ୍ଧବିମାନ ସୁଖୋଇ-ଏସ୍‌ୟୁ ୩୦ ଓ ରାଫେଲ୍ ତୟାର୍ ରହିଛନ୍ତି। ଭାରତ କ୍ରମଶଃ କଠୋର ଏବଂ ଆକ୍ରମଣାତ୍ମକ ହେଉଥିବା ବେଳେ ଆଜି ଭାରତୀୟ ବାୟୁସେନା ପକ୍ଷରୁ 'ଆକ୍ରମଣ' ଅଭ୍ୟାସ ଆରମ୍ଭ ହୋଇଛି। କେନ୍ଦ୍ରୀୟ କ୍ଷେତ୍ରରେ ଏହି ପ୍ରମୁଖ ଆୟୋଜନରେ ରାଫେଲ ଓ ସୁଖୋଇ ଏସ୍‌ୟୁ-୩୦ ଭଳି ଉନ୍ନତ ଯୁଦ୍ଧ ବିମାନ ସାମିଲ୍ ହୋଇଛନ୍ତି। ଭାରତୀୟ ବାୟୁସେନାର ହରିୟାଣାର ଅମ୍ବାଲା ଏବଂ ପଶ୍ଚିମବଙ୍ଗର ହାସିମାରାରେ ଅବସ୍ଥାପିତ ରାଫେଲ ଯୁଦ୍ଧବିମାନର ଦୁଇଟି ସ୍କ୍ୱାଡ୍ରନ ଏହି ଅଭ୍ୟାସରେ ନେତୃତ୍ୱ ନେଉଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଅଭ୍ୟାସରେ ଆକାଶପଥରୁ ଭୂପୃଷ୍ଟକୁ ଆକ୍ରମଣ ଏବଂ ଇଲେକ୍ଟ୍ରୋନିକ ୱାରଫେୟାରର ଅଭ୍ୟାସ କରାଯାଉଛି। ବିମାନଗୁଡ଼ିକ ପୂର୍ବାଞ୍ଚଳ ସମେତ ବିଭିନ୍ନ ବେସରୁ ସ୍ଥାନାନ୍ତରିତ ➪ପୃଷ୍ଠା-୬

## ଇସାଣୀ ଶ୍ମଶାନରେ ପ୍ରଶାନ୍ତଙ୍କ ଶେଷକୃତ୍ୟ



- ଯୋଗଦେଲେ ମୁଖ୍ୟମନ୍ତ୍ରୀ ଓ ବାଲେଶ୍ୱର ସାଂସଦ
- ୨୦ ଲକ୍ଷ ଟଙ୍କା ସହ ଚାକିରି ଘୋଷଣା

ବାଲେଶ୍ୱର,୨୪।୪(ସଂଚାର ବ୍ୟୁରୋ): ବାଲେଶ୍ୱର ଇସାଣୀ ଗାଁ ମଶାଣିରେ ପ୍ରଶାନ୍ତ ଶତପଥୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୁଖାଗ୍ନି ଦେଇଛନ୍ତି କୁନି ପୁଅ ତନୁଜ। ଗାଁ ଶ୍ମଶାନରେ ଜଳିଲା ଆତଙ୍କୀ ଗୁଳିର ଶିକାର ପ୍ରଶାନ୍ତଙ୍କ ଚିତା। ଲୁହ ଛଳଛଳ ଆଖିରେ ପ୍ରଶାନ୍ତଙ୍କୁ ଅଶ୍ରୁଳ ବିଦାୟ ଜଣାଇଛି ଜନ୍ମମାଟି। କୁନି ପୁଅ ମୁଖାଗ୍ନି ଦେବା ପରେ ପଞ୍ଚଭୂତରେ ବିଲୀନ ହୋଇଛନ୍ତି ପ୍ରଶାନ୍ତ। ଦିବଂଗତ ପ୍ରଶାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶେଷଯାତ୍ରାରେ ସାମିଲ ହୋଇଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଏହାଛଡ଼ା ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଲୋକେ ମଧ ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ପ୍ରଶାନ୍ତଙ୍କୁ ଅନ୍ତିମ ବିଦାୟ ଦେଇଛନ୍ତି।

ପ୍ରଶାନ୍ତଙ୍କ ଶେଷକୃତ୍ୟ ଅବସରରେ ବାଲେଶ୍ୱର ନିଶାଣୀ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପ୍ରଶାନ୍ତଙ୍କୁ ଝୁରୁଛି ଜନ୍ମମାଟି। ବାହୁନି ବାହୁନି କାନ୍ଦୁଛନ୍ତି ପ୍ରଶାନ୍ତଙ୍କ ପରିବାର ଓ ଆତ୍ମୀୟସ୍ୱଜନ। ସେପଟେ ମୃତ ପ୍ରଶାନ୍ତଙ୍କ ➪ପୃଷ୍ଠା-୬

# ମୋଦିଙ୍କ ରୁଦ୍ରାବତାର ◆ ମାଟିରେ ମିଶିଯିବ ପାକିସ୍ତାନ

"ପାକିସ୍ତାନ ବିରୋଧରେ ବଡ଼ ପ୍ରସ୍ତୁତି କରୁଛି ଭାରତ। ସୀମାପାର ଆତଙ୍କୀଙ୍କ ଏକ୍ସୁଡିଶାଳକୁ ଧ୍ୱସ୍ତ କରିଦିଆଯିବ। ଆବଶ୍ୟକ ପଡିଲେ ପାକିସ୍ତାନକୁ ମାଟିରେ ମିଶେଇ ଦିଆଯିବ। ପହଲଗାମ ନରସଂହାର ପରେ ଭାରତ ଏମିତି ଏକ ଯୋଜନାରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ ଭାବେ ବିଶ୍ୱକୁ ବାର୍ତ୍ତା ଦେଇଛନ୍ତି। ଗୋଟିଏପଟେ ସେ ପାକିସ୍ତାନକୁ ଚେତାବନୀ ସହ ଅନ୍ତର୍ଜାତୀୟ ସମୁଦାୟ ସହ ଦେଶର ସବୁ ରାଜନୈତିକ ଦଳର ସମର୍ଥନ ନେଇଛନ୍ତି। ଏମିତି ବି ପାକିସ୍ତାନ ବିରୋଧରେ ପ୍ରତିଶୋଧର ନିଆଁରେ ପୂରା ଦେଶ ଜଳୁଛି। ତେଣୁ ସର୍ଜିକାଲ ଷ୍ଟ୍ରାଇକ ଓ ଏୟାର ଷ୍ଟ୍ରାଇକ କରି ଟ୍ରେଲର ଦେଖାଇଥିବା ମୋଦି ଏବେ ପୂରା ବିଶ୍ୱକୁ ଆତଙ୍କବାଦ ବିରୋଧରେ ପ୍ରତିଶୋଧର ପୂରା ଫିଲ୍ମ ଦେଖାଇବାକୁ ଯାଉଛନ୍ତି।"



- ଖୋଜି ଖୋଜି ନିପାତ କରିବୁ
- ଆତଙ୍କୀଙ୍କୁ ମିଳିବ ଅକଳ୍ପନୀୟ ଦଣ୍ଡ

ପାଟନା,୨୪।୪: ଆତଙ୍କୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରଣହୁଙ୍କାର। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏପରି ପଦକ୍ଷେପ ନେବ ଯେ ଯାହା କଦାପି ଆତଙ୍କୀ କଳ୍ପନା ବି କରିନଥିବେ। ଆତଙ୍କୀଙ୍କୁ ଭାରତ ଦେବ ଅକଳ୍ପନୀୟ ଦଣ୍ଡ। ବିହାରର ମଧୁବନୀରୁ ଆତଙ୍କୀଙ୍କୁ ଏପରି ଚେତାବନୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେ କହିଛନ୍ତି ଯେ ଭାରତ ଆତଙ୍କୀଙ୍କ ଅଣ୍ଟା ଭାଙ୍ଗିଦେବ। ଆତଙ୍କୀ ପାତାଳରେ ଲୁଚିଥିଲେ ବି ସେମାନଙ୍କୁ ଖୋଜି ଖୋଜି ନିପାତ କରିବୁ। ଭାରତର ଆତ୍ମା ଉପରେ ହମ୍‌ଲା କରିବାର ଦୁଃସାହସ କରିଛନ୍ତି ଆତଙ୍କୀ। ସେମାନଙ୍କ ଆତ୍ମାକୁ ସମୂଳେ ଧ୍ୱଂସ କରାଯିବ। ଯେଉଁ ଭୂଖଣ୍ଡକୁ ଆତଙ୍କୀ ବ୍ୟବହାର କରୁଛନ୍ତି, ତାକୁ ଧ୍ୱଂସ କରିବାରେ ଭାରତ ଆଦୌ ପଛଘୁଞ୍ଚା ଦେବନାହିଁ ବୋଲି ଚେତାବନୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ।

ଆତଙ୍କବାଦ ବିରୋଧରେ ଭାରତର ଆର୍‌ପାର୍ ଲଢ଼େଇ ପାଇଁ ପ୍ରସ୍ତୁତ ହୋଇଛି ଭାରତ। ଆତଙ୍କବାଦୀଙ୍କୁ ମାଟିରେ ମିଶାଇଦେବୁ, ଆଉ ତ୍ରାହି ପାଇବେନି। ୧୪୦ କୋଟି ଭାରତୀୟଙ୍କ ଆଶା, ଆକାଂକ୍ଷା ପୂରଣ କରାଯିବ ବୋଲି କହିଛନ୍ତି ➪ପୃଷ୍ଠା-୬



## ମିଳିଲା ସବୁ ଦଳର ସମର୍ଥନ

### ଆଜି ଅନନ୍ତନାଗ ଯିବେ ରାହୁଲ

ନୂଆଦିଲ୍ଲୀ,୨୪।୪(ସଂଚାର ବ୍ୟୁରୋ): ପାକିସ୍ତାନ ବିରୋଧରେ କଡ଼ା ଆଭିମୁଖ୍ୟ ସହ ଆତଙ୍କୀ ହମଲାର କଡ଼ା ଜବାବ ଦିଆଯାଉ। ପାକିସ୍ତାନ ବିରୋଧରେ ଯେକୌଣସି ପ୍ରକାର ଆଭିମୁଖ୍ୟକୁ ସମର୍ଥନ ଦେଇଛନ୍ତି ଦେଶର ସବୁ ରାଜନୈତିକ ଦଳ। ଆଜି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସବୁ ରାଜନୈତିକ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ପହଲଗାମ୍ ଆତଙ୍କୀ ହମ୍‌ଲାରେ ପ୍ରାଣ ହରାଇଥିବା ➪ପୃଷ୍ଠା-୬

## ଡେପୁଟେସନରେ ଆଉ ଦୁଇ ଆଇପିଏସ୍

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଡେପୁଟେସନରେ ଗଲେ ଆଉ ଦୁଇ ଜଣ ଆଇପିଏସ ଅଫିସର। ଆଇପିଏସ ଅଫିସର ରବି କାନ୍ତ ଓ ମିତ୍ରଭାନୁ ମହାପାତ୍ର କେନ୍ଦ୍ରୀୟ ଡେପୁଟେସନରେ ଯିବା ସହ ଦୁଇ ଅଧିକାରୀଙ୍କୁ ବିଏସଏଫରେ ପୋଷ୍ଟିଂ ମିଳିଛି। ୧୯୯୮ ବ୍ୟାଚର ଆଇପିଏସ ରବି କାନ୍ତ ପୂର୍ବରୁ ➪ପୃଷ୍ଠା-୬

## ସର୍ବବୃହତ୍ ମାଓ ଦମନ ଅଭିଯାନ



- ହଜାରେ ମାଓବାଦୀଙ୍କୁ ଜଗିଛନ୍ତି ୩ ରାଜ୍ୟର ପୁଲିସ୍
- ଏନ୍‌କାଉଣ୍ଟର୍‌ରେ ୫ ହାର୍ଡକୋର୍ ମାଓବାଦୀ ନିହତ

ମାଲକାନଗିରି, ୨୪।୪(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶକୁ ନକ୍ସଲମୁକ୍ତ କରିବା ସକାଶେ ପଣନେଇଥିବା ବେଳେ ଚଳିତ ବର୍ଷ ସୁରକ୍ଷାକର୍ମୀଙ୍କ ଏକ୍ଷେତ୍ରରେ ସର୍ବାଧିକ ସଫଳତା ମିଳିଛି। ବିଶେଷକରି ଛତିଶଗଡ଼ର ମାଓପ୍ରବଣ ଅଞ୍ଚଳରେ ସୁରକ୍ଷାକର୍ମୀମାନେ ସେମାନଙ୍କ ମାଓ ଦମନ ଅଭିଯାନକୁ ବ୍ୟାପକ କରିଛନ୍ତି। ଏହି କ୍ରମରେ ଆଜି ଏଠାରେ ଦେଶର ସର୍ବବୃହତ୍ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ୨୦ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷାକର୍ମୀ ପାଖାପାଖି ହଜାରେ ମାଓବାଦୀଙ୍କୁ ଜଗିରହିଛନ୍ତି। ପାଖାପାଖି ୪୮ ଘଣ୍ଟା ତଳୁ ଏହି ଅପରେସନ୍ ଆରମ୍ଭ ହୋଇଥିବା ବେଳେ ସମ୍ପୃକ୍ତ ଅଞ୍ଚଳକୁ ମାଓବାଦୀଙ୍କ କବଳରୁ ମୁକ୍ତ କରାଯିବା ସକାଶେ ଲକ୍ଷ୍ୟ ରହିଛି। ଏହି କ୍ରମରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୫ ଜଣ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ମାଡ଼ପଲ୍ଲୀ ପାହାଡ଼ି ଇଲାକାରେ ଏହି ଅପରେସନ୍ ଜାରି ରହିଛି। ଘଟଣାସ୍ଥଳରୁ ସୁରକ୍ଷାକର୍ମୀମାନେ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ସହ ବନ୍ଧୁକ ଆଦି ଜବତ କରିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଅପରେସନ୍ ଚାଲିଥିବା ବେଳେ ଏଥିରେ ଏମ୍‌ଆଇ ୧୭ ହେଲିକପ୍ଟର ଓ ଡ୍ରୋନ୍ ମଧ ➪ପୃଷ୍ଠା-୬

# ୬ ଲକ୍ଷଙ୍କୁ ନୂଆ ରାସନ କାର୍ଡ



- ପୁରୀରେ ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ
- ଗ୍ରାମାଞ୍ଚଳର ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ
- ପଞ୍ଚାୟତ ସ୍ତରରୁ ଆସିଥିବା ଜନପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି
- ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମର ଶିଳାନ୍ୟାସ

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି। ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢ଼ତାର ସହ କାମ କରୁଛି। ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ପଞ୍ଚାୟତ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ ➪ପୃଷ୍ଠା-୬



### କାନ ଡେରିଥା

ଆତଙ୍କବାଦୀ ନିପାତ ହୋଇବେ
ଖୋଜି ଖୋଜି ମରାଯିବ
ବିଶ୍ୱାସ ଉପରେ ଆକ୍ରମଣ କରି
ଧ୍ୱଂଶ ତୁମେ ହୋଇଯିବ
ଶାସନ ଆମ ଚାଲିବ...
ବିଶ୍ୱାସଘାତକ ପାକିସ୍ତାନ ତୁମେ
କାହାର ତୁମେ ନ ହେବ।

■ ଦେବାଶିଷ

## ଶିମିଳିପାଳ ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନ ମାନ୍ୟତା




କେନ୍ଦୁଝର,୨୪।୪(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟକୁ ଗୁରୁବାରଠାରୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଛି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଜି ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଥିବା ଜଙ୍ଗଲ, ପରିବେଶ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଆଜି ଏନେଇ ସୂଚନା ଦେଇଛନ୍ତି। ଜାତୀୟ ଉଦ୍ୟାନ ମାନ୍ୟତା ପାଇବା ନେଇ ସମସ୍ତ ପ୍ରକାର ପ୍ରକ୍ରିୟା ଶେଷ ହୋଇଥିବା ସେ କହିଛନ୍ତି। ପୂର୍ବରୁ ଏହାର କୋର ଓ ବଫର ଅଞ୍ଚଳରେ ବହୁ ଗ୍ରାମ, ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2025

Empowering students for a brighter future

NURSING PROGRAMMES OFFERED
- B.SC. (Nursing) (Basic)
- B.SC. (Nursing) (Post Basic)
- M.SC. (Nursing)

APPROVAL & RECOGNITIONS
- Approved by UGC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2024
- 14th Best in University Category
- 21st Best in Medical Category
- 09th Best in Dental Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


### ଏନ୍‌କାଉଣ୍ଟରକୁ କାଉଣ୍ଟର ମାମଲା

## ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ଅଭିଯୁକ୍ତର ମା'



ସତ୍ୟ ପଦାକୁ ଆଣିବାକୁ ନିବେଦନ

ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ): କମିଶନରେଟ ପୁଲିସ୍ ଏନକାଉଣ୍ଟରରେ ଗୁରୁତର ଆହତ ହୋଇ ଜେଲରେ ଥିବା ଶେଖ ଜାମସେଦର ମା' ଅମିନା ବିବି ଆଜି ରାଜ୍ୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି । ନିଜ ଓକିଲ ସୁକାନ୍ତ କୁମାର ସାହୁଙ୍କ ସହିତ ମାନବାଧିକାର କମିଶନଙ୍କ ଦପ୍ତରକୁ ଆସି ତାଙ୍କ ପୁଅକୁ କିଭଳି ପୁଲିସ୍ ମିଛ ଏନକାଉଣ୍ଟର କରିଛି, ତାହାର ଟିକିନିଖି ସୂଚନା ଦେବା ସହିତ ଗୁରୁତର ଆହତ ଥିବା ପୁଅକୁ ଜେଲ୍‌ରେ ଉତ୍ତମ ଚିକିତ୍ସା ଯୋଗାଇବା ସହ ଏହି ମିଛ ଏନକାଉଣ୍ଟର ଉପରୁ ପରଦା ହଟାଇବା ପାଇଁ ଅମିନା ବିବି ଆକୁଳ ନିବେଦନ କରିଛନ୍ତି।

ଏନକାଉଣ୍ଟରର ଶିକାର ହୋଇଥିବା ଶେଖ ଜାମସେଦର ମା' ତାଙ୍କ ନିବେଦନରେ ଦର୍ଶାଇଛନ୍ତି ଯେ ତାଙ୍କ ପୁଅକୁ ପୁଲିସ୍ ଯେଉଁ ଏନକାଉଣ୍ଟର କରିବା କଥା କହୁଛି, ତାହା ସମ୍ପୂର୍ଣ୍ଣ ମିଛ। ଏନେଇ ତାଙ୍କ ପୁଅ ପୂର୍ବରୁ ପୁଲିସ୍ କମିଶନରଙ୍କୁ ଚିଠି ଲେଖି ଅବଗତ କରିଛି। ହେଲେ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ହୋଇନାହିଁ। ଅମିନା ବିବି ଦର୍ଶାଇଛନ୍ତି ଯେ ଏପ୍ରିଲ୍ ୯ ତାରିଖରେ ତାଙ୍କ ପୁଅ ଜାମସେଦ୍ ତା'ର ଭିଣୋଇ ଘର କୋଲକତାର ସାନ୍ତ୍ରାଗାଛିକୁ ଯାଇଥିଲା। ସେଠାରେ ଆୟୋଜିତ ଭୋଜିଭାତରେ ଯୋଗଦେଇ ୧୦ ତାରିଖ ଦିନ ଭୁବନେଶ୍ୱର ଫେରିବାକୁ ଷ୍ଟେସନରେ ପହଞ୍ଚିଥିଲା। ସେହିଦିନ ଅପରାହ୍ନ ୨ଟା ୫୫ରେ ସେ ଟ୍ରେନ ନମ୍ବର ୨୨୮୫୧ରେ ସାନ୍ତ୍ରାଗାଛି ଷ୍ଟେସନ ଛାଡ଼ିବାର ଥିଲା। ଷ୍ଟେସନ ଛାଡିବା ପୂର୍ବରୁ ସେଠାରୁ ସେ ତା'ର ପତ୍ନୀ ନିଖତ ବେଗମକୁ ପ୍ରଥମେ ଭଏସ କଲ୍ ଓ ପରେ ଭିଡିଓ କଲ୍ କରିଥିଲା। ଏଥିପାଇଁ ସେ ତା'ର ଫୋନ୍ ନମ୍ବର ୯୦୯୦୦୯୮୦୦ ବ୍ୟବହାର କରିଥିଲା।

ଷ୍ଟେସନ ପରିସରରେ ଫୋନରେ କଥା ହେଉଥିବା ବେଳେ ୭/୮ ଜଣ ଲୋକ ପଛରୁ ଆସି ତା' ଦେହରେ ବନ୍ଧୁକ ଲଗାଇ ଦେଇଥିଲେ। ଫୋନ୍‌ରେ କଥା ହେଉଥିବା ପତ୍ନୀକୁ ସେ ଏ ବିଷୟରେ ଜଣାଇବା ସହିତ କିଛି ବ୍ୟକ୍ତି ମୋତେ ଅପହରଣ କରୁଛନ୍ତି ଏବଂ ମୋତେ ବଞ୍ଚାଇବାକୁ କହିଥିଲା। ସେହି ସମୟରେ ଉକ୍ତ ବ୍ୟକ୍ତିମାନେ କହିଥିଲେ ଯେ ଯଦି ତୁ ଏଠାରେ ଚିତ୍କାର କରିବୁ ତେବେ ଆମେ ତତେ ଗୁଳି କରିଦେବୁ। ଭୟରେ ପୁଅ ନିରବ ରହିବାକୁ ସେମାନେ ତାକୁ ଆଣି ଗୋଟିଏ ବୋଲେରୋରେ ବସାଇ ଭୁବନେଶ୍ୱର ଆଣିଥିଲେ। ରାସ୍ତାରେ ସେମାନଙ୍କୁ ପରିଚୟ ମାଗିବାରୁ ସେମାନେ କହିଥିଲେ ଯେ 'ଆମେ ପୁଲିସ୍ ଏବଂ ଭୁବନେଶ୍ୱରରୁ ଆସିଛୁ' । ତା'ପରେ ସେମାନେ ପୁଅକୁ ଭୁବନେଶ୍ୱର ଘର ଠିକଣା ମାଗିଲେ ଏବଂ ଘରେ ଯାଇ ଖାନତଲାସ କଲେ। ଘରେ ଆମେ ➪ପୃଷ୍ଠା-୬

SANCHAR ସଂଚାର

# ଜାତୀୟ ପଞ୍ଚାୟତିରାଜ ଦିବସରେ ଜିଲ୍ଲାସ୍ତରୀୟ ସମାରୋହ



**କେନ୍ଦ୍ରାପଡ଼ା,୨୪।୪ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୁରୀ ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୫ର ଶୁଭ ଉଦଘାଟନ କରିଥିଲେ । ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କେନ୍ଦ୍ରାପଡ଼ା ଜିଲ୍ଲାର ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆ ଓ ଆଠଟି ବ୍ଲକ ପରିସରରେ ଆୟୋଜନ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଚାଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, କେନ୍ଦ୍ରାପଡା ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ଲୋକତନ୍ତ୍ରରେ ପଞ୍ଚାୟତିରାଜର ଗୁରୁତ୍ୱ ମହତ୍ତ୍ୱପୂର୍ଣ୍ଣ। କ୍ଷମତାର ବିକେନ୍ଦ୍ରୀକରଣ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଫଳ ଆଜି ଲୋକମାନେ ପାଉଛନ୍ତି । ଲୋକମାନେ ହିଁ ଆଜିର ସରକାରରେ ମାଲିକ ବୋଲି ମାନ୍ୟବର ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଲୋକମାନଙ୍କ ନିକଟରେ ମୌଳିକ ସୁବିଧା ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନାଗୁଡିକୁ ପହଞ୍ଚାଇବା ନିମନ୍ତେ ସମସ୍ତଙ୍କର ସହଯୋଗ ସେ କାମନା କରିଥିଲେ । ଆଗାମୀ ୪ ବର୍ଷ ଭିତରେ ଗରିବ ଭୂମିହୀନ ବ୍ୟକ୍ତିଙ୍କୁ ରାଜ୍ୟ ସରକାର ୪ ଡେସିମିଲ ଜାଗା ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ୨୦୩୬ ମସିହା ସୁଦ୍ଧା ବିକଶିତ ରାଜ୍ୟ ଗଠନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି କ୍ରମରେ ଇ-ପଞ୍ଚାୟତ ସଭା ଓ ପିପିଏମଏସ ପୋର୍ଟାଲର ଉନ୍ମୋଚନ, ପଞ୍ଚାୟତ ମନିଟରିଂ ସିଷ୍ଟମ (ପୋର୍ଟାଲ ଓ ମୋବାଇଲ ଆପ)ର ଶୁଭାରମ୍ଭ କରାଯାଇଥିଲା । ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନର ଶୁଭାରମ୍ଭ ମାନ୍ୟବର ମୁଖ୍ୟମନ୍ତ୍ରୀ କରିଥିବା ବେଳେ ଜିଲ୍ଲାସ୍ତରୀୟ ସମାରୋହରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ୧୨ ଜଣ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିବା ବେଳେ ଅନ୍ତ୍ୟୋଦୟ ଯୋଜନାରେ ୪ ଜଣଙ୍କୁ ବାସଗୃହ ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ୨୦୨୩-୨୪ ଆର୍ଥିକ ବର୍ଷରେ ଉତ୍ତମ କାର୍ଯ୍ୟଦକ୍ଷତା ଓ ନିଜସ୍ୱ ଆୟ ବୃଦ୍ଧି କରିଥିବା ଆଧାରରେ ପଞ୍ଚାୟତଗୁଡ଼ିକୁ କ, ଖ ଓ ଗ ବର୍ଗୀକରଣ କରାଯାଇ କେନ୍ଦ୍ରାପଡ଼ା ଜିଲ୍ଲାର ୨୨ ଗୋଟି ଗ୍ରାମ ପଞ୍ଚାୟତକୁ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ଏସଏଫସି) ପକ୍ଷରୁ ପ୍ରଦାନ କରିବାକୁ ଥିବା ପ୍ରୋତ୍ସାହନ ରାଶି ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ମାନ୍ୟବର ମନ୍ତ୍ରୀ ପ୍ରଦାନ କରିଥିଲେ ।

ଉତ୍ସବରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଭିତ୍ତିଭୂମିର ବିକାଶ ଓ ଜନ ଶୁଣାଣିରେ ଅଭିଯୋଗଗୁଡିକର ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଉତ୍ସବରେ ଜିଲ୍ଲାସ୍ତରୀୟ ଓ ମଣ୍ଡଳସ୍ତରୀୟ ଅଧିକାରୀ, ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



## ବିଜେପିରେ ମିଶିଲେ ବିଜେଡିର ଶତାଧିକ ନେତା ଓ କର୍ମୀ

**କେନ୍ଦ୍ରାପଡ଼ା,୨୪।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ରାଜନଗର ବ୍ଲକର ବଣ୍ଡପଡା ଓ ଭିତର ଗଡ ଗ୍ରାମପଞ୍ଚାୟତର ଅନେକ ନେତା ଓ କର୍ମୀ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି। କେନ୍ଦ୍ରାପଡ଼ା ଗୌରୀଶଙ୍କର ହୋଟେଲରେ ଜିଲ୍ଲା ସଭାପତି ଶଶାଙ୍କ ସେଠିଙ୍କ ସଭାପତିତ୍ୱ ରାଜନଗର ବିଜେପି ବିଧାୟକ ପାର୍ଥ ଲଳିତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ରାଜ୍ୟ ବିଜେପି ଉପାଧ୍ୟକ୍ଷ ମନମୋହନ ସାମଲ, ଇସ୍ପାତ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ନବାଗତ ବିଜେପି କର୍ମୀଙ୍କୁ ସ୍ୱାଗତ କରିବା ସହ ଉତ୍ତରୀୟ ପ୍ରଦାନ କରିଥିଲେ। ଏହି ଅବସରରେ ରାଜନଗର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସିଅ,ସମିତିସଭ୍ୟ ଜନ୍ମେଜୟ ସେଠି,ବିଞ୍ଚାନ ରାଉତ, ଦିଲ୍ଲୀପ କୁମାର ସିଅ,ମହେନ୍ଦ୍ର କୁମାର ଦାସ,ସୁରେଶ ଚନ୍ଦ୍ର ରାଉତ, ନାରାୟଣ ସାହାଣୀ, କମଳା ସାହାଣୀ, ଲକ୍ଷ୍ମୀଧର ବାରିକ, ଆଶାଲତା ବିଶ୍ୱାଳ,ସୁକୁମାର ମଣ୍ଡଳ ଆଦି ନେତାଙ୍କ ସହ ଶତାଧିକ ବିଜେଡି କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ବିଜେପିରେ ଯୋଗଦେଇଛନ୍ତି।

## ରାଜସ୍ୱ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଲେ ସାତଭାୟା ବିସ୍ଥାପିତ

**କେନ୍ଦ୍ରାପଡା,୨୪।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାତଭାୟା (ବଗପାଟିଆ) ବିସ୍ଥାପିତ ୪୦ ଦଳିତ ସଂରକ୍ଷିତ ବର୍ଗର ପରିବାରଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଶାସନ ପକ୍ଷରୁ ଘର ଚିହ୍ନଟ କରି ବିସ୍ଥାପିତ ମାନଙ୍କ ଠାରୁ ଦସ୍ତଖତ ନେବାପରେ ଏମାନଙ୍କୁ ପଟା ପ୍ରଦାନ କରାଯାଉ ନଥିବା ପ୍ରକାଶ କରିଛନ୍ତି । ଏହି ଦାବିପତ୍ରରେ ଦୀର୍ଘ ୧୦ ବର୍ଷ ହେଲା ବିସ୍ଥାପିତମାନେ ପଟ୍ଟା ପାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ଆଗରେ ଦୀର୍ଘ ୧୫ ଦିନ ଧରି ଅନଶନରେ ବସି ନିରାଶ ହୋଇ ଫେରିଥିଲେ ମଧ ଜିଲ୍ଲା ପ୍ରଶାସନ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବିଚାର ନକରି ବିସ୍ଥାପିତ ମାନଙ୍କ ସହିତ କୌଣସି ଆଲୋଚନା ନକରି ଫେରାଇ ଦେଇଥିଲେ। ମାନ୍ୟବର ମନ୍ତ୍ରୀଙ୍କୁ ଦଳିତ ସଂରକ୍ଷିତ ବର୍ଗ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରି ଏମାନଙ୍କୁ ପାର୍ଚ୍ଚା ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ଆବାହକ ଧରଣୀଧର ରାଉତଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ପାଇକରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କାର୍ଯ୍ୟକ୍ରମ




**ନିଶ୍ଚିନ୍ତକୋଇଲି,୨୪।୪ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ଫୋଗୋଳ ପଞ୍ଚାୟତ ପାଇକରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ଅନୁଦାନରେ 'ଆମ ସଂସ୍କୃତି, ଆମ ଖେଳନା' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଏକ ଦିନିକିଆ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ପ୍ରଶିକ୍ଷକ ଭାବେ ସୀତାକାନ୍ତ ବେହେରା ଓ ଆଶୁତୋଷ ପଣ୍ଡା ଯୋଗଦେଇ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପ୍ରକାର ଖେଳନା ଓ ଶିକ୍ଷଣ ସାମଗ୍ରୀ ତିଆରି କରିବାର କୌଶଳ ଶିକ୍ଷା ପ୍ରଦାନ କରିଛନ୍ତି। ଉକ୍ତ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପୁରାତନ ଜିନିଷ ପତ୍ର, ପୁରାତନ ଖେଳନା ଓ ଖାଦ୍ୟ ପଦାର୍ଥ ପ୍ରଦର୍ଶିତ କରାଯାଇ ଏହାର ବ୍ୟବହାର ସଂକ୍ରାନ୍ତରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଭାକର ମିଶ୍ର, ମୁଖ୍ୟବକ୍ତା ଭାବେ ସିଆରସିସି ପିତାମ୍ବର ବେହେରା, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଶିକ୍ଷକ ବୃନ୍ଦାବନ ପାତ୍ର, ସୁଶାନ୍ତ ପଣ୍ଡା, ନାଏବ ସରପଞ୍ଚ ତସ୍ଲିନ୍ ଅହମ୍ମଦ, ସ୍କୁଲ ପରିଚାଳନା କମିଟି ସଭାପତି ନାରାୟଣ ସାମଲ, ଶିକ୍ଷୟିତ୍ରୀ ତୃପ୍ତି ଦାସ, କରବୀ ବେହେରା, ପ୍ରଭାରାଣୀ ବେହେରା, ସେକ ମଞ୍ଜୁର ଖାଁ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ନିହତ ପର୍ଯ୍ୟଟକଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡା,୨୪।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ତରଫରୁ ଆତଙ୍କବାଦୀଙ୍କ ଗୁଳିରେ ସହିଦ୍ ହୋଇଥିବା ନିରୀହ ପର୍ଯ୍ୟଟନଙ୍କ ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡ଼ଃ ସିପ୍ରା ମଲିକ, ଆଳିର କଂଗ୍ରେସ ବିଧାୟିକା ପ୍ରାର୍ଥୀନୀ ଡ଼ାଃ ଦେବସ୍ମିତା ଶର୍ମା, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ସମାଜସେବୀ ପ୍ରଦୀପ ମହାନ୍ତି, ସତ୍ୟପ୍ରିୟ ସାମଲ ପ୍ରମୁଖ ଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। କାଶ୍ମୀରର ପହେଲେଗାଓଁ ପର୍ଯ୍ୟଟନ ସ୍ଥଳୀକୁ ବୁଲି ଯାଇଥିବା ବିଭିନ୍ନ ରାଜ୍ୟର ପର୍ଯ୍ୟଟକ ମାନଙ୍କ ମଧ୍ୟରୁ ୨୮ ଜଣ ପର୍ଯ୍ୟଟକଙ୍କୁ ପାକିସ୍ଥାନୀ ଆତଙ୍କବାଦୀ ମାନେ ଆଖିବୁଜା ଗୁଳି ଚାଳନା କରି ହତ୍ୟା କରିଛନ୍ତି । ମୃତକଙ୍କ ପ୍ରତି ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ଏଭଳି ବର୍ବର ଅମାନୁଷିକ କାର୍ଯ୍ୟକୁ ଦୃଢ ନିନ୍ଦା କରାଯାଇଥିଲା ।




## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ଗରଦପୁର,୨୪।୪ (ସଂଚାର ବ୍ୟୁରୋ):** ରାସ୍ତାରେ ଯାଉଥିବା ବେଳେ ନୟନପୁର ପୋଲ ନିକଟରେ ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ ହୋଇଛି । ମୃତ ବ୍ୟକ୍ତିଙ୍କ ଘର କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ନାହାଳପୁର ଗ୍ରାମର ପୁରୁଷୋତ୍ତମ ମଲ୍ଲିକ (୬୦) ବୋଲି ଜଣାପଡ଼ିଛି । ସୂଚନା ମୁତାବକ ବୃଦ୍ଧ ଜଣଙ୍କ ପ୍ରତ୍ୟେକ ଦିନ ସାଇଫନ୍ ଛକକୁ ବ୍ୟବସାୟ କରିବାକୁ ଆସଥାନ୍ତି ।

## ଗ୍ରାମାଞ୍ଚଳର ଉନ୍ନତି ଦେଶ ସଶକ୍ତିର ମୁଖ୍ୟ ଶ୍ରୋତଃ ସାରଦା

### ଜାତୀୟ ପଞ୍ଚାୟତିରାଜ ଦିବସରେ ବ୍ଲକ ଅଧ୍ୟକ୍ଷାଙ୍କ ଉପରେ ଗର୍ଜିଲେ ବିଧାୟକ

### ମାହାଙ୍ଗା ବିକାଶରେ ବାଧା ସୃଷ୍ଟିକାରୀ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ମେ ୨ରୁ ପଦଯାତ୍ରା ପାଇଁ ଚେତାବନୀ




**ମାହାଙ୍ଗା,୨୪।୪ (ସଂଚାର ବ୍ୟୁରୋ):** ଆଜି ସାରା ଦେଶରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହେଉଥିବାବେଳେ ଏହି ପରିପ୍ରେକ୍ଷୀରେ ମାହାଙ୍ଗା ବ୍ଲକ ପରିସରରେ ମାହାଙ୍ଗା ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ଏଠାରେ ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ଗ୍ରାମାଞ୍ଚଳର ଉନ୍ନତି ଦେଶ ସଶକ୍ତିର ମୁଖ୍ୟ ଶ୍ରୋତ ବୋଲି ନିଜ ଉଦ୍‌ବୋଦନରେ ଦେବା ସହ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ଯୋଗ ଦେଇନଥିବାବେଳେ ବ୍ଲକ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି ଯୋଗଦେଇଥିଲେ।

ଏଭଳି ସ୍ଥଳେ ସଭାମଞ୍ଚରେ ଏକ ରୋଚକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକ ଶ୍ରୀ ପ୍ରଧାନ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା ସହ ମାହାଙ୍ଗା ବିକାଶରେ ଏବେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମଲିକ ବାଧା ସୃଷ୍ଟି କରୁଥିବାରୁ ତାଙ୍କ ଉପରେ ଖୁବ୍ ବର୍ଷିଥିଲେ। ଏପରିକି ମାହାଙ୍ଗାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା କୋଟି କୋଟି ଟଙ୍କାକୁ ମାହାଙ୍ଗାରେ କିପରି ଖର୍ଚ୍ଚ କରାନଯିବ ସେ ନେଇ ବ୍ଲକ ଅଧ୍ୟକ୍ଷା ନ୍ୟାୟାଳୟର ଆଶ୍ରୟ ନେଇ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ତାଙ୍କ ବିରୁଦ୍ଧରେ ଆସନ୍ତା ମେ ୨ରୁ କଇଥା ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମ ଠାରୁ ପଦଯାତ୍ରା ମାଧମରେ ଜନ ଆନ୍ଦୋଳନ ସୃଷ୍ଟି ପାଇଁ ବିଧାୟକ ଶ୍ରୀ ପ୍ରଧାନ ଚେତାବନୀ ଦେଇଛନ୍ତି। ଅପର ପକ୍ଷେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଉପସ୍ଥିତ ରହୁନଥିବା ବେଳେ ଉପାଧକ୍ଷ ଶ୍ରୀ ମହାନ୍ତି ପ୍ରାୟ ସରକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହୁଥିବାରୁ ତାଙ୍କୁ ବିଧାୟକ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ମାହାଙ୍ଗା ବ୍ଲକର ନୂତନ ରାସନ କାର୍ଡ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ସେହିପରି ବିଧାୟକ ଶ୍ରୀ ପ୍ରଧାନ ମାହାଙ୍ଗା ପଞ୍ଚାୟତ ସମିତି ନୂତନ ଗୃହର ଶୁଭ ଶିଳାନ୍ୟାସ କରିଥିଲେ।

## ପଞ୍ଚାୟତ ଅଧିକାରୀଙ୍କ ଖାମଖିଆଲୀ ନୀତି ଯୋଗୁଁ ଦିନରାତି ଜଳୁଛି ଷ୍ଟ୍ରିଟ୍ ଲାଇଟ୍

**ସାଲେପୁର,୨୪।୪ (ସଂଚାର ବ୍ୟୁରୋ):** ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ବିଦ୍ୟୁତ୍‌ର ବିପୁଳ ଆବଶ୍ୟକତା ରହିଅଛି। ଗ୍ରୀଷ୍ମ ପ୍ରବାହ ପାଇଁ ଲୋକମାନେ ଫ୍ୟାନ୍, କୁଲର ଓ ଏ.ସି.ର ବ୍ୟବହାର କରୁଛନ୍ତି। ଫଳରେ ବ୍ୟାପକ ମାତ୍ରାରେ ବିଦ୍ୟୁତ୍ କ୍ଷୟ ଘଟୁଥିବାରୁ ଅଧିକାଂଶ ସ୍ଥାନରେ ଲୋ ଭୋଲଟେଜ୍ ସମସ୍ୟା ସୃଷ୍ଟି ହୋଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ସଉରୀ ପଞ୍ଚାୟତ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଦିନରାତି ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ଖାମଖିଆଲୀ ନୀତି ଯୋଗୁଁ ଆବଶ୍ୟକ ନଥାଇ ଦିନରେ ୨ଟି ଷ୍ଟ୍ରିଟ୍ ଲାଇଟ୍ ଜଳୁଥିବା ଦେଖିବାକୁ ମିଳିଛି। ଏବେ ସମଗ୍ର ରାଜ୍ୟରେ ବିଦ୍ୟୁତ୍‌ର ଘୋର ଅଭାବ ରହିଥିବାବେଳେ ସଉରୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଖାମଖିଆଲୀ ନୀତି ଯୋଗୁଁ ଅଯଥାରେ ବିଦ୍ୟୁତ୍ ଅପଚୟ ହେଉଛି। ଏହାନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।




## ପଟ୍ଟାମୁଣ୍ଡାଇରେ ଜାତୀୟ ପଞ୍ଚାୟତିରାଜ ଦିବସ




**ପଟ୍ଟାମୁଣ୍ଡାଇ,୨୪।୪ (ସଂଚାର ବ୍ୟୁରୋ):** ପଂଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଆଜି ପୁରୀ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ପଂଚାୟତରାଜ ଦିବସ ପାଳିତ ହୋଇଯାଇଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ଠାରେ ଜାତୀୟ ପଂଚାୟତରାଜ ଦିବସ ପାଳିତ ହୋଇଛି । ପୁରୀ ଠାରେ ଆୟୋଜିତ ଜାତୀୟ ପଂଚାୟତରାଜ ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା । ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ,ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ବିଡ଼ିଓ ଅଶୋକ ମହାନ୍ତି, ଏ ବିଡ଼ିଓ ସନ୍ତୋଷ କୁମାର ମନ୍ତ୍ରୀ, ସହକାରୀ ଯନ୍ତ୍ରୀ ବିନୟ ମିଶ୍ର ଓ ପ୍ରସନ୍ନ ରାଉତ,ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମିତି ସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ସରପଞ୍ଚ ଦିପ୍ତିମୟୀ ପରିଡ଼ା, ଅନିଲ ଲେଙ୍କା, ସନ୍ତୋଷ ସେଠୀ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ସ୍ମୃତିମୟୀ ମଲିକ,ରାଜଶ୍ରୀ ବେହେରା, ପର୍ଶୁରାମ ରାଉତରାୟ, ସୁବାଷ ବାରିକ, କୁନି ସିଂ, ପ୍ରମୁଖ ବହୁ ସରପଞ୍ଚ ସମିତି ସଭ୍ୟ, ଆଶା, ଅଙ୍ଗନବାଡି କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଯୋଗ ଦେଇଥିଲେ । ଏଇ ଅବସରରେ ବିଭିନ୍ନ ପଂଚାୟତର ମହିଳା ଓ ପୁରୁଷ ଲୋକମାନଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା ।

## ମହାକାଳପଡ଼ାରେ ପୁଣି ସରଗରମ ଅନାସ୍ଥା ରାଜନୀତି

**● ୨୯ରେ କଳ୍ପନାଙ୍କ ବିରୋଧରେ ଭୋଟ୍ ● ଆଗରୁ ଥରେ ବାତିଲ ହୋଇଥିଲା ତାରିଖ**

**ମହାକାଳପଡ଼ା,୨୪।୪ (ସଂଚାର ବ୍ୟୁରୋ):** ଆସନ୍ତା ୨୯ରେ ମହାକାଳପଡ଼ା ବ୍ଲକ ପରିସରରେ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ପଡ଼ିବ ଅନାସ୍ଥା ଭୋଟ୍। ଏନେଇ ପ୍ରଶାସନ ତରଫରୁ ସମସ୍ତ ସରପଞ୍ଚ, ସଭ୍ୟ, ସଭ୍ୟା ମାନଙ୍କୁ ବ୍ଲକ୍ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହିବାକୁ ଚିଠି କରାଯାଇଛି। ପୂର୍ବରୁ ଥରେ ଅନାସ୍ଥା ପାଇଁ ତାରିଖ ଧାର୍ଯ୍ୟ କରିଥିଲା ଜିଲ୍ଲା ପ୍ରଶାସନ। ହେଲେ ଠିକ୍ ଗୋଟିଏ ଦିନ ପୂର୍ବରୁ ୯ ଜଣ ସଦସ୍ୟ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନାସ୍ଥା ବୈଠକରେ ସାମିଲ ହୋଇନପାରିବା ଦର୍ଶାଇବାରୁ ଜିଲ୍ଲା ପ୍ରଶାସନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନାସ୍ଥା ବୈଠକକୁ ସ୍ଥଗିତ ରଖିଥିଲେ।

ଅନାସ୍ଥା ଭୋଟ୍‌କୁ ନେଇ ମହାକାଳପଡ଼ା ରାଜନୀତିରେ ଘଡିକେ ଘୋଡ଼ା ଛୁଟୁଛି। ଉଭୟ ଶାସକ ଓ ବିରୋଧି ଅଧକ୍ଷା ପଦ ହାତେଇବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ମହାକାଳପଡ଼ା ବ୍ଲକ ଅଧକ୍ଷା ପଦ ବିଜୁ ଜନତା ଦଳ ସମର୍ଥିତ ରହିଛି। ଏହାରି ଭିତରେ ମହାକାଳପଡ଼ାରେ ନେତୃତ୍ୱ ବଦଳିଛି। ଏକଦା ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ମହାକାଳପଡ଼ା ବିଧାୟକ ଅତନୁଙ୍କୁ ସର୍ବାଧିକ ଭୋଟ୍‌ରେ ପରାସ୍ତ କରି ପ୍ରଥମକରି ବିଧାୟିକ ହୋଇଛନ୍ତି ନବାଗତ ଦୁର୍ଗା ପ୍ରସନ୍ନ ନାୟକ। ତେଣୁ ମହାକାଳପଡ଼ା ବ୍ଲକ୍ ଅଧକ୍ଷା ପଦକୁ ନିଜ ହାତ ମୁଠାରେ ରଖିବାକୁ ଚାହୁଁଛି ଶାସକ ବିଜେପି। ଯେଉଁଥିପାଇଁ ପୂର୍ବରୁ ଅଧକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣି ୩୯ ଜଣ ସରପଞ୍ଚ ଓ ସଭ୍ୟ, ସଭ୍ୟା ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଏପ୍ରିଲ୍ ୫ରେ ଅନାସ୍ଥା ବୈଠକ ଆୟୋଜନ ହେବ ବୋଲି ପ୍ରଶାସନ ତରଫରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ହେଲେ ୪ ତାରିଖରେ ୯ ଜଣ ସଭ୍ୟ ସଭ୍ୟା ବ୍ୟକ୍ତିଗତ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଅନାସ୍ଥା ବୈଠକରେ ଉପସ୍ଥିତ ହୋଇ ପାରିବେ ନାହିଁ ବୋଲି ଲିଖିତ ଜଣାଇବା ପରେ ଜିଲ୍ଲା ପ୍ରଶାସନ ହେବାକୁ ଥିବା ଅନାସ୍ଥା ବୈଠକକୁ ସ୍ଥଗିତ ରଖିଥିଲା। ଯାହାକୁ ନେଇ ଅଦାଲତରେ ମାମଲା କରାଯାଇଛି। ଆସନ୍ତା ୩୦ ଏପ୍ରିଲ୍‌ରେ ଏହାର ଶୁଣାଣୀ ଥିବା ବେଳେ ଜିଲ୍ଲା ପ୍ରଶାସନ ୨୯ ଏପ୍ରିଲରେ ଅନାସ୍ଥା ଭୋଟ୍ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛି।

ମହାକାଳପଡ଼ା ତହସିଲଦାର ଙ୍କୁ ଏହାର ପ୍ରତିନିଧିତ୍ୱ ଓ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଉଭୟ ଦଳର ନେତା ଏଥିପାଇଁ ଗୋଟି ଚାଳନା କରୁଥିବା ବେଳେ ସାଇଲେଣ୍ଟ ସଭ୍ୟ ସରପଞ୍ଚଙ୍କ ଉପରେ ଅନାସ୍ଥା ଅଙ୍କ ନିର୍ଭର କରୁଛି। ତେବେ ପୂର୍ବତନ ନାୟକ ଓ ବର୍ତ୍ତମାନର ନାୟକଙ୍କ ଗୋଟି ଚାଳନରେ ରାଉତ ବସୁଛନ୍ତି କି ଖସୁଛନ୍ତି ତାହା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଯଦି କଳ୍ପନା ଅଧକ୍ଷା ପଦ ହରାନ୍ତି ମହାକାଳପଡ଼ାରେ ଅତନୁଙ୍କ ଶେଷ ଆଶା ଭାଙ୍ଗିଯିବା ସହିତ ଦୁର୍ଗାଙ୍କ ଆଗାମି ଭବିଷ୍ୟତ ପାଇଁ ବାଟ ଖୋଲିଯିବ। ଏମିତି ଚର୍ଚ୍ଚା ଭିତରେ ୨୯ ତାରିଖରେ ହେବାକୁ ଥିବା ଅନାସ୍ଥା ବୈଠକ ସଫଳ ହେଉଛି କି ପୂର୍ବ ଭଳି ବଦଳୁଛି ତାହା ଉପରେ ସମସ୍ତଙ୍କ ନଜର।

## ସାଲେପୁର ବ୍ଲକ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ସାଲେପୁର,୨୪।୪ (ସଂଚାର ବ୍ୟୁରୋ):** ଆଜି ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ପରିସରରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭିଡ଼ିଓ କନ୍‌ଫରେନ୍ସ ମାଧମରେ ପଞ୍ଚାୟତିରାଜ ଦିବସର ମହତ୍ ସମ୍ପର୍କରେ ଅଭିଭାଷଣ ପ୍ରତ୍ୟକ୍ଷ ଲୋକପ୍ରତିନିଧି, ଜନସାଧାରଣ ଦେଖିବା ସହ ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟରେ କେଉଁ କେଉଁ କାର୍ଯ୍ୟ କରାଯାଉଛି ଓ ଲୋକମାନଙ୍କ ପାଇଁ ଓଡ଼ିଶା ସରକାର କି କି ବ୍ୟବସ୍ଥା କରିଛନ୍ତି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜର ବକ୍ତବ୍ୟ ରଖିଥିଲେ। ସାଲେପୁର ବ୍ଲକ ପରିସରରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ କାର୍ଯ୍ୟକ୍ରମରେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ମଲ୍ଲିକଙ୍କ ସମେତ ବ୍ଲକର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ସରପଞ୍ଚ ରଶ୍ମିତା ଦାସ, ମାଣିକ ବେହେରା, ସଞ୍ଜୟ କୁମାର ବେହୁରା, ପବିତ୍ର କୁମାର ସାମଲ, ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ୮ ନମ୍ବର କେନାଲରେ ଆବର୍ଜନା ପାଣି, ଦୁର୍ଗନ୍ଧରେ ଫାଟୁଛି ନାକ



**ଭାଙ୍ଗୁନି ବିଭାଗୀୟ ଅଧିକାରୀଙ୍କ ନିଦ**

**ମାହାଙ୍ଗା,୨୪।୪ (ସଂଚାର ବ୍ୟୁରୋ):** କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନରେ ଥିବା କେନ୍ଦ୍ରାପଡ଼ା କେନାଲର ମୁଖ୍ୟ ଶାଖା କେନାଲ ଯାହାକି ନିଶ୍ଚିନ୍ତକୋଇଲି ଦେଇ ମାହାଙ୍ଗା ଅଞ୍ଚଳରେ ପ୍ରବାହିତ ହେଉଛି। ଏହି କେନାଲ ଏବେ ମଇଳା ପାଣିରେ ଭର୍ତ୍ତି ହୋଇଛି। ଯାହା ଫଳରେ କେନାଲ ପାର୍ଶ୍ୱରେ ବସବାସ କରୁଥିବା ଜନସାଧାରଣ ଓ କେନାଲ ବନ୍ଧ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଦୁର୍ଗନ୍ଧରେ ହନ୍ତସନ୍ତ ହେଉଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ବଜାର ଓ ୮ ନଂ କେନାଲ ପାର୍ଶ୍ୱରେ ଥିବା ବିଭିନ୍ନ ଜଳଖିଆ ଦୋକାନ, ମାଛ ଓ ମାସଂ ଦୋକାନର ପରିତ୍ୟକ୍ତ ଦ୍ରବ୍ୟ, ବିଭିନ୍ନ ଉଠା ଦୋକାନର ଠୋଲା, ଦନା, ପ୍ଲେଟ୍ ଆଦିକୁ କେନାଲ ଭିତରେ ପକାଯାଉଛି। ଏପରିକି କେନାଲ ପାର୍ଶ୍ୱରେ ବାସ କରୁଥିବା ବ୍ୟକ୍ତିଙ୍କର ଗୋରୁ ଗୁହାଳ ମୂତ, ପାଇଖାନାର ମଇଳା ଓ ଦୈନନ୍ଦିନ ବ୍ୟବହୃତ ପରିତ୍ୟକ୍ତ ପାଣିକୁ କେନାଲ ଭିତରକୁ ଛାଡିଦିଆଯାଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କର ଦୃଷ୍ଟି ପଡୁନାହିଁ। ପୂର୍ବପରି ଏହି ୮ ନଂ କେନାଲକୁ ଅବର୍ଜନାମୁକ୍ତ କରିବା ପାଇଁ ମାହାଙ୍ଗା ଅଞ୍ଚଳର ବୁଦ୍ଧିଜୀବୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

**କଇଁଛ ଏନ୍ତୁଡିଶାଳ ଗହୀରମଥା ଚଳଚଞ୍ଚଳ**

## ୩ ଦିନରେ ସମୁଦ୍ରକୁ ଗଲେଣି କୋଟିଏରୁ ଉର୍ଦ୍ଧ୍ୱ ଶାବକ

**ରାଜନଗର,୨୪।୪ (ସଂଚାର ବ୍ୟୁରୋ):** ଦୀର୍ଘ ୫୦ଦିନ ପରେ କଇଁଛ ଏନ୍ତୁଡିଶାଳ ଗହୀରମଥା ପୁଣି ଚଳଚଂଚଳ ହୋଇ ଉଠିଛି। ମଙ୍ଗଳବାର, ବୁଧବାର, ଗୁରୁବାର ୩ଦିନ ଭିତରେ ୧ କୋଟିରୁ ଅଧିକ ଅଲିଭରିଡଲେ କଇଁଛଶାବକ ଅଣ୍ଡାରୁ ବାହାରି ମାଆଙ୍କ ପଦାଙ୍କ ଅନୁସରଣ କରିଛନ୍ତି। ଏହି ଶାବକମାନେ ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଛନ୍ତି। ଚଳିତବର୍ଷ ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହୋଇଥିବା ସମୂହ ଅଣ୍ଡାଦାନ ପକ୍ରିୟାରେ ଗହୀରମଥାର ନାସୀ-୨ରେ ୨ ଲକ୍ଷ ୫୩ ହଜାର ୪୨୬ ଅଲିଭରିଡଲେ ଅଣ୍ଡାଦାନ ପକ୍ରିୟାରେ ସାମିଲ ହୋଇ ସାରିଥିବା ବେଳେ ଏକକୁଳା ନାସିରେ ୨ ଲକ୍ଷ ୯୬ ହଜାର ୪୩୬ କଇଁଛ ଅଣ୍ଡାଦାନ କରିଥିଲେ।ଦୀର୍ଘ ୫୦ଦିନ ଭିତରେ ପ୍ରକୃତିର ନିୟମ ଅନୁସାରେ ଅଣ୍ଡାଗୁଡିକରୁ ଶାବକ ଗୁଡିକ ଜନ୍ମ ନେଇ ସମୁଦ୍ରକୁ ଯିବା ସମୟର ଅପୂର୍ବ ଦୃଶ୍ୟ ଦେଖିବାକୁ ମିଳିଛି। ମଙ୍ଗଳବାର ଓ ବୁଧବାର ଦୁଇ ଦିନରେ ନାସୀ -୨ରୁ ୮୨ ଲକ୍ଷ କଇଁଛ ଶାବକ ସମୁଦ୍ରକୁ ଯାଇଛନ୍ତି। ଆଜି ସନ୍ଧ୍ୟାରୁ ନାସୀ-୨ରୁ କଇଁଛ ଶାବକ ବାଲିରୁ ବାହାରି ସମୁଦ୍ରକୁ ଯିବା ଆରମ୍ଭ କରିଛନ୍ତି। ଅଣ୍ଡାଗୁଡିକର ଛୁଆ ଫୁଟିବା ସମୟରେ କୁଆ, ବିଲୁଆ, ଛଂଚାଣ ପ୍ରଭୃତିଙ୍କ ଦାଉରୁ ଅଣ୍ଡାଗୁଡିକୁ ସୁରକ୍ଷା ଦେବା ପାଇଁ ଗହୀରମଥା ଡେପୁଟି ରେଂଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ସମେତ ବନବିଭାଗର କର୍ମଚାରୀମାନେ ସଜାଗ ରହିଛନ୍ତି। ଏହି ପକ୍ରିୟା ଆଉ ଦୁଇ ଚାରିଦିନ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରଥମେ ନାସୀ-୨ରେ ଗଣ ଅଣ୍ଡାଦାନ ହୋଇଥିବାରୁ କଇଁଛ ସାବକ ନାସୀ-୨ରୁ ବାହାରିଛନ୍ତି।

ଦୀର୍ଘ ୩୧ ବର୍ଷ ପରେ ଏକକୁଳା ନାସୀ କଇଁଛମାନେ ଚଳିତ ବର୍ଷ ଗଣ ଅଣ୍ଡାଦାନ କରିଥିଲେ। ଏକକୁଳା ନାସୀରୁ କଇଁଛ ଶାବକ ବାହାରିନଥିବା ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି। ଅଣ୍ଡା ଦେଇ ସାରିବା ପରେ ମାଆ କଇଁଛ ତାର ଗାତକୁ ବାଲି ଗୋଡାଇ ଲୁଚାଇ ପକାଏ ଓ ସମୁଦ୍ରକୁ ଫେରିଯାଏ। ସୂର୍ଯ୍ୟଙ୍କ ଉତାପରେ ଉଷୁମ ହୋଇ ଅଣ୍ଡା ଗୁଡିକରୁ ୪୫ ରୁ ୬୦ ଦିନ ମଧ୍ୟରେ କଇଁଛ ଶାବକ ବାହାରିଥାନ୍ତି।



# ଇଣ୍ଡିଆ ଷ୍ଟିଲ-୨୦୨୫ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

- ପ୍ରମୁଖ ଶିଳ୍ପପତିଙ୍କ ସହ ଆଲୋଚନା
- ରାଜ୍ୟରେ ଇସ୍ପାତ୍ ଶିଳ୍ପର ଭବିଷ୍ୟତ ନେଇ ରଖିବେ ମତ
- ମୁମ୍ବାଇରେ ରାଜ୍ୟ ରାଉଣ୍ଡ ଟେବୁଲ ଓ ଓଡ଼ିଶା ନିବେଶକଙ୍କ କନେକ୍ଟ ସିରିଜର ନେତୃତ୍ୱ ନେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡିଶା ସରକାର ଫିକ୍କି ସହଯୋଗରେ ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆ ଷ୍ଟିଲ-୨୦୨୫ ସମ୍ମିଳନୀରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀଟି ମୁମ୍ବାଇର ଗୋରେଗାଓଁର ବମ୍ବେ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ହେଉଛି। ମୁଖ୍ୟମନ୍ତ୍ରୀ ଆଜି ସନ୍ଧ୍ୟାରେ ମୁମ୍ବାଇରେ ପହଞ୍ଚିଥିବା ବେଳେ ଆସନ୍ତାକାଲି ସମ୍ମିଳନୀରେ ଓଡିଶାର ପ୍ରତିନିଧିତ୍ୱ କରିବେ।

ବିଶ୍ୱର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଜାତୀୟ ଶିଳ୍ପପତିଙ୍କ ଉପସ୍ଥିତିରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଇଣ୍ଡିଆ ଷ୍ଟିଲ ୨୦୨୫ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମ ଇସ୍ପାତ କ୍ଷେତ୍ରର ଭବିଷ୍ୟତ ଓ ଭାରତର ବିକାଶ ଭାରତ ୨୦୪୭ ଦର୍ଶନରେ ଏହାର ଅବଦାନ ବିଷୟରେ ବିଚାର କରିବାକୁ ସରକାରୀ, ଶିଳ୍ପ, ଏକାଡେମୀ ଏବଂ ଅନ୍ତର୍ଜାତୀୟ ବାଣିଜ୍ୟରେ ହିତାଧିକାରୀମାନଙ୍କୁ ଏକତ୍ର କରିଥାଏ। ମୁଖ୍ୟ ଫୋକସ୍ କ୍ଷେତ୍ରଗୁଡିକ ହେଉଛି ସ୍ଥାୟୀ ଇସ୍ପାତ ଉତ୍ପାଦନ, କଞ୍ଚାମାଲ ସୁରକ୍ଷା, ଡିଜିଟାଲ୍ ପରିବର୍ତ୍ତନ ଓ ବିଶ୍ୱ ଭାଗୀଦାରୀ। ଆସନ୍ତାକାଲି ସମ୍ମିଳନୀର ଦ୍ୱିତୀୟ ଦିନର ମୁଖ୍ୟ ଆକର୍ଷଣ ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଓଡିଶା ପ୍ରତିନିଧି ଦଳ 'ରାଜ୍ୟ ରାଉଣ୍ଡ ଟେବୁଲ: ଓଡ଼ିଶା-ଇସ୍ପାତ ଉତ୍ପାଦନ ଏବଂ କଞ୍ଚାମାଲ ଯୋଗାଣ ଉପରେ ଧ୍ୟାନ ଦେବା'ର ଆୟୋଜନ କରିବ। ଏହି ଅଧିବେଶନରେ ଟାଟା ଷ୍ଟିଲ, ଜେଏସପିଏଲ, ଜେଏସଡବ୍ଲ୍ୟୁ, ସେଲ, ଆର୍ସେଲର ମିତ୍ତଲ ନିପ୍ପନ ଏବଂ ଅନ୍ୟାନ୍ୟ କେତେକ ଭାରତର ସର୍ବୋଚ୍ଚ ଇସ୍ପାତ ଉତ୍ପାଦକ ଅଂଶଗ୍ରହଣ କରୁଛନ୍ତି। ଏହା ଭାରତର ଇସ୍ପାତ ରାଜଧାନୀ ଭାବେ ଓଡ଼ିଶାର ନେତୃତ୍ୱକୁ ସୂଚିତ କରିବ ବୋଲି ଆଶା କରାଯାଉଛି। ଏହି ରାଉଣ୍ଡ ଟେବୁଲ୍ ରାଜ୍ୟର କଞ୍ଚାମାଲ ଶକ୍ତି, ଦୃଢ଼ ଭିତ୍ତିଭୂମି, ନିବେଶକ ଅନୁକୂଳ ନୀତି ଓ ଡାଉନଷ୍ଟ୍ରିମ୍ ସମ୍ଭାବନାକୁ ଆଲୋକିତ କରିବ। ପ୍ରମୁଖ ଶିଳ୍ପପତିମାନଙ୍କ ଦ୍ୱାରା ଅଭିଜ୍ଞତା ବାଣ୍ଟିବା ସହିତ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥାପନ କରିବେ। ଅଧିବେଶନରେ ଓଡ଼ିଶାର ଧାତୁ କ୍ଷେତ୍ର ଇକୋସିଷ୍ଟମ ଉପରେ ଏକ ଉତ୍ସର୍ଗୀକୃତ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହେବ। ରାଉଣ୍ଡ ଟେବୁଲ୍ ପରେ ମୁଖ୍ୟମନ୍ତ୍ରୀ ଇସ୍ପାତ ଓ ସହଯୋଗୀ କ୍ଷେତ୍ରର ଅଗ୍ରଣୀ ଶିଳ୍ପପତିଙ୍କ ସହ ଏକ ବୈଠକ କରିବେ। ଏଥିସହ ମୁଖ୍ୟମନ୍ତ୍ରୀ ଭାରତୀୟ ରାସାୟନିକ ପରିଷଦ (ଆଇସିସି) ଓ ଭାରତୀୟ ଡ୍ରଗ୍ ଉତ୍ପାଦକ ସଂଘ (ଆଇଡିଏମଏ) ସମେତ ପ୍ରମୁଖ ଜାତୀୟ ଶିଳ୍ପ ସଂସ୍ଥା ସହିତ ସାକ୍ଷାତ କରି ଓଡିଶାର କ୍ଷେତ୍ର କ୍ଷେତ୍ରର ଶକ୍ତି ବୃଦ୍ଧି କରିବେ।



ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଆଜି ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଦେବ ପ୍ରସାଦ ଦାଶ



କାଶ୍ମୀର ଆତଙ୍କୀ ହମଲାରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟଙ୍କ ଅମର ଅମର ସଦ୍‌ଗତି ପାଇଁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସମୂହ ଦୀପଦାନ।

## ରାଜଧାନୀରୁ ପୁଣି ନାବାଳକ ନିଖୋଜ, ଖେଳିବାକୁ ଯାଇଥିଲା ଫେରିଲାନି ଘରକୁ

**ଭୁବନେଶ୍ୱର,୨୪।୪ (ସଂଚାର ବ୍ୟୁରୋ):** ଲୁହ ଝରେଇ କାନ୍ଦୁଛି ମା' । ଜୋକଙ୍କୁ କେବେ ଫେରିବ ଛୁଆ ସେକଥା ପଚାରୁଛି । ଭୁବନେଶ୍ୱର ପଲାଶୁଣୀ ଅଞ୍ଚଳରେ ରହୁଥିବା ପଙ୍କଜିନି ସାହୁ ଓ ଦାଶରଥି ସାହୁଙ୍କ ୧୩ ବର୍ଷର ପୁଅ ବିଜ୍ଞାନ ସାହୁ ଗତ ୧୮ ତାରିଖରେ ବାହାରକୁ ଖେଳିବାକୁ ଯାଇଥିଲା । ହେଲେ ଆଉ ଘରକୁ ଫେରିନଥିଲା । ୧୯ ତାରିଖରେ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ ପରିବାର ଲୋକ। କିନ୍ତୁ ଘଟଣାକୁ ୬ ଦିନ ବିତି ଯାଇଥିଲେ ବି ଏପର୍ଯ୍ୟନ୍ତ ପୋଲିସ ଏ ମାମଲାରେ କୌଣସି ଆଖି ଦୃଶିଆ ପଦକ୍ଷେପ ନେଇ ନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକ । ଏପଟେ ଛୁଆ ଚୋରି ଖବର ପ୍ରତିଦିନ ଆସୁଛି । ରାଜଧାନୀରେ ଛୁଆମାନେ ଏବେ ସୁରକ୍ଷିତ ଲାଗୁନାହାଁନ୍ତି ବୋଲି କହିଛନ୍ତି ପଡୋଶୀ । ଅନ୍ୟପକ୍ଷରେ ପ୍ରାୟ ୩ ବର୍ଷ ହେଲା ଭୁବନେଶ୍ୱରରେ ରହି ମା'-ବାପା କାମ କରି ପେଟ ପୋଷୁଛନ୍ତି । ବାପା ଏକ ଘରୋଇ ଲଜରେ ସଫେଇ କାମ କରୁଥିବା ବେଳେ ମା' ଘର ଘର ବୁଲି ଘରକାମ କରୁଛନ୍ତି । ତେଣୁ ପରିବାରର ଆଶାର ବାଡିକୁ ଫେରାଇ ଦେବାକୁ ନେହୁରା ହୋଇଛନ୍ତି ବାପା-ମା' ।

## ଧସିଲା ମାଟି ଅତଡ଼ା, ଚାପି ହୋଇ ଚାଲିଗଲା ଜଣକ ଜୀବନ

**ବୈପାରୀଗୁଡା,୨୪।୪(ସଂଚାର ବ୍ୟୁରୋ):** ଧସିଲା ମାଟି ଅତଡ଼ା, ମାଟି ତଳେ ଚାପି ହୋଇ ଚାଲିଗଲା ଜଣକ ଜୀବନ । ମାଛ ଧରିବା ପାଇଁ ନାଳ କାଟି ପୋଖରୀ ପାଣି ନିଷ୍କାସନ କରୁଥିବା ବେଳେ ଘଟିଛି ଏଭଳି ଅଭାବନୀୟ ଘଟଣା । ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ବୈପାରୀଗୁଡ଼ାର ଯୋଡିଧାରାରେ ମାଟି ଅତଡ଼ା ଧସି ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଯୋଡିଧାରା ଗାଁର ୨୦ ବର୍ଷୀୟ ଡମ୍ବରୁ ବଡ଼ ନାୟକ । ଗାଁ ପାଖରେ ମାଛ ଧରିବେ ବୋଲି ପୋଖରୀରୁ ପାଣି ନିଷ୍କାସନ ପାଇଁ ଡମ୍ବରୁ ଏବଂ ତାଙ୍କ ସହଯୋଗୀ ନାଳ କାଟୁଥିଲେ । ହେଲେ ହଠାତ ଧସିଲା ମାଟି ଅତଡ଼ା । ୧୫ ଫୁଟ ତଳେ ଚାପି ହୋଇଗଲେ ଡମ୍ବରୁ। ଚାଲିଗଲା ତାଙ୍କ ଜୀବନ । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୈପାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଯୋଡିଧାରାରେ ଏକ ପ୍ରକାର ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

## ମେଡିକାଲ ଲିଫ୍ଟରେ ଚାପି ହୋଇ ରୋଗୀଙ୍କ ମୃତ୍ୟୁ

### ୮ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା




**ଭଦ୍ରକ ,୨୪।୪(ସଂଚାର ବ୍ୟୁରୋ):** ମେଡିକାଲ ଲିଫ୍ଟରେ ଚାପିହୋଇ ରୋଗୀଙ୍କ ମୃତ୍ୟୁ। ଦୁଃଖଦ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ହସ୍ପିଟାଲରେ। ଲିଫ୍ଟ୍ ରେ ରାନ୍ଧୀଆ ପଂଚାୟତ ନରସିଂହପୁର ଗାଁର ମିନତୀ ପରିଡାଙ୍କ ମୃତ୍ୟୁ ହୋଇଛି। ଅସୁସ୍ଥ ଅନୁଭବ କରିବାରୁ ମିନତୀ ହସ୍ପିଟାଲକୁ ଆଣିଥିଲେ। ଆଉଟ ଡୋରରେ ଥିବା ଡାକ୍ତର ତାଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ୱାର୍ଡକୁ ଯିବାକୁ କହିଥିଲେ । ମିନତୀଙ୍କୁ ପରିବାର ଲୋକେ ୱାର୍ଡ କୁ ନେବା ପାଇଁ ଷ୍ଟେଚରରେ ଲିଫ୍ଟ୍ ଭିତରେ ପଶିଥିବା ବେଳେ ହଟାତ ଲିଫ୍ଟ୍ ରେ ଚାପି ହୋଇ ଯାଇଥିଲେ ମିନତୀ । ତେବେ କୌଶଳ କ୍ରମେ ତାଙ୍କ ପୁଅ ଓ ଦିଅର ବାହାରି ଆସିଥିଲେ। ଲିଫ୍ଟରେ ଚାପି ହୋଇ ମିନତୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ମେଡିକାଲ ପରିସରରେ ସୃଷ୍ଟି ତୀବ୍ର ଉତ୍ତେଜନା ଦେଖାଦେଇଥିଲା । କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ସହ ସ୍ଥାନୀୟ ଲୋକେ ଲିଫ୍ଟ୍ ରୁ ମୃତ ମହିଳାଙ୍କୁ ବାହାର କରିବାକୁ ଦେଇ ନ ଥିଲେ । ଶେଷରେ ମୃତକଙ୍କ ପରିବାକୁ ୮ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା ସହ ଅନ୍ତେଷ୍ଟିକ୍ରିୟା ପାଇଁ ରେଡକ୍ରସ ପକ୍ଷରୁ ୩୦ ହଜାର ସହାୟତା ଦିଆଯାଇଛି । ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତି ପରେ ଉତ୍ତେଜନା ହ୍ରାସ ପାଇଛି । ସେହିପରି ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର ପାଇଁ ବ୍ୟବସ୍ଥା ହୋଇଛି ।

### ସୈନିକ ସ୍କୁଲରୁ ଅସ୍ଥାୟୀ ଡମ୍ପିଙ୍ଗ ୟାର୍ଡ ହଟାଇବା ଦାବି

## ରାଜ୍ୟପାଳଙ୍କୁ ଭେଟିଲେ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ସଦସ୍ୟ



**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ସୈନିକ ସ୍କୁଲ ପରିସରରେ ଥିବା ଅସ୍ଥାୟୀ ଡମ୍ପିଂ ୟାଡ ହଟାଇବା ଦାବି ନେଇ ଆନ୍ଦୋଳନ କରିଆସୁଥିବା ସୈନିକ ସ୍କୁଲ୍ ବଞ୍ଚାଅ ଅଭିଯାନ ପକ୍ଷରୁ ସଦସ୍ୟମାନେ ଆଜି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଏଥିସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମଧ୍ୟ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି।

ରାଜ୍ୟପାଳଙ୍କୁ ଭେଟିଥିବା ଟିମ୍‌ରେ ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, କାଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ଓ ମହାସଚିବ ଅଶୋକ ପାଇକରାୟ ରହିଥିବା ବେଳେ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆବାହକ ଭକ୍ଷାକାରି ତ୍ରିପାଠୀ, ବରିଷ୍ଠ ସଦସ୍ୟ ସିଦ୍ଧେଶ୍ୱର ନାୟକ, ସୈନିକ ସ୍କୁଲ ଅଭିଭାବକ ସଂଘ ସଭାପତି ଆଶୁତୋଷ ମିଶ୍ର ରହିଥିଲେ। ସେମାନେ ଆଲୋଚନା ସମୟରେ ସୈନିକ ସ୍କୁଲ ଭଳି ଗୌରବମୟ ଅନୁଷ୍ଠାନର ସ୍ଥାନାନ୍ତରଣ ଗ୍ରହଣୀୟ ନୁହେଁ। ତେଣୁ ଏ ସମ୍ପର୍କରେ କେନ୍ଦ୍ର ପ୍ରତିରକ୍ଷା ବିଭାଗ ସହ ଆଲୋଚନା କରିବା ସକାଶେ ସଦସ୍ୟମାନେ ରାଜ୍ୟପାଳ ନିବେଦନ କରିଥିଲେ। ରାଜ୍ୟପାଳ ମଧ୍ୟ ଏ ନେଇ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ସହର ମଧ୍ୟରେ ଅଳିଆଗଦା ରହିବା ସହ ଉକ୍ତ ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ, ୧୦ରୁ ଉର୍ଦ୍ଧ ସରକାରୀ ପ୍ରାଥମିକ ସ୍କୁଲ, ଉଚ୍ଚ ମାଧ୍ୟମିକ ସ୍କୁଲ, ବେସରକାରୀ ସ୍କୁଲ, ବାଲସୈନିକ ସ୍କୁଲ, ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ଆପୋଲୋ ହସ୍ପିଟାଲ, ଦୂରଦର୍ଶନ କେନ୍ଦ୍ର, ରେଳ ବିଭାଗ ମରାମତି କାରଖାନା ସହ ଗାଡ଼କଣ, ରଙ୍ଗାମାଟିଆ, ଧିରୁକୁଟି ବସ୍ତି, ଭିଏସଏସ ନଗର, ଲକ୍ଷ୍ମୀବିହାର, ଗଜପତି ନଗରଠାରୁ ଆରମ୍ଭ କରି ବହୁ କଲୋନୀ ପ୍ରଭାବିତ ହେଉଛନ୍ତି। ପିଲାମାନେ ଚର୍ମ, କିଡନୀ ପରି କଷ୍ଟକର ବ୍ୟାଧିରେ ଆକ୍ରାନ୍ତ ହେଉଛନ୍ତି। ଏଥିସହ ଅଞ୍ଚଳର ପ୍ରାୟ ୧୦ କିମି ପରିଧିରେ କିପରି ଲୋକ ଦୁର୍ଗନ୍ଧ ସହ ସ୍ୱାସ୍ଥ୍ୟଗତ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ସେନେଇ ସଦସ୍ୟମାନେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ଅବଗତ ହେବା ପରେ ରାଜ୍ୟପାଳ ତୁରନ୍ତ ବିଏମସି ଅଧିକାରୀମାନଙ୍କୁ ଡାକି ଆଲୋଚନା କରିଥିଲେ। ଆଲୋଚନା ପରେ ସଦସ୍ୟମାନେ ଏଦିଗରେ ରାଜ୍ୟପାଳ ଠୋସ୍ ପଦକ୍ଷେପ ନେବେ ବୋଲି ଆଶା କରିଛନ୍ତି। ନଚେତ୍ ଆଗାମୀ ଦିନରେ ସେମାନେ ସମସ୍ୟାର ସମାଧାନ ପାଇଁ ଆଇନଗତ, ବ୍ୟବସ୍ଥାଗତ ଲଢ଼େଇ ସହ ଆନ୍ଦୋଳନକୁ ଜୋରଦାର କରିବେ ବୋଲି କହିଛନ୍ତି।

## ଇମ୍ଫାରେ ବିପିଏସଆଇର କର୍ମଶାଳା




**ଚୌଦ୍ୱାର,୨୪।୪(ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଜାତୀୟ ପକ୍ଷରୁ ବିଜୁ ପଟ୍ଟନାୟକ ଇସ୍ପାତ ପ୍ରତିଷ୍ଠାନ (ବିପିଏସ୍‌ଇ) ବୃତ୍ତିଗତ ପ୍ରି-ପ୍ରୋଗ୍ରାମ (୩ପି) ଅନ୍ତର୍ଗତ ଚୌଦ୍ୱାରସ୍ଥିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା)ର ବୃତ୍ତିଗତମାନଙ୍କ ପାଇଁ 'ସର୍ତ୍ତାବଳୀ ଆଧାରିତ ମନିଟରିଂ ଓ ନିର୍ଭରଯୋଗ୍ୟତା ବିଶ୍ଳେଷଣ' ଉପରେ ଏକ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜିତ ହୋଇଛି। ବିଶେଷଜ୍ଞ ବକ୍ତା ପ୍ରଫେସର (ଡକ୍ଟର) ଇଶାମ ପାଣିଗ୍ରାହୀ, ଡକ୍ଟର ଅଶ୍ୱିନୀ କୁମାର ଓ ଡକ୍ଟର ଇତିଶ୍ରୀ ରାଉତ ବ୍ୟାବହାରିକ ପଦ୍ଧତି ମାଧ୍ୟମରେ ପ୍ରଭାବଶାଳୀ ରକ୍ଷଣାବେକ୍ଷଣ ପରିଚାଳନା, ନିର୍ଭରଯୋଗ୍ୟତା ବିଶ୍ଳେଷଣ, ଅବସ୍ଥା ଆଧାରିତ ମନିଟରିଂ ଓ ତୈଳ ବିଶ୍ଳେଷଣ ଉପରେ ବ୍ୟାଖ୍ୟା କରିଥିଲେ। ଏହି କର୍ମଶାଳା କୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ପରିଚାଳନା କରିଥିଲେ।

## ନିହତ ପର୍ଯ୍ୟଟକଙ୍କୁ ଓଡ଼ିଶା ସଚିବାଳୟ ସେବା ସଂଘର ଶ୍ରଦ୍ଧାଞ୍ଜଳି




**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ଏହି ସଭାରେ କାଶ୍ମୀରର ପହଲଗାମଠାରେ ଆତଙ୍କବାଦୀମାନଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ନିର୍ଦ୍ଦୋଷ ନାଗରିକଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକ ପ୍ରକାଶ କରାଯାଇଛି। ଲୋକସେବା ଭବନ ପରିସରରେ ଅନୁଷ୍ଠିତ ଏହି ଶୋକ ସଭାରେ ସଂଘର ଶତାଧିକ ସଦସ୍ୟ, ବରିଷ୍ଠ ଅଧିକାରୀ ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶୋକସଭାରେ ପ୍ରାଣ ହରାଇ ନିରୀହ ପର୍ଯ୍ୟଟକଙ୍କ ପାଇଁ ଦୁଃଖ ପ୍ରକାଶ କରାଯିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ସଭା ପ୍ରାରମ୍ଭରେ ଏକ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ଏହି ଆତଙ୍କବାଦୀ ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା କରାଯାଇଛି। ଏପରି ନୃଶଂସ ଓ ଅମାନବୀୟ କାର୍ଯ୍ୟ ବିରୋଧରେ ସଂଘ ଅବିଚଳ ଭାବେ ଏକତା ବ୍ୟକ୍ତ କରିବା ସହ ଦେଶରୁ ଆତଙ୍କବାଦକୁ ସମୂଳେ ଧ୍ୱଂସ କରିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରାଯାଇଛି।

### ଯୁପିଆଇ ମାଧ୍ୟମରେ ପାଣି ବିଲ୍ ପଇଠ ବ୍ୟବସ୍ଥା ଦାବି

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଭେଟିଲେ ବରିଷ୍ଠ ନାଗରିକ



**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ବର୍ତ୍ତମାନ ପ୍ରତି ମାସରେ ବିଜୁଳି, ଟେଲିଫୋନ, ଗ୍ୟାସ୍ ଆଦିର ବିଲ୍ ୟୁପିଆଇ ବା ବାର୍‌କୋଡ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି। ଏଥିରୁ ବରିଷ୍ଠ ନାଗରିକ ଓ ଜନସାଧାରଣ ମଧ୍ୟ ରିହାତିର ସୁବିଧା ପାଉଛନ୍ତି। ସେହିଭଳି ଭାବେ ୱାଟକୋର ପାଣି ବିଲ୍ ପେମେଣ୍ଟର ସୁବିଧା ଉପରୋକ୍ତ ମାଧ୍ୟମରେ ଉପଲବ୍ଧ କରିବା ପାଇଁ ନିଳାଦ୍ରୀ ବିହାର ବରିଷ୍ଠ ନାଗରିକ ଟ୍ରଷ୍ଟର ସଦସ୍ୟ ଜ୍ୟୋତିରଞ୍ଜନ ଦାସ, ବେଣୁଧର ଭୋଳ, ଦେବେନ୍ଦ୍ର ପାତ୍ର, ସାଧୁଚରଣ ସାମନ୍ତରାୟ, ବଂଶୀଧର ସେଠୀ, ଅରୁଣ ଦେ, ମାନଗୋବିନ୍ଦ ସେଠୀ ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ୱାଟକୋର ପରିଚାଳନା ନିର୍ଦ୍ଦେଶକ ଗୁରୁ ଚରଣ ଦାସଙ୍କୁ ପୃଥକ୍ ପୃଥକ୍ ଭାବେ ଭେଟି ଏକ ସ୍ମାରକପତ୍ର ଜରିଆରେ ଅନୁରୋଧ କରିଛନ୍ତି। ପାଣି ବିଲ୍ ପଇଠ କରିବା ନେଇ ୱାଟକୋ ସଂସ୍ଥା 'ସୁଯୋଗ' ଆପ୍ ଜରିଆରେ ଯେଉଁ ବ୍ୟବସ୍ଥା ଉପଲବ୍ଧ କରିଛନ୍ତି, ତାହା ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କ ପାଇଁ ସହଜସାଧ୍ୟ ହେଉନାହିଁ। ତେଣୁ ପାଣି ବିଲ୍ ପଇଠ କରିବା ନିମନ୍ତେ ଫୋନ୍‌ପେ, ଗୁଗୁଲ୍‌ପେ, ବାର୍‌କୋଡ ଏବଂ ୟୁପିଆଇ ଉପଲବ୍ଧ କରିବା ପାଇଁ ଟ୍ରଷ୍ଟର ସଦସ୍ୟମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ଏଦିଗରେ ଆସନ୍ତା ମାସକ ମଧ୍ୟରେ କୌଣସି ପଦକ୍ଷେପ ନିଆନଗଲେ, ଟ୍ରଷ୍ଟର ସଦସ୍ୟ ତଥା ବରିଷ୍ଠ ନାଗରିକମାନେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାକୁ ଚେତାବନୀ ଦେଇଛନ୍ତି।

## ରାଜ୍ୟରେ ହେବ ଆଉ ୨୦ ଏନ୍‌ଏସି: ମନ୍ତ୍ରୀ

**ଭୁବନେଶ୍ୱର,୨୪।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ଆଉ ନୂଆ ୨୦ ଏନ୍‌ଏସି ଗଠନ ପାଇଁ ପ୍ରକ୍ରିୟା ତ୍ୱରିତ ହୋଇଛି। ଏନ୍‌ଏସି ହେବା ପାଇଁ ଜିଲାଗୁଡ଼ିକରୁ ଆସିଛି ରିପୋର୍ଟ। ତର୍ଜମା ପାଇଁ ପଞ୍ଚାୟତିରାଜ ବିଭାଗକୁ ପଠାଇଛି ନଗର ଉନ୍ନୟନ ବିଭାଗ। ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ଏନ୍‌ଏସି ଗଠନ ହେବ। ଏନେଇ ସୂଚନା ଦେଇଛନ୍ତି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ବର୍ତ୍ତମାନ ୧୭% ସହରାଞ୍ଚଳ ରହିଛି ଏହାକୁ ୩୦% ବୃଦ୍ଧି ପାଇଁ ଯୋଜନା ଚାଲିଛି।

## କଳାହାଣ୍ଡିର ୮୦ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳିବ ତୀରନ୍ଦାଜୀ ତାଲିମ୍

### ପୂର୍ବତନ ଅଲିମ୍ପିଆନଙ୍କ ସହ ବେଦାନ୍ତର ଚୁକ୍ତି



**ଲାଞ୍ଜିଗଡ଼,୨୪।୪(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ତୃଣମୂଳ ସ୍ତରର କ୍ରୀଡ଼ାକୁ ସୁଦୃଢ଼ କରିବା ଓ ଭବିଷ୍ୟତର ଚାମ୍ପିଅନମାନଙ୍କୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶାର କଳାହାଣ୍ଡିଠାରେ ଏହାର ତୀରନ୍ଦାଜୀ ତାଲିମ କାର୍ଯ୍ୟକ୍ରମ ପାଇଁ ପ୍ରସିଦ୍ଧ ଅଲିମ୍ପିଆନ୍ ତଥା ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ରାହୁଲ ବାନାର୍ଜୀଙ୍କ ସହ ସହଭାଗିତା ଘୋଷଣା କରିଛନ୍ତି। ଏହି ସହଯୋଗର ଉଦ୍ଦେଶ୍ୟ ହେଉଛି ୮୦ ଜଣ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବା। ରାହୁଲ ବାନାର୍ଜୀ ଅଲିମ୍ପିକ୍ସ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସୀୟ ଚାମ୍ପିଅନସିପ୍ ସମେତ ୫୦ରୁ ଅଧିକ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସେ ହେଉଛନ୍ତି ପ୍ରଥମ ଭାରତୀୟ ତୀରନ୍ଦାଜ ଯିଏକି ରାଜ୍ୟଗୋଷ୍ଠି କ୍ରୀଡାରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଏବଂ ୨୦୦୯-୧୦ ରେ ଏସୀୟ ଗ୍ରାଣ୍ଡ ପ୍ରିକ୍ସ ହାସଲ କରିଛନ୍ତି ଏବଂ ଆଠ ଥର ଜାତୀୟ ଚାମ୍ପିଅନ୍ ହୋଇଛନ୍ତି। ତାଙ୍କର ମାର୍ଗଦର୍ଶନ ତୀରନ୍ଦାଜୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସୁଦୃଢ଼ କରିବ ଏବଂ କଳାହାଣ୍ଡିର ପ୍ରତିଭାବାନ କ୍ରୀଡ଼ାବିତମାନଙ୍କ ପାଇଁ ଏକ ପ୍ରେରଣା ଭାବେ କାର୍ଯ୍ୟ କରିବ। ସହଭାଗିତା ବିଷୟରେ ରାହୁଲ ବାନାର୍ଜୀ କହିଥିଲେ, "ଆଗାମୀ ପିଢ଼ିର ଭାରତୀୟ ତୀରନ୍ଦାଜମାନଙ୍କୁ ଗଢ଼ିବାରେ ବେଦାନ୍ତ ସହିତ କାର୍ଯ୍ୟ କରିବା ଏକ ସମ୍ମାନର ବିଷୟ। କଳାହାଣ୍ଡିରେ ଅସଂଖ୍ୟ ପ୍ରତିଭା ରହିଛି, ଏବଂ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ଏହି ଯୁବ କ୍ରୀଡ଼ାବିତମାନଙ୍କ ପାଖରେ ବିଶ୍ୱ ମଞ୍ଚରେ ଚମକିବାର କ୍ଷମତା ରହିଛି। ଏହି ଅବସରରେ ଉଦବୋଧନ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ କ୍ରୀଡ଼ା ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ଉତପ୍ରେରକ ହୋଇପାରେ।

### ପହଲଗାମ ଘଟଣାକୁ ଏବିଭିପିର ନିନ୍ଦା

## ମୃତକଙ୍କ ଉଦ୍ଦେଶ୍ୟରେ ଦୀପଦାନ

**ଭଦ୍ରକ,୨୪।୪(ସଂଚାର ବ୍ୟୁରୋ):** ଜମ୍ମୁ-କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ନିରୀହ ପର୍ଯ୍ୟଟକଙ୍କୁ ଧାର୍ମିକ ଆଧାରରେ ଗୁଳି ମାରି ହତ୍ୟା କରିବା ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଭଦ୍ରକ ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଏଥିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପାଇଁ ସହରର ଦକ୍ଷିଣ କାଳୀ ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଛି। ଏହି ବର୍ବରୋଚିତ କାଣ୍ଡ ଘଟାଇଥିବା ସମସ୍ତ ଆତଙ୍କବାଦୀ ଏବଂ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ସରକାର ଓ ସେନା ବିରୁଦ୍ଧରେ ଭାରତ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ପରିଷଦ ପକ୍ଷରୁ ଦାବି କରାଯାଇଛି। ଦୀପଦାନ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟା ପାର୍ବତୀ ମିଶ୍ର, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ବାଲେଶ୍ୱର ବିଭାଗ ସହସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ସବିଷ୍କାର ରାଜ୍ୟ ସଂଯୋଜକ ଦେବୀ ପ୍ରସାଦ ଦାଶ, ଜିଲ୍ଲା କ୍ରୀଡ଼ା ପ୍ରମୁଖ ସତ୍ୟ ପ୍ରକାଶ ମହାନ୍ତି, ନଗର ସମ୍ପାଦକ ଓଁକାର ମହାନ୍ତି, ଦୁର୍ଗା ଶଙ୍କର ଜେନା, ଗୋପିକ୍ରିଷ୍ଣା ବାରିକ, ଶୁଭମ୍ ରାଉତ, ଗୌତମୀ ପାଢ଼ୀ, ଦିବ୍ୟ କାନୁନଗୋ, ମନୋରଞ୍ଜନ ମହାନ୍ତି, ରାଜେଶ ପଣ୍ଡୁଆ, ହନୁମାନ ଗୁପ୍ତା, ମନଜିତ ଦତ୍ତ, ରବି ରେଡ୍ଡୀ, ତାପଜ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




# ଜଳଯୋଗାଣ ଓ ସ୍ୱରେଜ, ଠିକା କର୍ମଚାରୀ ଅଧିକ

**ଭୁବନେଶ୍ୱର,୨୪।୪:** ଓଡ଼ିଶା ଜଳ ଯୋଗାଣ ଓ ସ୍ୱରେଜ ବୋର୍ଡ ଏବେ ଠିକା କର୍ମଚାରୀଙ୍କ ଭରସାରେ । ଏହି ସଂସ୍ଥାପାଇଁ ଯେତିକି ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି ତାହାର ଅଧାରୁ ଅଧିକ ପଦବୀ ଖାଲି ପଡିଛି ।

ଜଳ ଯୋଗାଣ ଓ ସ୍ୱରେଜ ବୋର୍ଡ ପାଇଁ ମୋଟ୍ ୧୨୦ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏଥିରୁ ୬୩ଟି ପଦବୀ ଖାଲି ପଡିଛି । ମଞ୍ଜୁରୀପାପ୍ତ ୫ଟି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟରୁ ୬ଟି ଖାଲି ପଡିଥିବାବେଳେ ୧୪ଟି ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ମଧ୍ୟରୁ ୮ଟି ପଦବୀ ଖାଲି। ସେହିଭଳି ୨୪ଟି ସହକାରୀ ଓ କନିଷ୍ଠ ଯନ୍ତ୍ରୀ ପଦବୀ ମଧ୍ୟରୁ ୧୧ଟି ଖାଲି ପଡିଥିବାବେଳେ ଗୋଟିଏ ବରିଷ୍ଠ ଡିଏଓ ପଦବୀରେ କେହି ନାହାନ୍ତି।

ବରିଷ୍ଠ ସହାୟକ, ଡ୍ରାଫ୍ଟସମ୍ୟାନ, ବରିଷ୍ଠ ଷ୍ଟେନୋଗ୍ରାଫର, କନିଷ୍ଠ ଷ୍ଟେନୋଗ୍ରାଫର, ବରିଷ୍ଠ ନିର୍ବାହୀ ସହାୟକ, କନିଷ୍ଠ ନିର୍ବାହୀ ସହାୟକ ଆଦି ପାଇଁ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲି ପଡିଥିବାବେଳେ ୫ଟି ବରିଷ୍ଠ କିରାଣୀ ପଦବୀରେ ୪ଜଣ କାର୍ଯ୍ୟରତ ଅଛନ୍ତି। ୮ଟି କନିଷ୍ଠ କିରାଣୀ ପଦବୀ ମଧ୍ୟରୁ ୬ଟି ଖାଲି ପଡିଥିବାବେଳେ ରିସେପନିଷ୍ଟ ପଦବୀଟି ମଧ୍ୟ ପୂରଣ ହୋଇପାରୁ ନାହିଁ। ତେବେ ମଞ୍ଜୁରୀପ୍ରାପ୍ତ ସରକାରୀ ପଦବୀଗୁଡିକ ଖାଲି ପଡିଥିବାବେଳେ କାମ ଚଳାଇବା ପାଇଁ କିନ୍ତୁ ୭୦ ଜଣ ଡିଏଲ୍‌ଆର କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କ ଭରସାରେ ଦପ୍ତର ଚାଲୁଥିବା ଜଣାଯାଇଛି। ଏଭଳି କର୍ମଚାରୀଙ୍କ ମଧ୍ୟରୁ ୱାଟକୋରେ ୩୫ଜଣ କାର୍ଯ୍ୟରତ ଥିବାବେଳେ ଓଡ଼ିଶା ଜଳଯୋଗାଣ ଓ ସ୍ୱରେଜ ବୋର୍ଡରେ ୩୫ଜଣ କାର୍ଯ୍ୟରତ ଅଛନ୍ତି ।

ରାଜ୍ୟ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ଜଳଯୋଗାଣ ଓ ସ୍ୱରେଜ ବୋର୍ଡ ସହିତ ୱାଟ୍‌କୋ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସରକାରୀ ସଂସ୍ଥା ହୋଇଥିବାବେଳେ ଏଠାରେ ଥିବା ମଞ୍ଜୁରୀପ୍ରାପ୍ତ ପଦବୀଗୁଡିକ ପୂରଣ ନହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । କାରଣ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାରେ ସ୍ୱରେଜ ବୋର୍ଡର କଳେବର ବୃଦ୍ଧି ପାଉଥିବାବେଳେ ସହରାଞ୍ଚଳରେ ଲୋକଙ୍କୁ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ଦାୟିତ୍ୱ ୱାଟ୍‌କୋ ହାତରେ ରହିଛି ।

ରାଜ୍ୟରେ ସହରାଞ୍ଚଳ ପରିସୀମା ବୃଦ୍ଧି ସହିତ ସରାଞ୍ଚଳର ଜନସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ସହରାଞ୍ଚଳରୁ ବସ୍ତି ଉଚ୍ଛେଦ ସହିତ ବସ୍ତିବାସିନ୍ଦାଙ୍କୁ ଥଇଥାନ କାର୍ଯ୍ୟ ହାତକୁ ନିଆଯାଇଛି। ସହରରେ ଯେଭଳି ସମସ୍ତ ବ୍ୟକ୍ତି ବିଶୁଦ୍ଧ ପାନୀୟଜଳ ପାଇବେ ତାହା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ସ୍ୱରେଜ ବ୍ୟବସ୍ଥା ଉପରେ ସରକାର ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏଭଳି ସ୍ଥିତିରେ ମଞ୍ଜୁରୀପ୍ରାପ୍ତ ପଦବୀଗୁଡିକ ପୂରଣ ନହେବା ଏବେ ଯୋଜନା କାର୍ଯ୍ୟକାରିତା ନେଇ ଆହ୍ୱାନ ସୃଷ୍ଟି ହୋଇଛି । ଏହି ସଂସ୍ଥା ପାଇଁ ଥିବା ମୁଖ୍ୟଯନ୍ତ୍ରୀ ପାହ୍ୟାର ଏକମାତ୍ର ସଦସ୍ୟ ସଚିବ ପଦବୀଟି ବି ପୂରଣ ହୋଇପାରୁ ନାହିଁ । ଠିକା କର୍ମଚାରୀଙ୍କ ହାତରେ ଏଭଳି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାର ପରିଚାଳନା ବଦଳରେ ତୁରନ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ ସହିତ ଆବଶ୍ୟକ ହେଉଥିବା ପଦବୀ ସୃଷ୍ଟି ପାଇଁ ମତପ୍ରକାଶ ପାଉଛି । (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର



# ବିରୋଧୀଙ୍କ ନିରାଧାର ଅଭିଯୋଗ

ଲୋକସଭା ନିର୍ବାଚନ ଏବଂ ପରେ ପରେ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସାରା ଦେଶରେ ଏକ ନୂଆ ଅଭିଯୋଗ ଆସୁଛି। ଏହାର କୌଣସି ପ୍ରମାଣ ନାହିଁ ବା ଏହା ବିଶ୍ୱାସଯୋଗ୍ୟ ନୁହେଁ। କିନ୍ତୁ ବାରମ୍ବାର ଏକଥା କୁହାଯାଉଛି ଯେ, ଲୋକସଭା ଏବଂ ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନରେ ଭୋଟର ତାଲିକାରେ ଗଡ଼ବଡ଼ କରି ଏନଡିଏ ଜିତିଛି। ଏଥିରେ ନିର୍ବାଚନ କମିଶନଙ୍କୁ ବି କାଠଗଡ଼ାରେ ଠିଆ କରାଯାଇଛି। ନିର୍ବାଚନ କମିଶନ ବାରମ୍ବାର ଏହି ଅଭିଯୋଗକୁ ଅସ୍ୱୀକାର କରି ଆସୁଛନ୍ତି। ପ୍ରଥମେ ଇଭିଏମ ଟାମ୍ପରିଂ ନେଇ ଅନେକ ଅଭିଯୋଗ ହେଲା। ଏବେ ବି ଏହା ଚାଲୁଛି। ଇଭିଏମ ଗଡ଼ବଡ଼ ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ ବାରମ୍ବାର କହୁଛନ୍ତି। କେହି ଆଜି ପର୍ଯ୍ୟନ୍ତ ଇଭିଏମ ଟାମ୍ପରିଂର ପ୍ରମାଣ ମଧ ଉପସ୍ଥାପନ କରି ପାରି ନାହାଁନ୍ତି। କିନ୍ତୁ ଏହା ସତ୍ତ୍ୱେ ଅନେକ ଏହାକୁ ବିଶ୍ୱାସ କରୁଛନ୍ତି। ବିଜେପିର ସଫଳତାରେ ଅନେକ ଅସହିଷ୍ଣୁ ହୋଇ ଏହାକୁ ପ୍ରଚାର କରୁଛନ୍ତି। ଏବେ ଏଥିରେ ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ ଯୋଡ଼ି ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଉଠାଇବା ପରେ ଅନ୍ୟ କିଛି ବିରୋଧୀ ନେତା ଏହା ସପକ୍ଷରେ ସ୍ୱର ଉତ୍ତୋଳନ କରିଛନ୍ତି। ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ଅପ୍ରତ୍ୟାଶିତ ବିଜୟ ପରେ ଏହି ଅଭିଯାଗ ଦାନା ବାନ୍ଧିଛି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ, ଲୋକସଭା ନିର୍ବାଚନ ପରେ ମହାରାଷ୍ଟ୍ରରେ ଭୋଟର ତାଲିକାରେ ମତଦାତାଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ୧୧୮ଟି ବିଧାନସଭା କ୍ଷେତ୍ରରେ ମାତ୍ର ୫ ମାସରେ ୭୨ ଲକ୍ଷ ନୂଆ ଭୋଟର ସାମିଲ ହୋଇଛି। ସେଥିରୁ ୧୦୨ଟି ଆସନରେ ବିଜେପି ଜିତିଛି। ଏହାକୁ ଏକ ଅନିୟମିତତା ବୋଲି କହି ରାହୁଲ ଏଥିପାଇଁ ନିର୍ବାଚନ କମିଶନଙ୍କୁ ଦାୟୀ କରିଛନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ହାସ୍ୟାସ୍ପଦ। ନିର୍ବାଚନ କମିଶନ ଅଭିଯୋଗକୁ ଖଣ୍ଡନକରି କହିଛନ୍ତି ଯେ, ୧୮/୧୯ ବର୍ଷର ନୂଆ ଭୋଟରମାନେ ମତଦାତା ତାଲିକାରେ ସାମିଲ ହୋଇଛନ୍ତି। ତେଣୁ ଭୋଟର ତାଲିକାରେ ମତଦାତାଙ୍କ ସଂଖ୍ୟା ୨ ପ୍ରତିଶତ ବଢ଼ିବା ଏକ ସ୍ୱାଭାବିକ ପ୍ରକ୍ରିୟା। ନିକଟରେ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଶେଷ ହୋଇଛି।



ନିର୍ବାଚନ କମିଶନଙ୍କ ପକ୍ଷରୁ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ ଦେଶରେ ଭୋଟରଙ୍କ ସଂଖ୍ୟା ୯୯ କୋଟି ଟପିଛି। ସିକିମ, ନାଗାଲାଣ୍ଡ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ରୁ ଭୋଟର ତାଲିକା ଆସିନାହିଁ। ଏହା ଆସିବା ପରେ ଦେଶରେ ମୋଟ ଭୋଟରଙ୍କ ସଂଖ୍ୟା ୧୦୦ କୋଟି ନିକଟତର ହେବ ବୋଲି ଆଶା କରାଯାଉଛି। ସଂଶୋଧିତ ଭୋଟର ତାଲିକାରେ ମତଦାତାଙ୍କ ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୨.୪ ପ୍ରତିଶତ ବଢ଼ିଛି। ତେଣୁ କେବଳ ମହାରାଷ୍ଟ୍ରର ନିର୍ଦ୍ଦିଷ୍ଟ ୧୧୮ଟି ବିଧାନସଭା ଆସନରେ ମତଦାତାଙ୍କ ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି ନେଇ ରାହୁଲଙ୍କ ଅଭିଯୋଗ ଗ୍ରହଣୀୟ ଲାଗୁନି। ତାଙ୍କ ଅଭିଯୋଗ ଅନ୍ଧର ଅଭିଯୋଗ ଭଳି ଲାଗୁଛି। ବିରୋଧୀ ଦଳ ନେତା ଏବଂ ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କ ପକ୍ଷରେ ଏଭଳି ଅପରିପକ୍ୱତା ଶୋଭାପାଉନି। ସତକଥା ହେଲା ହରିୟାନା ପରେ ମହାରାଷ୍ଟ୍ର ଭଳି ଏକ ବଡ଼ ରାଜ୍ୟରେ ପରାଜୟକୁ କଂଗ୍ରେସ ସହଜରେ ହଜମ କରିପାରୁନାହିଁ। ଏଥିପାଇଁ କଂଗ୍ରେସ ଇଭିଏମକୁ ଦାୟୀ କରି ନିଜ ଲଜ୍ଜା ନିବାରଣ ନିମନ୍ତେ ଉଦ୍ୟମ କରୁଛି। ପ୍ରତି ନିର୍ବାଚନରେ ଏଭଳି ପରାଜୟ ପରେ କଂଗ୍ରେସ ଏହାର ସହଯୋଗୀ ଦଳମାନେ ସବୁ ବେଳେ ଏଭଳି ବାହାନା କରନ୍ତି। ବିଜେପି ନିକଟରୁ ପରାଜୟକୁ ସେମାନେ ବରଦାସ୍ତ କରିପାରୁନାହାଁନ୍ତି। ତାମିଲନାଡ଼ୁ ଏବଂ କେରଳରେ ବିଜେପିର ସ୍ଥିତି ଦୁର୍ବଳ ଏବଂ ଏହା ରେସରେ ନାହିଁ। ତେଣୁ ସେଠାରେ ଯିଏ ଜିତିଲେ କି ହାରିଲେ କେହି ଇଭିଏମର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଉ ନାହାଁନ୍ତି। ମହାରାଷ୍ଟ୍ର ପରାଜୟ ପରେ କଂଗ୍ରେସ ଓ ଏହାର ସହଯୋଗୀ ଦଳ ଗୁଡ଼ିକ ଦେଶବ୍ୟାପୀ ଇଭିଏମ ହଟାଅ ଅଭିଯାନ ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଏହାକୁ କହନ୍ତି ଓଷଦ ବିକଳରେ ତାଟିଆ କାମୁଡ଼ିବା। ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନରେ ବିଜେପି ବା ଏନଡିଏର ପ୍ରଦର୍ଶନ ଖରାପ ହୋଇଥିଲା। ସେତେବେଳେ ଇଭିଏମ ଠିକ ଥିଲା। ଏବେ ବିଧାନସଭା ନିର୍ବାଚନରେ ଇଭିଏମ ଖଳନାୟକ ଭୂମିକା ନେଲା। ଭାରତରେ ଅନେକ ବର୍ଷ ହେବ ବାଲଟ ପେପର ପରିବର୍ତ୍ତେ ନିର୍ବାଚନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେସିନ (ଇଭିଏମ) ବ୍ୟବହାର ହୋଇଆସୁଛି। ଏହା ଦ୍ୱାରା ମତଦାନ ତ୍ୱରିତ ହୋଇପାରୁଛି, କାହାର ଭୋଟ ଖଣ୍ଡେ ନାକଚ ହେଉନି, ଗଣତି ପ୍ରକ୍ରିୟା ମଧ ଶୀଘ୍ର ଶେଷ ହେଉଛି। ଅତୀତରେ ଅନେକ ଥର ଏଭଳି ଦେଖାଯାଇଛି ଯେ, ଜୟ-ପରାଜୟର ବ୍ୟବଧାନଠାରୁ ନାକଚ ଭୋଟ ସଂଖ୍ୟା ଅଧିକ ରହୁଛି। ଏସବୁ ଭୋଟ ନାକଚ ନହୋଇଥିଲେ ହୁଏତ ପରିଣାମ ଭିନ୍ନ ହୋଇଥାଆନ୍ତା। ଇଭିଏମ ବ୍ୟବହାର ଯୋଗୁ ଗଣତିରେ କିଛି ଭୁଲ ଭଟକା ରହୁନି। ପୂର୍ବରୁ କାଗଜ ଖଣ୍ଡ ଖଣ୍ଡ କରି ଏକାଠି କରି ବିଡ଼ା ବନ୍ଧା ଯାଉଥିଲା ଏବଂ ଏହାକୁ ଗଣତି କରାଯାଉଥିଲା। ଏବେ ମେସିନ ସୁଇଚ ଟିପିଲେ କାହାକୁ କେତେ ଭୋଟ ମିଳିଛି ତାହା ମୁହୂର୍ତ୍ତକ ମଧରେ ସ୍ପଷ୍ଟ ହୋଇଯାଉଛି। ପୂର୍ବରୁ ଭୋଟ ଗଣତି ପାଇଁ ଦୁଇଦିନ ଲାଗିଯାଉଥିଲା। ଏବେ ଭୋଟ ଗଣତି ଦିନ ସବୁ ଆସନର ଫଳାଫଳ ପ୍ରକାଶ ପାଇଯାଉଛି। ଇଭିଏମ ବ୍ୟବହାରକୁ ମୂଳରୁ ସମସ୍ତେ ସ୍ୱାଗତ କରୁଥିଲେ। କିନ୍ତୁ ୨୦୧୪ରେ ଯେବେଠାରୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ବିଜେପି କ୍ଷମତାସୀନ ହୋଇଛି, ସେବେଠାରୁ ଇଭିଏମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା ଖଳନାୟକ ସାଜିଛି। ଯେତେବେଳେ ଯେଉଁ ଦଳ ନିର୍ବାଚନରେ ପରାଜିତ ହେଉଛି, ସେତେବେଳେ ସେହି ଦଳ ପରାଜ୍ର ନିମନ୍ତେ ଇଭିଏମକୁ ଦାୟୀ କରୁଛି। ଯେଉଁ ଦଳ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛନ୍ତି, ସେହି ଦଳ ଯେତେବେଳେ ନିର୍ବାଚନରେ ଜିତୁଛି ସେତେବେଳେ ଇଭିଏମ ଉପରେ ପ୍ରଶ୍ନବାଚୀ ଉଠାଉନି। ଉଦାହରଣ ସ୍ୱରୂପ ଆମ ଆଦମୀ ପାର୍ଟୀ ସବୁ ବେଳେ ଇଭିଏମ ଟାମ୍ପରିଂ ଅଭିଯୋଗ ଉଠାଉଛି। କିନ୍ତୁ ଏହି ଦଳ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବାରମ୍ବାର ବିଜୟ ହାସଲ କରି କ୍ଷମତା ଦଖଲ କରିଛି। ପଞ୍ଜାବରେ ମଧ ଏହା କ୍ଷମତାସୀନ ରହିଛି। କଂଗ୍ରେସ ହରିୟାନାରେ ଇଭିଏମ ଟାମ୍ପରିଂ ଅଭିଯୋଗ ଆଣିଛି। କିନ୍ତୁ ଏହି ଦଳ ଝାଡ଼ଖଣ୍ଡ, କର୍ଣ୍ଣାଟକ, ତେଲେଙ୍ଗାନା, ହିମାଚଳ ପ୍ରଦେଶରେ ବିଜୟ ହାସଲ କରି କ୍ଷମତାସୀନ ରହିଛି। ଏହା ଗ୍ରହଣୀୟ ନୁହେଁ। ଅତୀତରେ ଓଡ଼ିଶାରେ ବିଜେପି ମଧ ଜନାଦେଶକୁ ଯନ୍ତ୍ରାଦେଶ ବୋଲି କହୁଥିଲା। ଏବେ ସେହି ଦଳ ପୁଣି କିପରି ନିର୍ବାଚନରେ ବିଜୟୀ ହୋଇ କ୍ଷମତା ଦଖଲ କରିଛି? ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ୍ରମାଗତ ଭାବେ ନିର୍ବାଚନରେ ବିଜୟ ହାସଲ କରୁଛି। ସେଠାରେ କେନ୍ଦ୍ର ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରୁ ନାହାଁନ୍ତି। ଏକଦା ୟୁପିରେ ଅଖିଳେଶ ଯାଦଦବ କ୍ଷମତାସୀନ ଥିଲେ। ସେତେବେଳେ ନିର୍ବାଚନରେ ବିଜେପି ବିଜୟୀ ହେଲା। ସେତେବେଳେ ଅଖିଳେଶ ସରକାର କାହିଁକି ଇଭିଏମ ଟାମ୍ପରିଂ କରିପାରିଲେ ନାହିଁ। କାରଣ ରାଜ୍ୟ ପ୍ରଶାସନ ସବୁ ବେଳେ ରାଜ୍ୟରେ କ୍ଷମତାସୀନ ଦଳ ହାତରେ ରହିଥାଏ। ଅତୀତରେ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡ଼ଉ ଭିଏମ ଟାମ୍ପରିଂ ଅଭିଯୋଗ ଉଠାଇଥିଲେ। ଏବେ ସେହି ଦଳ ରାଜ୍ୟରେ ନିର୍ବାଚନ ଜିତି କ୍ଷମତାସୀନ ହୋଇଛି। ଉଚିତ। ଇଭିଏମକୁ ବ୍ୟବହାରକୁ ଆହୁରି ସ୍ୱଚ୍ଛ ଏବଂ ସନ୍ଦେହମୁକ୍ତ କରିବା ନିମନ୍ତେ କ'ଣ କରାଯାଇପାରିବ ସେଥିଲାଗି ଏକ ଏକ୍ସପର୍ଟ କମିଟି ଗଠିତ ହେବା ଉଚିତ। କମିଟିର ସୁପାରିସ ଆଧାରରେ ପଦକ୍ଷେପ ନିଆଯିବା ଉଚିତ। ଏ ପ୍ରକାର ଡ୍ରାମାବାଜି ବନ୍ଦ ହେବା ଉଚିତ। ଆଉ ପଛକୁ ଫେରିବା ଉଚିତ ନୁହେଁ। ଆଇଟି ଯୁଗରେ ପୁଣି କାଗଜ ବ୍ୟବହାର ହାସ୍ୟାସ୍ପଦ।

# ସ୍ୱତନ୍ତ୍ର ଉତ୍କଳର ନିର୍ମାତା ମଧୁବାବୁ

**ଶ୍ରୀ ଦାଶରଥୀ ଶତପଥୀ**



ଆଜି ଉତ୍କଳର ପବିତ୍ର ମାଟିରୁ ବହୁ ବରେଣ୍ୟ, ତ୍ୟାଗୀ, ବୀରପୁତ୍ର, ମହାନୁଭବ, ମହାମାନବଗଣ ହଜି ଯାଇଛନ୍ତି ଓ ସେମାନଙ୍କର ବଳିଷ୍ଠ ନେତୃତ୍ୱ ବଳରେ ଉତ୍କଳଜନନୀ ଆଜି ଗର୍ବିତ। ତନ୍ମଧରୁ ଯୁଗପୁରୁଷ କୁଳବୃଦ୍ଧ ମଧୁସୂଦନ ଦାସ ଅନ୍ୟତମ। ସେ ପ୍ରାତଃସ୍ମରଣୀୟ। ସେ ଥିଲେ ବିଚକ୍ଷଣ ବୁଦ୍ଧିମାନ। ଅଖ୍ୟାତ ପଲ୍ଲୀର ସୁଖ୍ୟାତ ସନ୍ତାନ, ଉତ୍କଳ ମାଟିର କୃତୀ, କିର୍ତ୍ତିମାନ।ଯେତେବେଳେ ଉତ୍କଳ ଜନନୀ ଛିନ୍ନମସ୍ତା, ଆମର ସାମାଜିକ ଅର୍ଥନୀତି ବିପର୍ଯ୍ୟସ୍ତ, ରାଜନୈତିକ, ସାଂସ୍କୃତିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଏବଂ ସାଧାରଣ ମଣିଷ ଦୁଃଖ, ଦୈନ୍ୟ, ଅଭାବ, ଅନାଟନ, ହତାଶ ଭିତରେ କବଳିତ ହୋଇ ରହିଥିବାବେଳେ, ଏପରି ଏକ ଚରମ ଦୁର୍ଦ୍ଦିନରେ ଏହି ମହାନ ପୁରୁଷ ମଧୁସୂଦନଙ୍କ ଆବିର୍ଭାବ ହୋଇଥିଲା ,୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ କଟକ ଜିଲ୍ଲାର ସତ୍ୟଭାମାପୁର ଗାଁରେ।

ଗାଁ ଚାଟଶାଳିରୁ ପାଠପଢ଼ା ଆରମ୍ଭ ଓ ପରେ ରେଭେନ୍ସା କଲେଜିଏଟ ସ୍କୁଲ ଏବଂ ଉଚ୍ଚଶିକ୍ଷା ପାଇଁ କଷ୍ଟସାଧ ଅଭିଯାନରେ କଲିକତା ଯାଇ ଅକ୍ଲାନ୍ତ ଉଦ୍ୟମ କରି ସେଠାରୁ ଏମ.ଏ. ପାଶ୍, ବି.ଏଲ. ଡିଗ୍ରୀ ହାସଲ କରିବା ଭିତରେ ଅଧାପନା, କଲିକତା ହାଇକୋର୍ଟରୁ ଓକିଲାତି କରି ଜଣେ ସୁନାମଧନ୍ୟ ଓକିଲଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ।ସେଠାରେ ପ୍ରବାସୀ ଓଡିଆ ଶ୍ରମିକଙ୍କ ଉଚ୍ଛେଦ ପାଇଁ ହାଇକୋର୍ଟରେ ଲଢି କୃତକାର୍ଯ୍ୟ ହୋଇ ଓଡିଶାର ଦୁଃଖ, ଦୁର୍ଦ୍ଦଶା କଥା ମନେପକାଇ ବ୍ୟତିବ୍ୟସ୍ତ ହୋଇପଡିଥିଲେ ଏବଂ ନିଜେ ଓଡିଆ ଜାତିର ସେବା କରିବା ପାଇଁ କଲିକତା ଛାଡି କଟକକୁ ନିଜର କର୍ମଭୂମି ଭାବି ଅବସ୍ଥାପିତ ହୋଇଥିଲେ।

ସ୍ୱାଭିମାନୀ ଓଡିଆ ଜାତିର ଜାତୀୟତାକୁ ସଂପୂର୍ଣ୍ଣ ଭାବେ ଲୋପକରି ଏକ ଗୋଡାଣିଆ, ଖୋସାମତିଆ ସଂସ୍କୃତି ସୃଷ୍ଟି କରିବା ପାଇଁ ଇଂରେଜମାନେ ଓଡିଶାର କିଛି ଅଂଶ ମାନ୍ଦ୍ରାଜ ପ୍ରଦେଶରେ, କିଛି ଅଂଶ ବେଙ୍ଗଲ, କିଛି ଅଂଶ ବିହାରରେ ଓଡିଶା ପ୍ରଦେଶର ବିଛୁରିତ ଅବସ୍ଥାରେ ରହିଥିଲା ଏବଂ ଇଂରେଜମାନଙ୍କର ପ୍ରଭାବରେ ଓଡିଆ ଭାଷାର ଚଳନି ଉପରେ ବିପଦ ଦେଖାଦେଇଥିଲା। ଏହି ସମସ୍ୟା ମଧୁବାବୁଙ୍କୁ ବ୍ୟତିବ୍ୟସ୍ତ କରିପକାଇଥିଲା। ଗୋଟିଏ ଜାତିକୁ ଦିଗଦର୍ଶନ ଦେବା ସଙ୍ଗେ ସଙ୍ଗେ ଓଡିଶାର ଅତୀତ ଗୌରବମୟ ସଂସ୍କୃତିକୁ ପ୍ରାଧାନ୍ୟ ଦେଇ କିପରି କର୍ମବୀର ହେବାକୁ ପଡିବ ତାହା କବିତା ମାଧମରେ ବୁଝାଇଥିଲେ। ଆମ ଭିତରେ ଦେଶପ୍ରେମର ବହ୍ନି ପ୍ରଜ୍ୱଳିତ କରିବାକୁ ଯାଇ ତାଙ୍କ କଣ୍ଠରୁ ନିସ୍ସୃତ ହୋଇଥିଲା :-

"ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର"।

ତାଙ୍କ ମତରେ ସ୍ୱଦେଶ ପ୍ରେମ ମନୁଷ୍ୟର ପ୍ରକୃତ ଧର୍ମ, ଏହା ହିଁ ମନୁଷ୍ୟତା।ଉତ୍କଳ ସମ୍ମିଳନୀ ମାଧମରେ ଓଡିଆମାନଙ୍କ ପ୍ରାଣରେ ଜାତୀୟତାଭାବ ଉଦ୍ରେକ କରିବା ପାଇଁ ମଧୁସୂଦନ ଆପ୍ରାଣ ଉଦ୍ୟମ କରିଥିଲେ। ଜାତୀୟ ଜୀବନର ମର୍ଯ୍ୟାଦା ବୃଦ୍ଧି କରିବା ସକାଶେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡିଶା ଗଠନ କରିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ଉତ୍କଳ ସମ୍ମିଳନୀରେ ଆହ୍ୱାନ ଦେଇଥିଲେ।

"ଏହି ସମ୍ମିଳନୀ ଜାତିପ୍ରାଣସିନ୍ଧୁ
କୋଟିପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡି ସିନ୍ଧୁନୀରେ"।

ଜାତୀୟ ଚେତନାର ଜାଗରଣ ପାଇଁ ସେ କବିତାର ନର୍ଝର ବୁହାଇ ଦେଇଛନ୍ତି। ସୁପ୍ତ ଓଡିଆମାନଙ୍କ ପ୍ରାଣରେ ଜାତୀୟ ଚେତନାର ଉଦ୍ରେକ କରିବାକୁ ଯାଇ ତାଙ୍କୁ ମନେପକାଇ ଦେଇଛନ୍ତିଃ-

"ତୋ ପୂର୍ବ ପୁରେଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରଷେ ଜାତ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି"।

ସମସ୍ତ ଓଡିଆମାନଙ୍କୁ ଉତ୍କଳୀୟତାର ମହାମନ୍ତ୍ରରେ ଉଦବୁଦ୍ଧ କରାଇବା, ଶିକ୍ଷା ବ୍ୟବସ୍ଥାରେ ସଂପ୍ରସାରଣ କରିବା, ଓଡିଆ ଭାଷାର ସୁରକ୍ଷା କରିବା, ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ କରିବା, କୃଷିର ବିକାଶ କରିବା, ଶିଳ୍ପାୟନ ପାଇଁ ସମସ୍ତେ ନିସ୍ୱାର୍ଥପର ଭାବେ କାର୍ଯ୍ୟ କରିବା, ସର୍ବପରି ସମସ୍ତଙ୍କ ପ୍ରାଣରେ ଜାତୀୟ ଚେତନା ସୃଷ୍ଟି କରିବା ଥିଲା ତାଙ୍କର ଲକ୍ଷ୍ୟ।



ସେ ଥିଲେ ପ୍ରଥମ ଓଡିଆ ଗ୍ରାଜୁଏଟ, ଏମ୍.ଏ., ପ୍ରଥମ ଓଡିଆଭାବେ ବିଲାତ ଯାତ୍ରା କରିଥିଲେ, ପ୍ରଥମ ଓଡିଆ ଓକିଲ, ପ୍ରଥମ ଓଡିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ତ୍ୟାଗ କରିବାରେ ପ୍ରଥମ ଭାରତୀୟ। ଜଣେ ବିଧାୟକ ଭାବରେ ମଧୁସୂଦନଙ୍କ ସ୍ଥାନ ଥିଲା ସ୍ୱତନ୍ତ୍ର।ସେ ସମ୍ବିଧାନରେ ବିଶ୍ୱାସ କରୁଥିଲେ କିନ୍ତୁ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯେତେବେଳେ ଦରକାର ହେଉଥିଲା ସରକାରଙ୍କୁ କଠୋର ସମାଲୋଚନା କରିବା ପାଇଁ ପଛାଉନଥିଲେ। ବିହାର ଓଡିଶା ପ୍ରଦେଶର ମନ୍ତ୍ରୀ ଥିବା ସମୟରେ ସେ ଦୁଇଟି ଯୁଗାନ୍ତକାରୀ ଆଇନ ପ୍ରଣୟନ କରିଥିଲେ। ପ୍ରଥମ ଆଇନ ଦ୍ୱାରା ପ୍ରତିନିଧିମାନଙ୍କୁ'ରିକଲ' ବା ଫେରାଇ ଆଣିବା ବ୍ୟବସ୍ଥା ଏବଂ ଦ୍ୱିତୀୟ ଆଇନଟି ଦ୍ୱାରା ଜିଲ୍ଲାବୋର୍ଡ ଓ ଲୋକାଲ ବୋର୍ଡ ଆଦି ସ୍ୱାୟତ ଶାସିତ ଅନୁଷ୍ଠାନମାନଙ୍କରେ ଅନୁନ୍ନତ ସଂପ୍ରଦାୟର ଲୋକମାନଙ୍କ ପାଇଁ ପ୍ରତିନିଧିତ୍ୱ ବ୍ୟବସ୍ଥା କରାଯାଇଥିଲା।

ଉତ୍କଳ ଜନନୀର ସୁରକ୍ଷା ପାଇଁ ଏବଂ ଉତ୍କଳବାସୀଙ୍କ ଦୁଃଖ ଦୁର୍ଦ୍ଦଶାମୋଚନ ପାଇଁ ସଦା ଚିନ୍ତିତ ଥିଲେ। ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରି ମଧ ଓଡିଆ ଜାତିର ସ୍ୱାଭିମାନ ପାଇଁ ଓଡିଆ ଜାତିର ଆରାଧ ଦେବତା ପ୍ରଭୁ ଜଗନ୍ନାଥଙ୍କୁ ନିଜର ପ୍ରିୟ ଠାକୁରଭାବରେ ଅବିହିତ କରି ନିଜେ ହୃଦୟ କନ୍ଦରରେ ଗ୍ରହଣ କରିଥିଲେ। ଶ୍ରୀମନ୍ଦିର ଓ ଗଜପତି ବଂଶର ସ୍ୱାଭିମାନ ସହିତ ଓଡିଆ ଜାତିର ସମ୍ମାନ ରକ୍ଷା ପାଇଁ ସେ ନିରନ୍ତର ଉଦ୍ୟମ କରିଥିଲେ। ବିଟ୍ରିଶ ସରକାର ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ହାତକୁ ନେବା ପାଇଁ ଯେଉଁ କୁଚକ୍ରାନ୍ତ ଚଳାଇଥିଲେ, ସରକାରଙ୍କ ବିରୁଦ୍ଧରେ ଗଜପତିଙ୍କ ତରଫରୁ ମକଦ୍ଦମା ଲଢି ବ୍ରିଟିଶ ସରକାରଙ୍କ ଉଦ୍ୟମକୁ ପଣ୍ଡ କରିଦେଇଥିଲେ। ତାଙ୍କର ଈଶ୍ୱର ବିଶ୍ୱାସରେ ଜାତୀୟତାଭାବ ପ୍ରତିଫଳିତ ହୋଇଥିଲା ଯଥା :-

"କୋଟିଏ ଓଡିଆ ଗୋଟିଏ ସ୍ୱରରେ
ଡାକ ତ୍ରାହି ଜଗନ୍ନାଥ
ଅନ୍ଧାର ଘୁଂଚିବ ନିଶ୍ଚୟ ଦେଖିବ
ଜାତିର ଉନ୍ନତିପଥ"।

ମଧୁସୂଦନଙ୍କ ଈଶ୍ୱର ବିଶ୍ୱାସ ଧର୍ମର ସଂକୀର୍ଣ୍ଣତାର ଗଣ୍ଡିଭିତରେ ଆବଦ୍ଧ ହୋଇନଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜାତୀୟତାଭାବ ସୃଷ୍ଟି କରିବା ହିଁ ତାଙ୍କର ମୂଳଲକ୍ଷ୍ୟ ଥିଲା। ଓଡିଆ ଭାଷା, ସାହିତ୍ୟ, ସମାଜସେବା ମାଧମରେ ଓଡିଶାବାସୀଙ୍କ ଜାତୀୟତା ତଥା ଦେଶାତ୍ମକବୋଧର ଉନ୍ନତି ପାଇଁ ସେ ଯେଉଁ କର୍ମ କରିଯାଇଛନ୍ତି ତାହା ଚିର ସ୍ମରଣୀୟ। ମଧୁବାରିଷ୍ଟର ନାମରେ ପରିଚିତ ଉତ୍କଳ ଗୌରବ ମଧୁସୂଦନ ଦାସ ଏକ ବିରଳ ବ୍ୟକ୍ତିତ୍ୱ।ଆଜିର ଏହି ପୁଣ୍ୟ ଜୟନ୍ତୀରେ, ତାଙ୍କର କୃତି ଓ କୀର୍ତ୍ତୀ ପାଇଁ ସମଗ୍ର ଓଡିଆ ଜାତି ତାଙ୍କୁବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଉଅଛି।

**ପ୍ରାକ୍ତନ ଆୟୁକ୍ତ ତଥା ସଚିବ,**
**ଓଡିଶା ବିଧାନସଭା**
**ମୋବାଇଲ୍: ୯୩୩୭୪୪୯୩୭୩**

# ମାଲେରିଆ ଓ ଯକୃତ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୨୩ରେ ହୋଇଥିବା ଅଧୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ




ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୨୦ ମଧରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଲଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡ଼ୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

**ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍: ୯୪୩୭୦୫୧୯୫୭**

# ସଂଘର୍ଷ ପାଇଁ ସଂକଳ୍ପବଦ୍ଧ



**ଶୁଭ୍ରଜିତ୍ ଦାଶ**

ଆଜିକାଲି ସମାଜରେ ବହୁତ୍ ପ୍ରକାର ସଂଘର୍ଷ ଆପଣମାନେ ଦୈନନ୍ଦିନ ଜୀବନରେ ଦେଖିବାକୁ ପାଇବେ । ସଂଘର୍ଷ କେବେ ବସ ରେ ସିଟ୍ ପାଇବାକୁ ତ କେବେ ଗୋଟେ ଚାକିରି ପାଇବାକୁ । କିନ୍ତୁ ସେ ସବୁ ସଂଘର୍ଷ ଆଗରେ ଆହୁରି ଅନେକ ଜଣ ବିଶ୍ୱରେ ଅଛନ୍ତି ଯିଏ କି ଆଜି ବି ଖାଦ୍ୟ ପାଇଁ ମଧ ସଂଘର୍ଷ କରୁଛନ୍ତି । ସଂଘର୍ଷ ଜୀବନ ରେ ଅନେକ ପ୍ରକାର ତଥ୍ୟ ଶିଖିବାକୁ ଦିଏ । ସଂଘର୍ଷ ସମୟରେ କିଛି ନିଜର ଲୋକ ପର ହୋଇଯାଆନ୍ତି ଆଉ କିଛି ପର ଲୋକ ନିଜର ହୋଇ ହାତ ଧରି ଦିଅନ୍ତି। ଆଜିକାଲି ସଂଘର୍ଷ ର ଅନ୍ତ ଘଟିଲା ବେଳେ ଯେତେବେଳେ ଏକ ନୂଆ ସୂର୍ଯ୍ୟ ଉଦୟ ଆମେ ଦେଖୁ ସେତେବେଳେ ବହୁତ ନିଜର ଲୋକ ଭିଡ ଭିତରେ କୁଆଡେ ଚାଲି ଯାଆନ୍ତି ଆଉ ଆସିଯାନ୍ତି କିଛି ନୂଆ ଚେହେରା । ରାଜନୀତି କ୍ଷେତ୍ରରେ ମଧ ଆଜିକାଲି ଅନେକ ଯୁବକ ଯୁବତୀ ନିଜର ପରିଚୟ ସୃଷ୍ଟି ପାଇଁ ସଂଘର୍ଷ କରୁଛନ୍ତି ଯାହା ଆମେ ଦେଖିବା ବି ସ୍‌ବାଭାବିକ । କିଛି ଜଣ ନିଜର କାମ କୁ ନେଇ ଆଗକୁ ଯାଉଛନ୍ତି ତ କିଛି ଜଣ ନିଜର ବାକ ଚତୁରୀ କୁ ନେଇ । କିଛି ଜଣଙ୍କୁ ସଂଘର୍ଷ କରିବାକୁ ପଡୁନି ମଧ। ହେଲେ ବେଳେ ବେଳେ ଆମ ମାନଙ୍କ ମଧରେ ଏକ ପ୍ରଶ୍ନ ଆସେ - ବିନା ସଂଘର୍ଷମୟ ଜୀବନ କଣ ସତରେ ସମ୍ଭବ । ଉତ୍ତର ମୁଁ ନିଜେ ବି ଜାଣିନି। କିନ୍ତୁ ଏହି ଲେଖା ଲେଖିବା ପୂର୍ବରୁ କିଛି ଦିନ ହେବ ଏହାର ଉତ୍ତର ଖୋଜୁଥିଲି। ପାଇଲି କି ବାସ୍ତବିକ୍ ସଂଘର୍ଷ ତାକୁ କମ କରିବାକୁ ପଡେ ଯାହାର ପାରିବାରିକ ସମ୍ପର୍କ ସେହି କ୍ଷେତରେ ଥାଏ । ପୁଣି କିଛି ଲୋକ ପାରିବାରିକ ସମ୍ପର୍କ ଥାଇ ମଧ ବିଫଳ କାହିଁକି ସେପରି ପ୍ରଶ୍ନ ର ଉତ୍ତର ନାହିଁ । କିନ୍ତୁ ସତରେ ଆଜିକାଲି ମଣିଷ ଜୀବନ ବଞ୍ଚାଇବାକୁ ହେଲେ ସଂଘର୍ଷ ହେଉଛି ଏକ ମାତ୍ର ଉପାୟ । Survival for Fittest - ଏହାହିଁ ଏକମାତ୍ର ପନ୍ଥା।

**ଯୁବ ସମାଜସେବୀ**

# ଦେଶରେ ମାତୃ ମୃତ୍ୟୁ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଦେଶରେ ୨୦୦୦ରୁ ୨୦୨୩ ମାତୃ ମୃତ୍ୟୁ ହାର ଟ୍ରେଣ୍ଡ ନେଇ ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ ମସିହାରେ ଭାରତରେ କେବଳ ୧୯,୦୦୦ ମାତୃ ମୃତ୍ୟୁ ଘଟିଥିଲା, ଯାହାକି ଆନ୍ତର୍ଜାତିକ ମୃତ୍ୟୁ ହାରର ୭.୨ ପ୍ରତିଶତ। ସେହିପରି ମାତୃ ମୃତ୍ୟୁ କ୍ଷେତ୍ରରେ ନାଇଜେରିଆ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା କେବଳ ସ୍ୱାସ୍ଥ୍ୟ ପ୍ରସଙ୍ଗ ନୁହେଁ ମାତୃ ସୁରକ୍ଷା କ୍ଷେତ୍ରରେ ଭାରତରେ ବ୍ୟବସ୍ଥାଗତ ବିଫଳତାକୁ ଦର୍ଶାଉଛି ବୋଲି କୁହାଯାଇପାରେ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମାତୃ ମୃତ୍ୟୁ ହାର (ଏମଏମଆଇ) ହ୍ରାସ କରିବାରେ ଭାରତ ଅଦଭୁତ୍‌ପୂର୍ବ ସଫଳତା ହାସଲ କରିଛି। ଯାହାକି ୨୦୦୦ରେ ପ୍ରତି ୧,୦୦,୦୦୦ ପ୍ରସବରେ ମାତୃମୃତ୍ୟୁ ୩୮୪ ଥିବାବେଳେ ୨୦୦୩ରେ ତାହା ମାତ୍ର ୨୦୩କୁ ହ୍ରାସ ପାଇଛି। କେରଳ, ତାମିଲନାଡୁ ଭଳି ରାଜ୍ୟରେ ମାତୃ ମୃତ୍ୟୁ ହାର ଏକକ ସଂଖ୍ୟାକୁ ହ୍ରାସ ପାଇଥିବାବେଳେ ଉତରପ୍ରଦେଶ, ବିହାର ପରି ରାଜ୍ୟରେ ଏବେ ଗମ୍ଭୀର ପର୍ଯ୍ୟାୟରେ ରହିଛି। ଏହି ତଥ୍ୟ ଆଂଚଳିକ ସ୍ତରରେ ନୀତି ନିର୍ଦ୍ଧାରଣରେ ଥିବା ପାର୍ଥକ୍ୟକୁ ପ୍ରତିପାଦନ କରୁଛି। କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ବା ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଉଭୟ କେରଳ ଓ ତାମିଲନାଡୁ ତାଲିକାର ସର୍ବାଗ୍ରେ ରହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନାଇଜେରିଆ ସହ ଭାରତର ତୁଳନାକୁ ଦୃଢ ଭାବେ ଅଗ୍ରାହ୍ୟ କରିଛି, ଯାହାକି ଯଥାର୍ଥତା ବହନ କରେ। ଯାହାର କାରଣ ସ୍ୱରୁପ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶର ଜନସଂଖ୍ୟାକୁ ଦର୍ଶାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବେ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାବେ ଚୀନକୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇ ପ୍ରଥମ ସ୍ଥାନ ଅଧିକାର କରିଛି। ଜନସଂଖ୍ୟା ଦୃଷ୍ଟିରୁ ଭାରତରେ ମାତୃମୃତ୍ୟୁ ହାର ଅନ୍ୟ ରାଷ୍ଟ୍ରଗୁଡିକ ତୁଳନାରେ ଅଧିକ ରହିବା ସ୍ୱାଭାବିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଇଛି। ଏବେ ବି ଦେଶରେ ପରିବାରଗୁଡିକ ଦୈନିକ ୫୨ଜଣ ନବ ପ୍ରସବା ମହିଳାଙ୍କର ମୃତ୍ୟୁ ଘଟୁଥିବା ସାଂପ୍ରତିକ ଆକଳନ ସୂଚନା ଦେଇଛି। ଏହା ନିନ୍ଦେହ ଯେ, ଏହି ସମସ୍ୟା କେବଳ ସ୍ୱାସ୍ଥ୍ୟଯନ୍ତ୍ର ଭିତିଭୂମି ଉପରେ ନୁହେଁ, ସାମାଜିକ ଆବଶ୍ୟକତା ତଥା ପୁଷ୍ଟିକର ଖାଦ୍ୟ, ଶିକ୍ଷା, ବାଲ୍ୟ ବିବାହ ଏବଂ ଗର୍ଭବତୀ ସମୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଭାବ ଯୋଗୁଁ ଘଟୁଛି। ଦେଶରେ ବାଲ୍ୟ ବିବାହ ପରି କୁସଂସ୍କାର ଏବେ ଚିନ୍ତାଜନକ ସ୍ଥିତିରେ ରହିଛି। ସେହିପରି ଗର୍ଭବତୀ ଅବସ୍ଥାରେ କୁପୋଷଣ ବା ପୁଷ୍ଟିର ଅଭାବ ଗୁରୁତର ସମସ୍ୟା ସୃଷ୍ଟି କରିଛି। ଏହା ସତ୍ୟ ଯେ, ଦେଶରେ ମାତୃ ଓ ଶିଶୁ ସୁରକ୍ଷା ପାଇଁ ସରକାର କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର ବହୁବିଧ ଯୋଜନା ତଥା ଜନନୀ ସୁରକ୍ଷା ଯୋଜନା, ଶକ୍ତି ମାତୃତ୍ୱ ଆଶ୍ୱାସନା (ଏସୟୁଏମଏନଏ), ବେଟି ବଂଚାଓ, ବେଟି ପଢାଓ, ମମତା, ଆଦି ଯୋଜନା କାର୍ଯ୍ୟକାରୀ କରୁଥିଲେ, ତାହା ସଫଳ ହୋଇପାରିନାହିଁ। ବିଶେଷ କରି ଦୁର୍ଗମ ଅଂଚଳରେ ଏହି ଯୋଜନାଗୁଡିକ ସାତ ସପନ ହୋଇଛି। ଏଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ଜରୁରୀ। ସେହିପରି ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବା, ଦୁର୍ଗମ ଅଂଚଳରେ ସେବା ବିଭିନ୍ନ ଜନନୀ ସୁରକ୍ଷା ଯୋଜନାକୁ ପହଁଚାଇବା, ଯୋଜନାକୁ କାର୍ଯ୍ୟକାରୀ କରୁଥିବା କ୍ଷେତ୍ରୀୟ ଅଧିକାରୀମାନଙ୍କୁ ଉତରଦାୟୀ କରିବା ଏବଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ପ୍ରଦାୟକୁ ଯୋଜନାରେ ସାମିଲ କରିବା ପାଇଁ ସଚେତନତା କରିବା ଆବଶ୍ୟକତା ରହିଛି, ଯାହାକି ମାତୃ ମୃତ୍ୟୁକୁ ରୋକିପାରିବ। ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ସମନ୍ୱୟଭିତିକ କ୍ରୀୟାନୁଷ୍ଠାନର ଆବଶ୍ୟକତା ରହିଛି। କୌଣସି ମହିଳାଙ୍କୁ ମୃତ୍ୟୁବରଣ କରିବାକୁ ଦିଆଯିବା ଆଦୌ ଉଚିତ ନୁହେଁ, ଯେତେବେଳେ ସେ ନୂତନ ଜୀବଦାନ ଦେଇଥାନ୍ତି, ଏହା ହିଁ ସରକାରଙ୍କ ନିଶାଣ ହେବା ସାଂପ୍ରତିକ ସମୟର ଜରୁରୀ ଆବଶ୍ୟକତା

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଭାରତର ପ୍ରହାର: ପାଣି ପାଇବନି ପାକିସ୍ତାନ

**ନୂଆଦିଲ୍ଲୀ,୨୪।୪:** ପହଲଗାମରେ ବର୍ବର ଆତଙ୍କୀ ଆକ୍ରମଣ ପରେ ବହୁ କଡ଼ା ପଦକ୍ଷେପ ନେଇଛି ଭାରତ। ତା' ଭିତରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସିନ୍ଧୁ ଜଳ ଚୁକ୍ତି ବାତିଲ। ତେବେ ଆସନ୍ତୁ ଜାଣିବା କ'ଣ ଏହି ସିନ୍ଧୁ ଚୁକ୍ତି? କେବେ ହୋଇଥିଲା ସିନ୍ଧୁ ଚୁକ୍ତି। କାହା କାହା ମଧ୍ୟରେ ହୋଇଥିଲା ଏହି ଚୁକ୍ତି? ଚୁକ୍ତିରେ କ'ଣ ରହିଛି ସର୍ତ୍ତ? ଏହି ଚୁକ୍ତି ବାତିଲ ହେବାଦ୍ୱାରା ପାକିସ୍ତାନ ଉପରେ କ'ଣ ପଡ଼ିବ ପ୍ରଭାବ? ଚୁକ୍ତି ବାତିଲ ହେବା ଦ୍ୱାରା କିପରି ସିନ୍ଧୁ ଅବବାହିକାରେ ବସବାସ କରୁଥିବା ପାକିସ୍ତାନର କୋଟି କୋଟି ଲୋକ ପାଣି ବିନା ହା ହା କାରରେ ମରିଯିବେ? ପାକିସ୍ତାନରେ କିପରି ଭୁଶୁଡ଼ି ପଡ଼ିବ କୃଷି ଓ ଖାଦ୍ୟ ଉତ୍ପାଦନ? ଆସନ୍ତୁ ସେ ବିଷୟରେ ଜାଣିବା। ପ୍ରଥମତଃ ଆମେ ଜାଣିବା କ'ଣ ଏହି ସିନ୍ଧୁ ଚୁକ୍ତି?

ସିନ୍ଧୁ ଚୁକ୍ତି ଭାରତ ଓ ପାକିସ୍ତାନ ମଧ୍ୟରେ ଜଳ ବିଭାଜନକୁ ଆଧାର କରି ହୋଇଥଲା ଏହି ଐତିହାସିକ ଚୁକ୍ତି। ବିଶ୍ୱ ବ୍ୟାଙ୍କର ମଧ୍ୟସ୍ଥତାରେ ଭାରତରୁ ପାକିସ୍ତାନକୁ ପ୍ରବାହିତ ସିନ୍ଧୁ ନଦୀ ଓ ତାର ଉପନଦୀମାନଙ୍କ ଜଳକୁ ଉଭୟ ଦେଶ ମଧ୍ୟରେ ଆବଣ୍ଟିତ କରାଯାଇଥିଲା। ୧୯୬୦ ମସିହା ସେପ୍ଟେମ୍ବର ୧୯ରେ ପାକିସ୍ତାନର କରାଚୀରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ ଓ ପାକିସ୍ତାନର ତତ୍କାଳୀନ ରାଷ୍ଟ୍ରପତି ଆୟୁବ ଖାଁଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ଅନୁସାରେ, ପୂର୍ବ ପଟର ୩ଟି ନଦୀ ବିସ୍, ରାବୀ ଓ ସତଲେଜ ପାଣି ଉପରେ ଭାରତର ନିୟନ୍ତ୍ରଣ ରହିଲା। ପଶ୍ଚିମ ପଟର ୩ଟି ନଦୀ ସିନ୍ଧୁ, ଚେନାବ ଓ ଝେଲମ ଉପରେ ରହିଲା ପାକିସ୍ତାନର ନିୟନ୍ତ୍ରଣ। ଯେହେତୁ ପାକିସ୍ତାନର ନଦୀଗୁଡ଼ିକର ଅଧିକାଂଶ ଭାଗ ପାଣି ଭାରତରୁ ଆସେ, ତେଣୁ ପଶ୍ଚିମ ପଟର ନଦୀମାନଙ୍କ ପାଣିକୁ ଭାରତ ଜଳସେଚନ, ଜଳବିଦ୍ୟୁତ୍ ଉତ୍ପାଦନ, ଜଳ ପରିବହନ ଓ ମତ୍ସ୍ୟ ପାଳନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ ବୋଲି ଚୁକ୍ତିରେ ପ୍ରସ୍ତାବ ରହିଥିଲା। ଯାହାଫଳରେ ପୂରା ଇଣ୍ଡସ୍ ସିଷ୍ଟମରେ ପ୍ରବାହିତ ମୋଟ ଜଳର ପ୍ରାୟ ୩୦ ପ୍ରତିଶତ ଭାରତ ପାଉଥିଲା ଏବଂ ୭୦ ପ୍ରତିଶତ ପାକିସ୍ତାନକୁ ଯାଉଥିଲା। ହେଲେ ଏହି ଚୁକ୍ତି ବାତିଲ ହେବା ଫଳରେ ସିନ୍ଧୁ, ଝେଲମ ଓ ଚେନାବରୁ ପାକିସ୍ତାନକୁ ପ୍ରବାହିତ ଜଳ ବହୁମାତ୍ରାରେ ରୋକିଦେଇପାରିବ ଭାରତ। ଯାହାଦ୍ୱାରା ପାକିସ୍ତାନ କେବଳ ସମସ୍ୟା ଭୋଗିବନି, ବରଂ ପାକିସ୍ତାନ ସତ୍ତା ହରାଇବା ସ୍ଥିତିକୁ ଯାଇପାରେ ବୋଲି କୁହାଯାଉଛି। ତେବେ ସିନ୍ଧୁ ଚୁକ୍ତି ସମୟରେ ସ୍ଥାୟୀ ସିନ୍ଧୁ ଆୟୋଗ ବା ପିଆଇସି ପ୍ରତିଷ୍ଠା ହୋଇଥିଲା। ଯେଉଁଥିରେ ଉଭୟ ଦେଶ ପକ୍ଷରୁ ଜଣେ ଲେଖାଏଁ ପ୍ରତିନିଧି ବା କମିଶନର ରହିଛନ୍ତି। ଭବିଷ୍ୟତରେ ଜଳ ଆବଣ୍ଟନ ନେଇ କୌଣସି ବିବାଦ ବା ମତଭେଦ ହେଲେ ଏକ ନିର୍ଦ୍ଦିଷ୍ଟ ନିୟମାବଳୀ ଆଧାର କରିଏହାର ସମାଧାନ କରିବା ଏହି ଆୟୋଗର ଲକ୍ଷ୍ୟ। ଚୁକ୍ତି ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିନୋଟି ଯୁଦ୍ଧ ୧୯୬୫, ୧୯୭୧ ଓ ୧୯୯୯ରେ ହୋଇଥିଲେ ବି ଆୟୋଗ ତିଷ୍ଠି ରହିଛି ଓ ପୂର୍ବଭଳି ବିବାଦର ସମାଧାନ କରିବାର କାର୍ଯ୍ୟ କରୁଛି। ଏହି ଚୁକ୍ତି ବାତିଲ ହେବା ଫଳରେ ଇଣ୍ଡସ୍, ଝେଲମ ଓ ଚେନାବରୁ ପାକିସ୍ତାନକୁ ପ୍ରବାହିତ ଜଳ ବହୁମାତ୍ରାରେ ରୋକିଦେଇପାରିବ ଭାରତ। ଯାହାଦ୍ୱାରା ପାକିସ୍ତାନ କେବଳ ସମସ୍ୟା ଭୋଗିବନି, ବରଂ ପାକିସ୍ତାନ ସତ୍ତା ହରାଇବା ସ୍ଥିତିକୁ ଯାଇପାରେ ବୋଲି କୁହାଯାଉଛି। ସିନ୍ଧୁ ଅବବାହିକା ପାକିସ୍ତାନର କୋଟି କୋଟି ଲୋକଙ୍କ ଲାଇଫଲାଇନ୍ ହୋଇଥିବା ବେଳେ ସିନ୍ଧୁ ସିଷ୍ଟମରୁ ମିଳୁଥିବା ଜଳ ଉପରେ ପାକିସ୍ତାନର ୮୦ ପ୍ରତିଶତ କୃଷି ନିର୍ଭରଶୀଳ। ଚୁକ୍ତି ବାତିଲ୍ ହେବା ଫଳରେ ପାକିସ୍ତାନର ୧ କୋଟି ୬୦ ଲକ୍ଷ ହେକ୍ଟର ଜମିରେ ଜଳସେଚନ ପ୍ରଭାବିତ ହେବ ଓ ମରୁଡ଼ି ପଡ଼ିବ। ଗହମ, ଧାନ, ଆଖୁ ଓ ତୁଳା ଆଦି କୃଷି ଓ ଖାଦ୍ୟ ଉତ୍ପାଦନ ଭୁଶୁଡ଼ି ପଡ଼ିବ। ସିନ୍ଧୁ ଜଳ ଉପରେ ପାକିସ୍ତାନର ୨୫ ପ୍ରତିଶତ ଜିଡିପି ନିର୍ଭର କରିଥାଏ। ସିନ୍ଧୁ ଅବବାହିକା ଉପରେ ନିର୍ଭରଶୀଳ ୨୩ କୋଟି ଜନସଂଖ୍ୟାର ୬୧ ପ୍ରତିଶତ ହେଉଛନ୍ତି ପାକିସ୍ତାନୀ। କରାଚୀ, ଲାହୋର ଓ ମୁଲତାନ୍ ଆଦି ପ୍ରମୁଖ ସହରରେ ଶୋଷ ମେଣ୍ଟାଇବାକୁ ପାଣି ମିଳିବନି। ତାରବେଲା ଓ ମଙ୍ଗଲା ହାଇଡ୍ରୋପାୱାର ପ୍ଲାଣ୍ଟ୍ ଅଚଳ ହୋଇ ଘୋର ବିଦ୍ୟୁତ ସଂକଟ ସୃଷ୍ଟି ହେବ। କଳକାରଖାନା ଓ ଜନବସତି ପାଇଁ ପର୍ଯ୍ୟାପ୍ତ ବିଦ୍ୟୁତ ମିଳିବ ନାହିଁ। ଲୋକଙ୍କ ମଧ୍ୟରେ ହାହାକାର ପଡ଼ିଯିବ ଏବଂ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି ହେବ। ଗ୍ରାମାଞ୍ଚଳ ଅର୍ଥନୀତି ଦୋହଲିଯିବ ଏବଂ ବେକାରୀ ଓ ପଳାୟନ ଆଦି ବୃଦ୍ଧି ପାଇବ। ଆର୍ଥିକ ସଂକଟ ସହ ଯୁଝୁଥିବା ପାକିସ୍ତାନରେ ଆଗକୁ ସ୍ଥିତି ଆହୁରି ସଙ୍ଗିନ ହେବ।



### ସିନ୍ଧୁ ଚୁକ୍ତି ନେଇ କ'ଣ କହେ ଇତିହାସ?

ଯଦି ଆମେ ସିନ୍ଧୁ ଜଳ ଚୁକ୍ତିର ଇତିହାସ ଦେଖିବା ତେବେ ଦେଶ ସ୍ୱାଧୀନ ପାଇବା ପରେ ଦୁଇଭାଗରେ ବିଭକ୍ତ ହୋଇଥିଲା । କେବଳ ଦେଶ ବିଭାଜନ ହୋଇନଥିଲା ପଞ୍ଜାବ ପ୍ରାନ୍ତକୁ ବି ଦୁଇଭାଗରେ ବିଭକ୍ତ କରାଯାଇଥିଲା। ଏହି କ୍ରମରେ ପଞ୍ଜାବ ପ୍ରାନ୍ତ ଦେଇ ପ୍ରବାହିତ ହେଉଥିବା ନଦୀର ଜଳକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ଏସବୁ ନଦୀର ଜଳକୁ ଭାଗ କରିବା ସେତେବେଳେ ଉଭୟ ଭାରତ ଓ ପାକିସ୍ତାନ ସରକାର ପାଇଁ ଜଟିଳ ଥିଲା । ଏନେଇ ଉଭୟ ଦେଶ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ଓ ପର୍ଯ୍ୟାଲୋଚନା ଜାରି ରହିଥିଲା। ଏହି ନଦୀଗୁଡିକ ତିବ୍ବଲ ଅଂଚଳରୁ ବାହାରି ଭାରତ ଦେଇ ପାକିସ୍ତାନରେ ପ୍ରବେଶ କରିଛି । ପାକିସ୍ତାନ ଭାଗରେ ନଦୀର ତଳସ୍ତର ପହଂଚୁଥିବାରୁ ପାକିସ୍ତାନର ଚାଷୀ ଏହି ନଦୀମାନଙ୍କର ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି।

## ପ୍ରତିଶୋଧ ଭୟରେ ପାକିସ୍ତାନର ଜବାବୀ ପଦକ୍ଷେପ



ନୂଆଦିଲ୍ଲୀ/ଇସଲାମାବାଦ୍,୨୪।୪: ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିର୍ଦ୍ଦୋଷ ଭାରତୀୟଙ୍କ ଜୀବନ ଯିବା ପରେ ଭାରତ ପାକିସ୍ତାନକୁ ଉଚିତ୍ ଶିକ୍ଷା ଦେବା ପାଇଁ ଅନେକ ବଡ଼ ନିଷ୍ପତ୍ତି ଘୋଷଣା କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ)ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ପରେ, ସିନ୍ଧୁ ନଦୀ ଜଳ ଚୁକ୍ତିନାମା ବନ୍ଦ କରିବା ସମେତ ପାଞ୍ଚଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଭାରତ ଦ୍ୱାରା ଏହି କଠୋର ନିଷ୍ପତ୍ତି ଘୋଷଣା ପରେ, ପାକିସ୍ତାନ ସରକାର ଗୁରୁବାର) ଜାତୀୟ ସୁରକ୍ଷା କମିଟି (ଏନ୍ଏସ୍ସି)ର ଏକ ବୈଠକ ଡାକିଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତିନି ସେନା ମୁଖ୍ୟ ମଧ୍ୟ ଯୋଗ ଦେଇଥିଲେ। ଏନଏସସି ବୈଠକ ପରେ ପାକିସ୍ତାନ ଅନେକ ପ୍ରତିଶୋଧମୂଳକ ନିଷ୍ପତ୍ତି ନେଇଥିଲା। ଭାରତ ୱାଘା ସୀମା ବନ୍ଦ କରିବାର ଘୋଷଣାର ଜବାବରେ ପାକିସ୍ତାନ ମଧ୍ୟ ୱାଘା ସୀମା ବନ୍ଦ କରିବାର ଘୋଷଣା କରିଛି। ଭାରତ ପାକିସ୍ତାନକୁ ଦେଶ ଛାଡିବା ପାଇଁ ପରାମର୍ଶ ଜାରି କରିଥିଲା, ପାକିସ୍ତାନ ମଧ୍ୟ ଦେଶରେ ଉପସ୍ଥିତ ସମସ୍ତ ଭାରତୀୟଙ୍କୁ ଏପ୍ରିଲ ୩୦ ସୁଦ୍ଧା ଦେଶ ଛାଡିବା ପାଇଁ ନିର୍ଦ୍ଦେଶ ଜାରି କରିଛି। ପାକିସ୍ତାନର ଜାତୀୟ ସୁରକ୍ଷା କମିଟି ବୈଠକରେ ଅନେକ ନିଷ୍ପତ୍ତି ନିଆଯାଇଛି। ପାକିସ୍ତାନ କହିଛି, ଯଦି ଭାରତ ପାଣି ବନ୍ଦ କରେ ତେବେ ଏହାକୁ ଯୁଦ୍ଧ ବୋଲି ବିବେଚନା କରାଯିବ। ଭାରତ ପାକିସ୍ତାନୀ ନାଗରିକଙ୍କ ପାଇଁ ଭିସା ସେବା ତୁରନ୍ତ ସ୍ଥଗିତ କରିବାର ଘୋଷଣା କରିଛି। ଏହାର ଜବାବରେ, ପାକିସ୍ତାନ ସାର୍କ ଭିଜା ଯୋଜନା ଅଧୀନରେ ଭାରତୀୟମାନଙ୍କୁ ଦିଆଯାଇଥିବା ସମସ୍ତ ଭିଜା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନରେ ଥିବା ସମସ୍ତ ଭାରତୀୟଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନ ମଧ୍ୟ ଭାରତ ସହିତ ସମସ୍ତ ଦ୍ୱିପାକ୍ଷିକ ଚୁକ୍ତିନାମାକୁ ତୁରନ୍ତ ପ୍ରଭାବରୁ ବନ୍ଦ କରିଦେଇଛି। ପାକିସ୍ତାନ ସିମଲା ଚୁକ୍ତିନାମାକୁ ମଧ୍ୟ ବନ୍ଦ କରିଛି ପାକିସ୍ତାନ ମଧ୍ୟ ତାର ୱାଘା ସୀମା ବନ୍ଦ କରିଦେଇଛି। ପାକିସ୍ତାନ ତାର ଏୟାରସ୍ପେସ ବନ୍ଦ କରିଦେଇଛି। ପାକିସ୍ତାନ ଦେଶରେ ଉପସ୍ଥିତ ସମସ୍ତ ଭାରତୀୟଙ୍କୁ ୩୦ ଏପ୍ରିଲ ସୁଦ୍ଧା ଦେଶ ଛାଡିବାକୁ ନିର୍ଦ୍ଦେଶ ଜାରି କରିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପାଇଁ ଭାରତର ନିଷ୍ପତ୍ତିକୁ ପାକିସ୍ତାନ ପ୍ରତ୍ୟାଖ୍ୟାନ କରି କହିଛି ଯେ, ଏହା ୨୪୦ ନିୟୁତ ପାକିସ୍ତାନୀ ଲୋକଙ୍କ ପାଇଁ ଜୀବନରେଖା। ସିନ୍ଧୁ ଜଳ ଚୁକ୍ତିନାମା ବିଶ୍ୱ ବ୍ୟାଙ୍କ ଦ୍ୱାରା ମଧ୍ୟସ୍ଥତାରେ ହୋଇଥିବା ଏକ ଅନ୍ତର୍ଜାତୀୟ ଚୁକ୍ତିନାମା ଏବଂ ଏଥିରେ ଏକପାଖିଆ ସ୍ଥଗିତ ରଖିବାର କୌଣସି ବ୍ୟବସ୍ଥା ନାହିଁ। ଭୟଭୀତ ପାକିସ୍ତାନ ଭାରତ ଉପରେ ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନ କରୁଥିବାର ଅଭିଯୋଗ ଆଣିଛି। ଭାରତର କାର୍ଯ୍ୟାନୁଷ୍ଠାନ ଭୟରେ, ପହଲଗାମ ଆକ୍ରମଣରେ ଏହାର କୌଣସି ଭୂମିକା ନାହିଁ ବୋଲି ପାକିସ୍ତାନ କହିଛି। ପାକିସ୍ତାନ ପିଏମଓ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଭାରତର ଏହି ନିଷ୍ପତ୍ତି ରାଜନୈତିକ ଉତ୍ତେଜନା ବୃଦ୍ଧି କରିବ ଏବଂ ଏହି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠାରେ ବାଧା ସୃଷ୍ଟି କରିବ। ପାକିସ୍ତାନ କହିଛି ଯେ, ଏହା ସ୍ପଷ୍ଟ ଭାବରେ ଆତଙ୍କବାଦକୁ ନିନ୍ଦା କରେ। ପାକିସ୍ତାନ ଭାରତ ସହିତ ସମସ୍ତ ବାଣିଜ୍ୟ ଉପରେ ନିଷେଧ କରିଥିଲା, ଯେଉଁଥିରେ ତୃତୀୟ ଦେଶ ମାଧ୍ୟମରେ ବାଣିଜ୍ୟ ମଧ୍ୟ ଅନ୍ତର୍ଭୁକ୍ତ। ପାକିସ୍ତାନର ସାର୍ବଭୌମତ୍ୱ ଏବଂ ସୁରକ୍ଷା ପ୍ରତି ଯେକୌଣସି ବିପଦର କଡ଼ା ଜବାବ ଦିଆଯିବ।

## ଭୁଲବଶତଃ ସୀମା ଆରପଟେ ବିଏସ୍ଏଫ୍ ଯବାନ

### ଅଟକ ରଖିଲେ ପାକିସ୍ତାନ ରେଞ୍ଜର୍ସ



ନୂଆଦିଲ୍ଲୀ,୨୪।୪: ପଞ୍ଜାବର ଫିରୋଜପୁର ସେକ୍ଟରରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ବୁଧବାର ଭାରତୀୟ ସୀମା ସୁରକ୍ଷା ବଳ (ବିଏସଏଫ)ର ଜଣେ ଯବାନ ଡ୍ୟୁଟି ସମୟରେ ଭୁଲବଶତଃ ଆନ୍ତର୍ଜାତୀୟ ସୀମା (ଜିରୋ ଲାଇନ) ପାର କରି ପାକିସ୍ତାନ ଅଞ୍ଚଳରେ ପ୍ରବେଶ କରିଥିଲେ। ଏହା ପରେ ପାକିସ୍ତାନ ରେଞ୍ଜର୍ସ ତାଙ୍କୁ ଅଟକ କରିଛନ୍ତି। ସୂତ୍ରରୁ ପ୍ରକାଶ, ଏହି ଘଟଣା ଫିରୋଜପୁର ଜିଲାର ଜଲୋକ ତୋନା ପୋଷ୍ଟ ନିକଟରେ ଘଟିଛି। ବିଏସଏଫ ଯବାନ ନିଜ ନିୟମିତ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଏହି ଭୁଲ ଘଟିଥିଲା। ପାକିସ୍ତାନ ରେଞ୍ଜର୍ସ ତାଙ୍କୁ ନିଜ ଅଧୀନତାରେ ନେଇଥିବା ସୂଚନା ମିଳିଛି। ଏହି ଘଟଣାକୁ ନେଇ ଭାରତୀୟ ସେନା ଓ ବିଏସଏଫ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ଯବାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପାକିସ୍ତାନ ରେଞ୍ଜର୍ସ ସହ ଏକ ଫ୍ଲାଗ୍ ମିଟିଂ ଆୟୋଜନ କରାଯାଇଛି। ଏହି ବୈଠକରେ ଉଭୟ ପକ୍ଷ ମିଳିତ ଭାବେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି। ଏକାଧିକ ସୂତ୍ର ଅନୁସାରେ, ଏହି ଯବାନ କୋଲକାତାର ହେବେ ବୋଲି ଅନୁମାନ କରାଯାଉଛି, ଯଦିଓ ଏହାର ଆନୁଷ୍ଠାନିକ ପୁଷ୍ଟି ହୋଇନାହିଁ। ଅନ୍ୟପକ୍ଷରେ, ପାକିସ୍ତାନୀ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଏହି ଘଟଣାକୁ ନେଇ ବିଭିନ୍ନ ଦାବି କରାଯାଉଛି। କେତେକ ପୋଷ୍ଟରେ କୁହାଯାଇଛି ଯେ ଭାରତୀୟ ଯବାନ ଜାଣିଶୁଣି ସୀମା ଅତିକ୍ରମ କରିଥିଲେ, ଯାହାକୁ ଭାରତୀୟ ସୂତ୍ର ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ସୀମାରେ ଏଭଳି ଘଟଣା ଘଟିଛି, ଯେଉଁଠାରେ ଉଭୟ ଦେଶର ସୁରକ୍ଷା ବାହିନୀ ପରସ୍ପର ସହ ଆଲୋଚନା ମାଧ୍ୟମରେ ସମାଧାନ କରିଛନ୍ତି। ବର୍ତ୍ତମାନ ସମସ୍ତଙ୍କ ନଜର ଏହି ଫ୍ଲାଗ ମିଟିଂ ଉପରେ ରହିଛି, ଯେଉଁଠାରେ ଯବାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ଏହି ଘଟଣା ସୀମା ସୁରକ୍ଷା ଓ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ସତର୍କତାର ଆବଶ୍ୟକତାକୁ ପୁଣି ଥରେ ଉଜାଗର କରିଛି।

## ପାକିସ୍ତାନ ବିରୋଧରେ ଭାରତର ଡିଜିଟାଲ ଷ୍ଟ୍ରାଇକ୍

ନୂଆଦିଲ୍ଲୀ,୨୪।୪: ଭାରତର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ତାକୁ ନେଇ ଛାନିଆ ପାକିସ୍ତାନ । ପାକିସ୍ତାନ ବିରୋଧରେ ଭାରତର ଡିଜିଟାଲ ଷ୍ଟ୍ରାଇକ୍ । ପାକିସ୍ତାନ ସରକାରଙ୍କ ଏକ୍ସ ଆକାଉଣ୍ଟକୁ ଅଚଳ କରିଦିଆଯାଇଛି । ପାକିସ୍ତାନ ସରକାରଙ୍କ କୌଣସି ତଥ୍ୟ ଏଥିରେ ଉପଲବ୍ଧ ହେବ ନାହିଁ। ଭାରତର ଏଭଳି ଡିଜିଟାଲ ଷ୍ଟ୍ରାଇକ ପରେ ଛାନିଆ ହୋଇ ପଡିଛି ପାକିସ୍ତାନ। କରାଚୀ ଉପକୂଳରେ ମିସାଇଲ ଟେଷ୍ଟ କରିବାକୁ ଘୋଷଣା କରିଛି । ଭାରତର ଗୁଇନ୍ଦା ବିଭାଗ ଏହା ଉପରେ କଡା ନଜର ରଖିଛି ।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଏକ ଘରିକିଆ ପାକିସ୍ତାନ। ଭାରତ ସପକ୍ଷରେ ସାରା ବିଶ୍ୱର ନେତା । ପାକିସ୍ତାନର ଏଭଳି ବର୍ବର କାଣ୍ଡକୁ ନିନ୍ଦା କରିଛନ୍ତି ବିଶ୍ୱବାସୀ । ଆମେରିକା, ରୁଷିଆ ଓ ଇସ୍ରାଏଲ୍ ଏବେ ପାକିସ୍ତାନର ଆତଙ୍କୀ ଗତିବିଧିକୁ ନିନ୍ଦା କରିଛନ୍ତି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ତୟାର ରହିଛି । ପ୍ରଧାନମନ୍ତ୍ରୀ ସାଉଦିଆରବରୁ ପହଞ୍ଚିବା ପରେ ବିମାନ ବନ୍ଦରରେ ସ୍ଥିତିର ସମୀକ୍ଷା କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତଶାହ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଚ୍ଚସ୍ତରୀୟ ବୈଠକରେ ତିନି ସେନାର ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ହୋଇଥିଲା। ପୂର୍ବରୁ ମଧ୍ୟ ପାକ୍ ସମର୍ଥିତ ଆତଙ୍କବାଦୀ ଭାରତକୁ ଟାର୍ଗେଟ କରିଛନ୍ତି । ଉରି ଓ ପୁଲଓ୍ୱାମାରେ ଆତଙ୍କୀମାନେ ବର୍ବର କାଣ୍ଡ ଭିଆଇଥିଲେ । ଏହାପରେ ମୁହଁତୋଡ ଜବାବ ଦେଇଥିଲା ଭାରତ । ସର୍ଜିକାଲ ଷ୍ଟ୍ରାଇକ୍, ଏୟାରଷ୍ଟ୍ରାଇକରେ ଦୋହଲି ଯାଇଥିଲା ପାକିସ୍ତାନ । ଆଉ ଏବେ ପହଲଗାମ୍ ଆକ୍ରମଣରେ ପାକିସ୍ତାନ ଲିଙ୍କ୍ ର ପ୍ରମାଣ ମିଳିବା ପରେ ବଡ ହମଲା ପାଇଁ ଚାଲିଛି ଭାରତର ଯୋଜନା।




## ପାକିସ୍ତାନ ସହ କ'ଣ ରହିଛି ଲିଙ୍କ୍?



ପହଲଗାମ୍‌ରେ ଆତଙ୍କୀ ହମ୍‌ଲା କରିଥିବା ଟିଆରଏଫ ହେଉଛି ଲସ୍କର-ଏ-ତୋଏବାର ଏକ ଶାଖା ସଂଗଠନ, ଯାହା ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନରୁ ପାଉଛି ସହାୟତା। ଭାରତର ସୁରକ୍ଷା ତଥ୍ୟ ଓ ଜମ୍ମୁକାଶ୍ମୀରରେ ହିଂସା ସୃଷ୍ଟି କରିବାକୁ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ଆର୍ଥିକ ପାଣ୍ଠି ଯୋଗାଇ ଦେଉଛି ଏହି ସଂଗଠନକୁ।

ଗତ ୨୦୧୯ରେ ଜମ୍ମୁ-କାଶ୍ମୀରରେ ଧାରା ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ କାଶ୍ମୀରରେ ମୁଣ୍ଡ ଟେକିଥିଲା ଟିଆରଏଫ ବା ଦ ରେଜିଷ୍ଟେନସ ଫ୍ରଣ୍ଟ। ଶ୍ରୀନଗରରେ ଜନ୍ମଗ୍ରହଣ କରିଥିବା ଶେଖ ସଜ୍ଜାଦ ଗୁଲ୍ ସୋସିଆଲ ମିଡିଆରେ ଆରମ୍ଭ କରିଥିଲେ ଏହି ସଂଗଠନ। ଅନଲାଇନ୍ ପ୍ଲାଟଫର୍ମରେ ବିଭିନ୍ନ ହିନ୍ଦୁ ବିରୋଧୀ ପୋଷ୍ଟ କରି ମୁସଲମାନ ଯୁବପିଢ଼ିଙ୍କ ବ୍ରେନ ୱାସ କରି ସଂଗଠନରେ ସାମିଲ କରାଯାଏ। ସୋସିଆଲ ମିଡିଆ ଫେସବୁକ, ଟେଲିଗ୍ରାମ, ହ୍ୱାଟସଆପ, ଏକ୍ସରେ ବିଭିନ୍ନ ପୋଷ୍ଟ କରି ସଦସ୍ୟ ଯୋଗାଡ କରୁଥିଲା ସଂଗଠନର ମୁଖ୍ୟ ସଜ୍ଜାଦ ଗୁଲ୍ । ଆତଙ୍କବାଦୀଙ୍କୁ ନିଯୁକ୍ତି ଦେବା, ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବିଭିନ୍ନ ଦେଶକୁ ଅନୁପ୍ରବେଶ କରାଇବା, ନିଶା ଦ୍ରବ୍ୟ ଚୋରା ଚାଲାଣ କରିବା ଓ ବିଭିନ୍ନ ସୁରକ୍ଷାର ତଥ୍ୟ ସଂଗ୍ରହ କରି ଆଇଏସଆଇକୁ ଦେଇ ପାଏ ମୋଟା ଅଙ୍କର ଟଙ୍କା। ଧର୍ମର ଦ୍ୱାହି ଦେଇ ସୃଷ୍ଟି କରନ୍ତି ଅରାଜକତା। ଏହି ସଂଗଠନ ମୁଖ୍ୟତ କାଶ୍ମୀର ପଣ୍ଡିତ, ହିନ୍ଦୁ, ଶିଖ ଏବଂ ସାଧାରଣ ଲୋକଙ୍କୁ ଅଧିକ ଟାର୍ଗେଟ କରିଥାଏ। ଇସଲାମର ଏମାନେ ଦୃଢ ସମର୍ଥକ ବୋଲି ଦାବି କରନ୍ତି। ୨୦୨୨ ମସିହାରେ ସୁରକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଜମ୍ମୁ ଏବଂ କାଶ୍ମୀରରେ ନିହତ ୧୭୨ ଆତଙ୍କବାଦୀଙ୍କ ମଧ୍ୟରୁ ୧୦୮ ଜଣ ପ୍ରତିରୋଧ ଫ୍ରଣ୍ଟ ସହିତ ଜଡିତ। ଏମାନେ କରିଥିବା ଆତଙ୍କବାଦୀ ଆକ୍ରମଣର ତାଲିକା ବହୁତ ଲମ୍ବା। ୨୦୧୯ରେ ଯବାନଙ୍କ ବସ୍ ଉପରେ ହୋଇଥିବା ବିସ୍ଫୋରଣରେ ଏହି ସଂଗଠନର ନାମ ସାମ୍ନାକୁ ଆସିଥିଲା। ଆତଙ୍କବାଦ କାର୍ଯ୍ୟକଳାପ ନେଇ ୨୦୨୩ ରେ ଟିଆରଏଫକୁ ନିଷିଦ୍ଧ ଘୋଷଣା କରିଥିଲା ଭାରତର ଗୃହ ବିଭାଗ। ଏହା ସହିତ ଏହାର ପ୍ରତିଷ୍ଠାତା ଶେଖ ସଜ୍ଜାଦ ଗୁଲ୍‌କୁ ଆତଙ୍କବାଦୀ ଘୋଷଣା କରିଥିଲେ। ୨୦୨୦ ମସିହାରେ ଏହି ସଂଗଠନ ନିୟନ୍ତ୍ରଣ ରେଖା ନିକଟରେ ଗୁଳିଚାଳନା କରିଥିଲା। ଯେଉଁଥିରେ ୫ ଜଣ ଭାରତୀୟ ଯବାନ ଓ ୫ ଜଣ ଟିଆରଏଫ ଯବାନଙ୍କର ମୃତ୍ୟୁ ହୋଇଥିଲା। ୨୦୨୦ ମସିହା ଏପ୍ରିଲ ୫ ରେ କେରାନରେ ଆତ୍ମଘାତୀ ବିସ୍ଫୋରଣ କରି ଭାରତୀୟ ସ୍ପେଶାଲ ଫୋର୍ସର ୫ ଜଣ କର୍ମଚାରୀଙ୍କୁ ନିର୍ମମ ହତ୍ୟା କରିଥିଲେ। କେବଳ ଏତିକି ନୁହେଁ ୨୦୨୦ ମେ ୩ ରେ ସିଧା ସୁରକ୍ଷା କର୍ମୀଙ୍କୁ ଦେଇଥିଲେ ଓପନ ଚ୍ୟାଲେଞ୍ଜ। ଜଣେ କର୍ଣ୍ଣେଲ, ମେଜର ଏବଂ ଏସଓଜିର ଜଣେ ଇନସପେକ୍ଟରଙ୍କ ସମେତ ୫ ଜଣ ସୁରକ୍ଷାକର୍ମୀଙ୍କୁ ହତ୍ୟା କରିଥିଲେ। ସମାନ ବର୍ଷ ମେ ୫ ରେ ଚାରିଜଣ ସିଆରପିଏଫ କର୍ମଚାରୀ ଓ ଜଣେ ଦିବ୍ୟାଙ୍ଗଙ୍କର ମୃତ୍ୟୁ ହୋଇଥିଲା। ଏମିତିକି ସିଆରପିଏଫ ଯବାନଙ୍କ ଠାରୁ ୨ଟି ରାଇଫଲ ଚୋରି କରି ନେଇଥିଲେ। ପୁଣି ମେ ୨୧ ରେ ଜମ୍ମୁ-କାଶ୍ମୀର ପିପୁଲ୍ସ ପାର୍ଟି ଉପରେ ଆକ୍ରମଣ କରି ଦୁଇ ଜଣ କର୍ମଚାରୀଙ୍କୁ ହତ୍ୟା । ୨୦୨୧ରେ ଶ୍ରୀନଗରରେ ଏକ ସ୍କୁଲରେ ପଶି ଦୁଇଜଣ ଅଣ ମୁସଲମାନ ଶିକ୍ଷକଙ୍କୁ ହତ୍ୟା କରିଥିଲେ। ପୁଣି ଅକ୍ଟୋବର ୯ ରେ ଦୁଇ ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିଲେ। ପାକିସ୍ତାନ ବିଶ୍ୱ ଦରବାରରେ ଆତଙ୍କବାଦ ପାଇଁ ସବୁବେଳେ ନିନ୍ଦିତ ହୋଇ ଆସୁଛି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବାରୁ ବଡବଡ ଦେଶର ଟାର୍ଗେଟରେ ରହିଛି ପାକିସ୍ତାନ। ବିଶ୍ୱ ଦରବାରରେ ନିଜ ଛବି ସୁଧାରିବାକୁ ନୂଆ ଗଢା ହେଉଛି ଛୋଟଛୋଟ ସଂଗଠନ। ପାକିସ୍ତାନର ଫାଇନାନସିଆଲ ଆକ୍ସନ ଟାସ୍କ ଫୋର୍ସ ଗ୍ରେ ଲିଷ୍ଟରୁ ବାହାରିବା ପାଇଁ ଛୋଟ ସଂଗଠନକୁ ଯୋଗାଉଛି ଫଣ୍ଡ୍। ଆଉ ଯାହାର ଏକ ଜ୍ୱଳନ୍ତ ଉଦାହରଣ ଟିଆରଏଫ। ଏବେ ଯାହାକୁ ମୂଳ ପୋଛ କରିବାକୁ ଏବେ ଟିଆରଏଫ ସଦସ୍ୟଙ୍କୁ ଘରେଘରେ ଖୋଜୁଛନ୍ତି ସୁରକ୍ଷା କର୍ମୀ।

## ଜୟପୁରରୁ ୱାଶିଂଟନ ଫେରିଲେ ଆମେରିକାର ଉପରାଷ୍ଟ୍ରପତି



**ନୂଆଦିଲ୍ଲୀ,୨୪।୪:** ଆମେରିକୀୟ ଉପ ରାଷ୍ଟ୍ରପତି ଜେଡି ଭେନ୍ସ ତାଙ୍କ ପରିବାର ସହ ଚାରି ଦିନିଆ ଭାରତ ଗସ୍ତ ପରେ ଗୁରୁବାର ସକାଳେ ୱାଶିଂଟନ ଅଭିମୁଖେ ଯାତ୍ରା କରିଛନ୍ତି। ଜୟପୁର ଆନ୍ତର୍ଜାତୀୟ ବିମାନବନ୍ଦରରୁ ସେ ଏକ ବିଶେଷ ବିମାନରେ ଓ୍ୱାଶିଂଟନ ପାଇଁ ଉଡ଼ାଣ ଭରିଛନ୍ତି। ସୋମବାର ରାତିରେ ଭେନ୍ସ ଦିଲ୍ଲୀରୁ ଜୟପୁର ଆସିଥିଲେ। ପାହାଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଜୟପୁରରେ ତାଙ୍କର ସିଟି ପ୍ୟାଲେସ ଭ୍ରମଣ କାର୍ଯ୍ୟକ୍ରମ ବାତିଲ ହୋଇଥିଲା। ଏହି ଭାରତ ଗସ୍ତ ସମୟରେ ଭେନ୍ସ ଜୟପୁରରେ ଆମେର ଦୁର୍ଗ ଦେଖିଥିଲେ ଏବଂ ରାଜସ୍ଥାନ ଆନ୍ତର୍ଜାତୀୟ କେନ୍ଦ୍ରରେ ଭାରତ-ଆମେରିକା ସମ୍ପର୍କ ଉପରେ ଏକ ଭାଷଣ ଦେଇଥିଲେ। ଏହା ପୂର୍ବରୁ ସେ ବୁଧବାର ଆଗ୍ରାରେ ତାଜମହଲ ଦେଖିବାକୁ ଯାଇଥିଲେ। ଭେନ୍ସ ପରିବାର ସୋମବାର ଦିଲ୍ଲୀରେ ଅକ୍ଷରଧାମ ମନ୍ଦିର ଦର୍ଶନ କରିଥିଲେ। ଏହା ସହ ରାଜଧାନୀରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଭେନ୍ସ ଏବଂ ତାଙ୍କ ପରିବାର ପାଇଁ ରାତ୍ରିଭୋଜନର ଆୟୋଜନ କରିଥିଲେ। ଏହି ଗସ୍ତକୁ ରାଜନୈତିକ, ଆର୍ଥିକ ଏବଂ ସାମରିକ ଦୃଷ୍ଟିକୋଣରୁ ଭାରତ-ଆମେରିକା ସମ୍ପର୍କକୁ ମଜବୁତ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

## ରାଷ୍ଟ୍ରପତିଙ୍କୁ 'ଲାଲ୍' ଫାଇଲ୍ ହସ୍ତାନ୍ତର



**ନୂଆଦିଲ୍ଲୀ,୨୪।୪:** ସେହି ଲାଲ ଫାଇଲଟି ଶେଷରେ ରାଷ୍ଟ୍ରପତି ଭବନରେ ପହଞ୍ଚିଲା। ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏବଂ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ତାଙ୍କ ହାତରେ ଲାଲ ରଙ୍ଗର ଏକ 'ଗୁପ୍ତ' ଫାଇଲ ଥିଲା। ପହଲଗାମ ଆକ୍ରମଣ ପରେ ଭାରତ ଆକ୍ସନ ମୋଡ୍‌ରେ ଅଛି। ବୈଦେଶିକ ମନ୍ତ୍ରଣାଳୟଠାରୁ ଆରମ୍ଭ କରି ଗୁଇନ୍ଦା ସଂସ୍ଥା ପର୍ଯ୍ୟନ୍ତ ସମସ୍ତେ ପାକିସ୍ତାନକୁ କୋଣଠେସା କରିବାକୁ ପ୍ରସ୍ତୁତ ହେଉଛନ୍ତି ଏବଂ ଏବେ ଏହି ଲାଲ ଫାଇଲଟି ରାଷ୍ଟ୍ରପତିଙ୍କ ହାତରେ ଥିବାରୁ ସଙ୍କେତ ସ୍ପଷ୍ଟ- କିଛି ବଡ଼ ଘଟଣା ଘଟିବାକୁ ଯାଉଛି। ଭାରତ ଏକ ବଡ଼ କୂଟନୈତିକ ପଦକ୍ଷେପ ନେଇଛି। ପ୍ରାୟ ୨୦ ଦେଶର କୂଟନୀତିଜ୍ଞଙ୍କୁ ଡକାଯାଇଥିଲା ଏବଂ ପହଲଗାମ୍ ଆତଙ୍କୀ ଆକ୍ରମଣ ବିଷୟରେ ବିସ୍ତୃତ ସୂଚନା ଦିଆଯାଇଥିଲା। ପାକିସ୍ତାନ ମାଟିରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଇକୋସିଷ୍ଟମ ଏବେ ବି କିପରି ସକ୍ରିୟ ରହିଛି, ସେ ବିଷୟରେ ବୈଦେଶିକ ମନ୍ତ୍ରଣାଳୟ ଆମେରିକା, ଯୁକ୍ତରାଜ୍ୟ, ରୁଷିଆ, ଫ୍ରାନ୍ସ, ଜର୍ମାନୀ, ଜାପାନ, ଚୀନ, ଇଟାଲୀ, ଇଣ୍ଡୋନେସିଆ, ମାଲେସିଆ, ଓମାନ, ୟୁଏଇ, କତାର ଓ ନରୱେ ସମେତ ୧୨ରୁ ଊର୍ଦ୍ଧ୍ୱ ଦେଶକୁ ଅବଗତ କରାଇଛି। ଭାରତୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଆକ୍ରମଣ ଜମ୍ମୁ-କଶ୍ମୀରରେ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ଦ୍ରୁତ ଅର୍ଥନୈତିକ ପ୍ରଗତିକୁ ପଥଭ୍ରଷ୍ଟ କରିବା ଦିଗରେ ଏକ ଷଡ଼ଯନ୍ତ୍ର ଥିଲା। ଉଦ୍ଦେଶ୍ୟ ଥିଲା, କଶ୍ମୀରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଓ ସ୍ୱାଭାବିକ ଜୀବନକୁ ଫେରିଆସିଥିବା ସ୍ଥିରତାକୁ ନଷ୍ଟବିନଷ୍ଟ କରିବା। ଭାରତ ସ୍ପଷ୍ଟ କରିଦେଇଛି ଯେ ସୀମାପାର ଆତଙ୍କବାଦ ଉପରେ ସେ ଚୁପ ରହିବ ନାହିଁ। ପାକିସ୍ତାନର ଗୁପ୍ତ କଥାଗୁଡ଼ିକ ବିଶ୍ୱ ସମ୍ମୁଖରେ ପ୍ରକାଶ ପାଇଛି। ଏହି ବାର୍ତ୍ତା ମଧ୍ୟ ଦିଆଯାଇଛି ଯେ ଭାରତ କେବଳ ଆତଙ୍କବାଦ ବିରୁଦ୍ଧରେ ଲଢୁଛି ତାହା ନୁହେଁ, ବରଂ ବିଶ୍ୱ ସମୁଦାୟ ମଧ୍ୟ ଭାରତକୁ ସମର୍ଥନ କରୁଛି।

SANCHAR ସଂଚାର

### ପହଲଗାମ୍ ଆକ୍ରମଣ ପରେ ବିସିସିଆଇ ଉପାଧ୍ୟକ୍ଷଙ୍କ ବୟାନ

# ଭାରତ-ପାକିସ୍ତାନ କୌଣସି ଦ୍ୱିପାକ୍ଷିକ କ୍ରିକେଟ ଖେଳିବ ନାହିଁ



**ନୂଆଦିଲ୍ଲୀ,୨୪।୪:** କାଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ୨୬ରୁ ଅଧିକ ଭାରତୀୟଙ୍କ ଜୀବନ ଯିବା ପରେ ସାରା ଦେଶରେ ଆକ୍ରୋଶ ଦେଖିବାକୁ ମିଳୁଛି। ଏହି କ୍ରମରେ ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ବଡ଼ ବୟାନ ଦେଇଛନ୍ତି। ଭାରତ ପାକିସ୍ତାନ ସହିତ କୌଣସି ଦ୍ୱିପାକ୍ଷିକ କ୍ରିକେଟ ଖେଳିବ ନାହିଁ ବୋଲି ସେ କହିଛନ୍ତି।

ଶେଷ ଥର ପାଇଁ ଭାରତ ଏବଂ ପାକିସ୍ତାନ ୨୦୧୨-୨୦୧୩ରେ ଏକ ଦ୍ୱିପାକ୍ଷିକ ସିରିଜ ଖେଳିଥିଲେ, ଯେତେବେଳେ ପାକିସ୍ତାନ ଏକ ସୀମିତ ଓଭର ସିରିଜ ଖେଳିବା ପାଇଁ ଭାରତ ଗସ୍ତରେ ଆସିଥିଲା। ଭାରତ ଶେଷ ଥର ପାଇଁ ୨୦୦୮ ମସିହାରେ ପାକିସ୍ତାନ ଗସ୍ତ କରିଥିଲା, ଯେତେବେଳେ ସେମାନେ ଏସିଆ କପ୍ ଖେଳିଥିଲେ। ହେଲେ ଏବେ ଶୁକ୍ଲା ସ୍ପଷ୍ଟ କରିଛନ୍ତ ଯେ ଆମେ ଆଗକୁ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ ଖେଳିବୁ ନାହିଁ।

ସେ ସ୍ପୋର୍ଟସ ଟକ୍‌କୁ କହିଛନ୍ତି, 'ଆମେ ପୀଡିତଙ୍କ ସହିତ ଅଛୁ ଏବଂ ଏହାକୁ ନିନ୍ଦା କରୁଛୁ। ଆମ ସରକାର ଯାହା କହିବ, ଆମେ ତାହା କରିବୁ। ସରକାରଙ୍କ ମନୋଭାବ ଯୋଗୁ ଆମେ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ସିରିଜ ଖେଳୁନାହୁଁ ଏବଂ ଭବିଷ୍ୟତରେ ମଧ ଆମେ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ସିରିଜ ଖେଳିବୁ ନାହିଁ। କିନ୍ତୁ ଯେତେବେଳେ ଆଇସିସି ଇଭେଣ୍ଟଗୁଡ଼ିକର କଥା ଆସେ, ଆମେ ଆଇସିସିର ସମ୍ପୃକ୍ତି ଯୋଗୁ ଖେଳୁ। ଆଇସିସି ମଧ ଜାଣେ ଯେ ଯାହା ଘଟୁଛି, ସେମାନେ ଏହାର ମୁକାବିଲା କରିବେ।"

ବିସିସିଆଇ ସଚିବ ଦେବଜିତ ସାଇକିଆ ମଧ ନିରୀହ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଏହି ଭୟଙ୍କର ଆକ୍ରମଣ ପାଇଁ ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ଗତକାଲି ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣରେ ନିର୍ଦ୍ଦୋଷମାନେ ଜୀବନ ହରାଇବା ଘଟଣାରେ କ୍ରିକେଟ ସମ୍ପ୍ରଦାୟ ଗଭୀର ଭାବରେ ମର୍ମାହତ ଏବଂ ଦୁଃଖିତ। ବିସିସିଆଇ ପକ୍ଷରୁ, ଏହି ଭୟଙ୍କର ଏବଂ କାପୁରୁଷତାପୂର୍ଣ୍ଣ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିବା ସହିତ, ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି ଏବଂ ଦିବଙ୍ଗତ ଆତ୍ମାଙ୍କ ପାଇଁ ପ୍ରାର୍ଥନା କରୁଛି। ସେମାନଙ୍କ ଯନ୍ତ୍ରଣା ଏବଂ ଦୁଃଖକୁ ବାଣ୍ଟି ଏହି ଦୁଃଖଦ ସମୟରେ ଆମେ ସେମାନଙ୍କ ସହିତ ଠିଆ ହୋଇଛୁ।"

# ୫୨ ବର୍ଷରେ ପାଦ ଥାପିଲେ ସଚିନ ତେନ୍ଦୁଲକର



**ନୂଆଦିଲ୍ଲୀ, ୨୪।୪:** କ୍ରିକେଟ୍ ଦୁନିଆରେ ୨୪ ବର୍ଷ ପର୍ଯ୍ୟନ୍ତ ନିଜ ପତିଆରା ବିସ୍ତାର କରିଥିବା ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କ ଆଜି ଜନ୍ମ ଦିନ। ୫୨ ବର୍ଷ ବୟସରେ ପାଦ ଦେଇଛନ୍ତି ସଚିନ୍। ମାତ୍ର ୧୬ ବର୍ଷ ବୟସରେ ଅନ୍ତରାଷ୍ଟ୍ରୀୟ କ୍ରିକେଟରେ ପାଦ ରଖିଥିବା ସଚିନ୍ ୪୦ ବର୍ଷର ହେବା ପରେ ହିଁ ନିଜ ବ୍ୟାଟକୁ ଦେଇଥିଲେ ଆରାମ୍। କେବେ ଥକି ନଥିବା ଏହି ଯାତ୍ରା ସମୟରେ ସଚିନ୍ ଏତେ ଇତିହାସ ରଚିଯାଇଛନ୍ତି ଯେ ତାଙ୍କୁ 'କ୍ରିକେଟର ଭଗବାନ୍' ବୋଲି କୁହାଯାଏ। ମୁମ୍ବାଇର ବାନ୍ଦ୍ରାରେ ଥିବା ସାହିତ୍ୟ ସହବାସ କଲୋନୀରେ ସଚିନଙ୍କ ପିଲାଦିନ ବିତିଛି। ଛୋଟବେଳରୁ କ୍ରିକେଟ ପ୍ରତି ସଉକ ରଖୁଥିଲେ ଏବଂ ବହୁତ ଦୁଷ୍ଟ ଥିଲେ ସଚିନ। ସଚିନ ବିନୋଦ କାମ୍ବଲିଙ୍କ ସହିତ ସ୍କୁଲ କ୍ରିକେଟରେ ହିଁ ଓ୍ୱାଲର୍ଡ ରେକର୍ଡ କରିଥିଲେ। ଦୁହେଁ ଶାରଦାଶ୍ରମ ସ୍କୁଲ ପାଇଁ ଖେଳି ତୃତୀୟ ଓ୍ୱିକେଟର ୬୬୪ ରନ୍ କରିଥିଲେ।

ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ୬୬୪ଟି ଅନ୍ତରାଷ୍ଟ୍ରୀୟ ମ୍ୟାଚ ମଧରେ ୩୪,୩୫୭ ରନ କରିଛନ୍ତି। ଏହି ସମୟରେ ସଚିନ ୧୦୦ଟି ଶତକ ଏବଂ ୧୬୪ ଅର୍ଦ୍ଧଶତକ କରିଥିଲେ। ଏହାସହିତ ନିଜ ନାମରେ ୨୦୧ରେ ଓ୍ୱିକେଟ ମଧ ହାସଲ କରିଛନ୍ତି। ୨୪ ଏପ୍ରିଲ୍ ୧୯୭୩ ଦିନ ପ୍ରାୟ ୧ଟା ବେଳକୁ ମୁମ୍ବାଇର ଶିବାଜୀ ପାର୍କ ରାଣାଡେ ରୋଡ ସ୍ଥିତ ନିର୍ମଳା ନର୍ସିଂ ହୋମରେ ସଚିନଙ୍କ ଜନ୍ମ ହୋଇଥିଲା। ସଚିନ୍ ୨୪ ନଭେମ୍ବର ୧୯୮୯ରେ ମାତ୍ର ୧୬ ବର୍ଷ ବୟସରେ ନିଜ ଟେଷ୍ଟ କ୍ୟାରିୟରର ପ୍ରଥମ ହାଫ୍ ସେଞ୍ଚୁରୀ (୫୯) ରନ୍ କରିଥିଲେ। ପାକିସ୍ତାନ୍ ବିପକ୍ଷରେ ନିଜର ପ୍ରଥମ ପାଳିରେ ହିଁ ସବୁଠାରୁ କମ୍ ବୟସରେ ଏହି କାରନାମା କରିଦେଖାଇଥିଲେ ସଚିନ୍। ଦକ୍ଷିଣ ଆଫ୍ରିକା ବିରୋଧରେ ସଚିନ୍ ୨୦୦ରନର ଏକ ଦମଦାର ଇନିଂସ୍ ଖେଳି ଓ୍ୱାନ୍ ଡେ କ୍ରିକେଟର ୩୯ ବର୍ଷର ଇତିହାସରେ ପ୍ରଥମ ଡବଲ୍ ସେଞ୍ଚୁରୀ ଲଗାଇଥିଲେ।

ମାତ୍ର ୧୭ ବର୍ଷ ବୟସରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟେଷ୍ଟ ଶତକ କରିଥିଲେ ସଚିନ। ଦିନିକିଆ ମ୍ୟାଚରେ ୧୯୯୪ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷରେ ପ୍ରଥମ ଶତକ ମାରିଥିଲେ। ସଚିନ୍ ୨୪ ମେ ୧୯୯୫ ରେ ଅଞ୍ଜଳୀଙ୍କୁ ବିବାହ କରିଥିଲେ ସଚିନ୍। ତେବେ ଅଞ୍ଜଳୀଙ୍କଠାରୁ ୬ ବର୍ଷ ସାନ ସଚିନ୍। ଉଭୟଙ୍କ ନିର୍ବନ୍ଧ ୧୯୯୪ରେ ନ୍ୟୁଜିଲାଣ୍ଡରେ ହୋଇଥିଲା। ସଚିନଙ୍କ ଗୋଟିଏ ପୁଅ ଏବଂ ଝିଅ ରହିଛନ୍ତି।

## ଇମେଲ୍ ପଠାଇ ଗୌତମ ଗମ୍ଭୀରଙ୍କୁ ହତ୍ୟା ଧମକ ଦେଲା ଆଇଏସଆଇଏସ୍ କଶ୍ମୀର



**ନୂଆଦିଲ୍ଲୀ, ୨୪।୪:** ଭାରତୀୟ କ୍ରିକେଟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ନେଇ ଏକ ବଡ଼ ଖବର ଆସିଛି। ତାଙ୍କୁ ହତ୍ୟା ଧମକ ମିଳିଛି। କୁହାଯାଉଛି ଯେ, ଗମ୍ଭୀରଙ୍କୁ ଇମେଲ୍ ମାଧମରେ ଧମକ ଦିଆଯାଇଛି। ଇମେଲ୍‌ରେ କେବଳ ତିନୋଟି ଶବ୍ଦ ଲେଖାଯାଇଛି -ମୁଁ ତୁମକୁ ହତ୍ୟା କରିବି। ଏଭଳି ଧମକ ପାଇବା ପରେ ଗମ୍ଭୀର ତୁରନ୍ତ ଏହି ଇମେଲ୍ ବିଷୟରେ ପୁଲିସକୁ ଜଣାଇଥିଲେ। ପ୍ରାରମ୍ଭିକ ତଦନ୍ତ ଅନୁସାରେ, ଏହି ଧମକ ଆଇଏସଆଇଏସ କଶ୍ମୀର ଦେଇଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ, ଇମେଲ୍ ପଠାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବାକୁ ପ୍ରୟାସ କରାଯାଉଛି। ଏଥିପାଇଁ, ସାଇବର ସେଲ୍ ଟିମ୍ ଇମେଲକୁ ଟ୍ରାକ୍ କରିବାକୁ ଚେଷ୍ଟା କରୁଛି ଏବଂ ବୈଷୟିକ ବିଶ୍ଳେଷଣ ମାଧମରେ ଏହାର ତଦନ୍ତ କରୁଛି। ଏହି ଇମେଲ୍ କିଏ ଏବଂ କେଉଁଠାରୁ ପଠାଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ରଜିନ୍ଦର ନଗର ପୁଲିସ ଷ୍ଟେସନରେ ଏନେଇ ଅଭିଯୋଗ ଦାଖଲ କରାଯାଇଥିବା ସାମ୍ନାକୁ ଆସିଛି। ପହଲଗାମରେ ମଙ୍ଗଳବାର କାପୁରୁଷ ଆତଙ୍କବାଦୀମାନେ କରିଥିବା ଆକ୍ରମଣ ପରେ ଏହାର ନିନ୍ଦା କରିଥିଲେ ଗମ୍ଭୀର। ଏକ୍ସରେ ସେ ପୋଷ୍ଟ କରି ଲେଖିଥିଲେ, "ମୃତକଙ୍କ ପରିବାର ପାଇଁ ପ୍ରାର୍ଥନା କରୁଛି। ଯେଉଁମାନେ ଏଥିପାଇଁ ଦାୟୀ, ସେମାନଙ୍କୁ ଏହାର ମୂଲ୍ୟ ଦେବାକୁ ପଡିବ। ଭାରତ ଏହାର ଜବାବ ଦେବ।" ତାଙ୍କର ଏହି ପୋଷ୍ଟ ପରେ ତାଙ୍କୁ ହତ୍ୟା ଧମକ ଦିଆଯାଉଥିବା ଜଣାଯାଇଛି।

## ଭାରତ ଆସିବାକୁ ମନା କଲେ ନଦୀମ୍

**ନୂଆଦିଲ୍ଲୀ, ୨୪।୪:** ପାକିସ୍ତାନର ଅଲିମ୍ପିକ୍ ଚାମ୍ପିଅନ୍ ଅର୍ଶଦ ନଦୀମ୍ ଭାରତ ଆସିବାକୁ ମନା କରିଦେଇଛନ୍ତି। ବେଙ୍ଗାଲୁରୁରେ ହେବାକୁ ଥିବା ଏନସି କ୍ଲାସିକ୍ ଜାଭେଲିନ୍ ଥ୍ରୋ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଷ୍ଟାର ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ତାଙ୍କୁ ସୋମବାର ନିମନ୍ତ୍ରଣ କରିଥିଲେ। ମୁଁ ମୋ କୋଚ୍‌ଙ୍କଠାରୁ ବୁଝିକି ଜଣାଇବି ବୋଲି କହିଥିଲେ ନଦୀମ୍। ଏବେ ସେ ଆସିପାରିବେ ନାହିଁ ବୋଲି ଜଣାଇଛନ୍ତି। ମଙ୍ଗଳବାର ପହଲଗାମ୍‌ରେ ହୋଇଥିବା ଆକ୍ରମଣ ଏହାର କାରଣ ବୋଲି କୁହାଯାଉଥିବା ବେଳେ ନଦୀମ୍ ଭିନ୍ନ କାରଣ ଜଣାଇଛନ୍ତି। ନଦୀମ କହିଛନ୍ତି, "ଏନସି କ୍ଲାସିକ୍ ପ୍ରତିଯୋଗିତା ମେ' ୨୪ରେ ହେବାକୁ ଯାଉଛି ଏବଂ ମୁଁ ମେ ୨୨ରେ ଏସୀୟ ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ କୋରିଆ ଯିବି। ମୁଁ ୨୭ ରୁ ୩୧ ମେ' ପର୍ଯ୍ୟନ୍ତ କୋରିଆରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ ଚାମ୍ପିଅନସିପ ପାଇଁ ବହୁତ କଠିନ ପରିଶ୍ରମ କରୁଛି। ତେଣୁ ମୋ ପାଇଁ ଭାରତ ଯିବା ଅସମ୍ଭବ।" ସୋମବାର ଗଣମାଧମ ସହିତ ଏକ ଭର୍ଚୁଆଲ୍ ଆଲୋଚନାରେ ନୀରଜ ଚୋପ୍ରା କହିଥିଲେ, "ମୁଁ ଅର୍ଶଦଙ୍କୁ ନିମନ୍ତ୍ରଣ ପଠାଇଛି ଏବଂ ସେ କହିଛନ୍ତି ଯେ, ସେ ତାଙ୍କ ପ୍ରଶିକ୍ଷକଙ୍କ ସହ କଥା ହେବା ପରେ ଉତ୍ତର ଦେବେ। ଏପର୍ଯ୍ୟନ୍ତ ସେ ତାଙ୍କର ଜବାବ ଦେଇନାହାନ୍ତି।" ନଦୀମ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଂଶଗ୍ରହଣ କରି ୯୨. ୯୭ ମିଟର ପର୍ଯ୍ୟନ୍ତ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟପକ୍ଷରେ ନୀରଜ ଚୋପ୍ରା ୮୯. ୪୫ ମିଟର ଜାଭେଲିନ୍ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୬ଲକ୍ଷ...

କରିଛନ୍ତି। ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି। ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ ଆଜି ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି। ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟ ସ୍ତରୀୟ ଓ ରାଜ୍ୟସ୍ତରୀୟ ନେତୃତ୍ୱକୁ ଜନ୍ମ ଦେଇଛି। ଉଦାହରଣସ୍ୱରୂପ ସେ ନିଜେ ମଧ୍ୟ ୧୯୯୭ର ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗ ଦେଇଛନ୍ତି ବୋଲି କହିଥିଲେ। ପଞ୍ଚାୟତ ସ୍ତରରୁ ପ୍ରିତିନିଧି ଭାବେ ଆସିଥିବା ଜନପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି। ଆଜି ପଞ୍ଚାୟତ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି। ବିଗତ ଅଢ଼େଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲୀସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା। ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲୀସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ। ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସବୁପ୍ରକାର ପଦକ୍ଷେପ ନେଉଛନ୍ତି। ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରାଯିବାର ଲକ୍ଷ୍ୟ ରହିଛି।

ସେ ପୁଣି କହିଥିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇଦେବୁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଓ ୪ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମାଣାଧୀ ଅଛି । ରାଜ୍ୟର ମହିଳାମାନେ ସୁଭଦ୍ରା ଯୋଜନାରେ ପାଇଥିବା ଅର୍ଥକୁ ସୁବିନିଯୋଗ କରିଛନ୍ତି। ଆମ ରାଜ୍ୟର ୧୭ ଲକ୍ଷ ମା' ଲକ୍ଷପତି ଦିଦି ହୋଇ ଭାରତବର୍ଷରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ରଖିଛନ୍ତି। ଲକ୍ଷପତି ଦିଦି ଗଢିବାରେ ସୁଭଦ୍ରା ଯୋଜନାର ବହୁତ ବଡ଼ ଅବଦାନ ରହିଛି। ଆମେ ରାଜ୍ୟବାସୀଙ୍କୁ ଯାହା କଥା ଦେଇଥିଲୁ, ତାହା ଆମେ ୧୦ ମାସ ମଧ୍ୟରେ କାମରେ କରି ଦେଖାଇଛୁ। ଆମ ସରକାର କାମରେ ବିଶ୍ୱାସ କରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନ୍‌ଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ, ପିପିଏମ୍‌ଏସ୍ ପୋର୍ଟାଲ, ପଞ୍ଚାୟତ ମନିଟରିଂ ସିଷ୍ଟମ, ୬୧୩ଟି ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ ଲକ୍ଷରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନ କରିବା ସହ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ୍ ପୁସ୍ତକର ଉନ୍ମୋଚନ କରିଥିଲେ। ଏଥିସହ ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକର ୮ ଜଣ ରାସନ କାର୍ଡ ହିତାଧିକାରୀ ଓ ୫ ଜଣ ସୁଭଦ୍ରା ହିତାଧିକାରୀଙ୍କୁ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ। ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ନେଇଛୁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି। ପୋର୍ଟାଲ ମାଧ୍ୟମରେ ଯଥାଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିବା ପରେ ଗାଁରେ ବିକାଶର ସୁଅ ଛୁଟିଛି। ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି। ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି। ଗାଁର ବିକାଶ ପାଇଁ ରାଜନୀତିରୁ ଉର୍ଦ୍ଧ୍ୱକୁ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଗ୍ରାମାଞ୍ଚଳର ମୌଳିକ ସମସ୍ୟାକୁ ଦୂର କରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଗାଁର ବିକାଶ ହେଲେ ଆମ ଦେଶର ବିକାଶ ହେବ। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ର ସେମାନଙ୍କ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କାଶ୍ମୀର ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଓ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ମାଟିରେ...

ମୋଦି। ମୃତକଙ୍କ ପରିବାର ସହ ସାରା ଦେଶ ଛିଡ଼ା ହୋଇଛି। ପହଲଗାମ୍ ମୃତକଙ୍କ ପରିବାରକୁ ଉଚିତ୍ ନ୍ୟାୟ ମିଳିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ।

ପହଲଗାମରେ କର୍ଣ୍ଣାଟକର ମଞ୍ଜୁନାଥଙ୍କୁ ହତ୍ୟା କଲେ ଆତଙ୍କବାଦୀ। ତାଙ୍କ ସ୍ତ୍ରୀ ନେହୁରା ହେଲେ ମୋତେ ବି ମାରିଦିଅ। ହେଲେ ଆତଙ୍କୀ କହିଲେ ମୋଦିଙ୍କୁ ଦେବ ଆମ ପୈଗାମ୍। କିନ୍ତୁ ଏବେ ସେଇ ପୈଗାମର ଜବାବ ଦେଇଛନ୍ତି ଖୋଦ୍ ମୋଦି। ମୃତ୍ୟୁର ଅକ୍ଷିମୁଠି ଅନୁକୂଳ କଲା ବେଳେ ଅପରାଧବୋଧରେ ଯେଉଁମାନଙ୍କର ମଥା ବି ନଇଁପଡ଼େନି, ସେମାନଙ୍କ ଉଦ୍ଦେଶ୍ୟରେ ମୋଦି ଭରିଛନ୍ତି ଲଲକାର୍।ଆ ତଙ୍କୀଙ୍କ ଅଣ୍ଟା ଭଙ୍ଗାଯିବ ବୋଲି ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଭାରତର ଆତ୍ମା ଉପରେ ହମ୍‌ଲା କରିବାର ଦୁଃସାହସ କରିଥିବା ଆତଙ୍କୀଙ୍କୁ ଏମିତି ଦଣ୍ଡ ଦିଆଯିବ, ଯାହା ସେମାନେ କେବେ ବି କଳ୍ପନା କରିନଥିବେ ।

କେବଳ ଏତିକି ନୁହେଁ, ଗତକାଲି ପାକିସ୍ତାନ ବିରୋଧରେ କୂଟନୈତିକ ଏୟାରଷ୍ଟ୍ରାଇକ୍ ପରେ ଭାରତ ସୈନ୍ୟ ଷ୍ଟ୍ରାଇକ୍ ବି କରିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇସାରିଛି। କାହିଁକିନା ପହଲଗାମ ଆଟାକ୍ ନେଇ ପିଏମ୍ ମୋଦି ସାରା ବିଶ୍ୱକୁ ମେସେଜ୍ ଦେବା ପାଇଁ ମଞ୍ଚରୁ ହିଁ ଇଂରାଜୀରେ କହିଛନ୍ତି ଯେ ଆତଙ୍କବାଦୀଙ୍କୁ କୌଣସି ପରିସ୍ଥିତିରେ ବି ଛଡ଼ାଯିବନି। ୧୮ ଡିସେମ୍ବର ୨୦୧୬ରେ ହୋଇଥିଲା ଉରୀ ଆକ୍ରମଣ। ଆଉ ଏହାର ୧୧ ଦିନରେ ହିଁ ସର୍ଜିକାଲ ଷ୍ଟ୍ରାଇକ୍ କରି ବଦ୍‌ଲା ନେଇଥିଲା ଭାରତ। ୧୪ ଫେବୃଆରୀ ୨୦୧୯ରେ ହୋଇଥିଲା ପୁଲୱାମା ଆଟାକ୍। ୧୩ ଦିନରେ ବାଲାକୋଟ୍ ଏୟାରଷ୍ଟ୍ରାଇକ କରି ପ୍ରତିଶୋଧ ନେଇଥିଲା ଭାରତ। ତେଣୁ ସର୍ଜିକାଲ ଷ୍ଟ୍ରାଇକ୍ କରି ଟିଜର୍ ଆଉ ଏୟାରଷ୍ଟ୍ରାଇକ୍ କରି ଟ୍ରେଲର ଦେଖାଇଥିବା ଭାରତ ଏବେ ପହଲଗାମର ପ୍ରତିଶୋଧର ଫିଲ୍ମ ଖୁବଶୀଘ୍ର ଦେଖାଇବାକୁ ଯାଉଛି।

### ଡେପୁଟେସନରେ ...

ନୂଆଦିଲ୍ଲୀରେ ରେସିଡେଣ୍ଟ କମିଶନର ଦାୟିତ୍ୱରେ ଥିଲେ। ପରେ ତାଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରାଯାଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ। ଏବେ ତାଙ୍କୁ ବିଏସଏଫରେ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେହିଭଳି କେନ୍ଦୁଝରର ପୂର୍ବତନ ଏସପି ୨୦୧୦ ବ୍ୟାଚ୍‌ର ଆଇପିଏସ ମିତ୍ରଭାନୁ ମହାପାତ୍ରଙ୍କୁ ବିଏସଏଫରେ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି।

### ସର୍ବବୃହତ୍...

ନିୟୋଜିତ ରହିଛନ୍ତି। ଏହି ଅଭିଯାନରେ ଛତିଶଗଡ଼ ସହ ମହାରାଷ୍ଟ୍ର ଓ ତେଲେଙ୍ଗାନା ରାଜ୍ୟର ସୁରକ୍ଷାକର୍ମୀ ମଧ୍ୟ ସାମିଲ୍ ହୋଇଛନ୍ତି। ଗୁଇନ୍ଦା ସୂତ୍ରରୁ ଉକ୍ତ ଅଞ୍ଚଳରେ ପାଖାପାଖି ହଜାରେ ମାଓବାଦୀ ଲୁଚିରହିଥିବା ନେଇ ସୂଚନା ପାଇବା ପରେ ସୁରକ୍ଷାକର୍ମୀମାନେ ଏହି ଅପରେସନ୍ ଆରମ୍ଭ କରିଛନ୍ତି। ସେଠାରେ ମୋଷ୍ଟ ୱାଣ୍ଟେଡ୍ କମାଣ୍ଡର୍ ମାଓବାଦୀ ହିଡ଼ମା ଓ ବାଟାଲିଅନ୍ ମୁଖ୍ୟ ଦେବ ମଧ୍ୟ ମହଜୁଦ ଥିବା କୁହାଯାଉଛି। ସେହିପରି ଏହି ଅପରେସନ୍‌ରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି), ବସ୍ତର୍ ଫାଇଟର୍ସ, ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍), ରାଜ୍ୟ ପୁଲିସ୍‌ର ସମସ୍ତ ୟୁନିଟ୍, ସିଆରପିଏଫ୍ ଓ ଏହାର ପ୍ରମୁଖ ଶାଖା କୋବ୍ରା ବାହିନୀର ସଦସ୍ୟମାନେ ସାମିଲ୍ ହୋଇଛନ୍ତି। ସମ୍ବେଦନଶୀଳ ଛତିଶଗଡ଼-ତେଲେଙ୍ଗାନା ସୀମା ସହ କାରେଗୁଡା ପର୍ବତାଞ୍ଚଳରେ ମାଓବାଦୀମାନେ ଲୁଚି ରହିଥିବା ବେଳେ ସେମାନଙ୍କୁ ଚାରିପଟୁ ସୁରକ୍ଷାକର୍ମୀମାନେ ଘେରି ରହିଛନ୍ତି। ଏହି ଅଞ୍ଚଳଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବାରୁ ଏଠାରେ ମାଓବାଦୀମାନେ ସେମାନଙ୍କ ପ୍ରମୁଖ ଆଡ୍ଡାସ୍ଥଳୀ ସ୍ଥାପନ କରିଛନ୍ତି। ଉକ୍ତ ଅଞ୍ଚଳରେ ବ୍ୟାପକ ମାତ୍ରାରେ ଆଇଇଡି ଖଞ୍ଜାଯାଇଥିବା ସନ୍ଦେହ କରି କିଛିଦିନ ତଳେ ଉକ୍ତ ଅଞ୍ଚଳରେ ପ୍ରବେଶ ପାଇଁ ନକ୍ସଲମାନେ ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କୁ ପ୍ରେସ୍ ନୋଟ୍ ମାଧ୍ୟମରେ ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଦେଶରେ ମାଓ ଦମକ ଅଭିଯାନକୁ ବ୍ୟାପକ କରାଯାଇଥିବା ବେଳେ ୪ ମାସ ମଧ୍ୟରେ ଛତିଶଗଡ଼ରେ ପାଖାପାଖି ୧୫୦ ମାଓବାଦୀଙ୍କୁ ନିପାତ କରାଯାଇସାରିଛି। ସେମାନଙ୍କ ମଧ୍ୟରୁ ୧୨୪ ଜଣ ନକ୍ସଲଙ୍କ ପ୍ରମୁଖ ଆଡ୍ଡାସ୍ଥଳୀ ବସ୍ତର୍ ଡିଭିଜନ୍‌ରେ ସକ୍ରିୟ ଥିଲେ। ଏହାଛଡ଼ା ଝାଡ଼ଖଣ୍ଡରେ ମଧ୍ୟ ଗତ ସପ୍ତାହରେ ଜଣେ ଶୀର୍ଷ କମାଣ୍ଡର୍ ସମେତ ୮ ଜଣ ନକ୍ସଲଙ୍କୁ ନିପାତ କରାଯାଇଥିଲା। ଉକ୍ତ ଶୀର୍ଷ କମାଣ୍ଡର୍ ନାମରେ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା।

### ଶିମିଳିପାଳ...

ଜମିବାଡ଼ି ଆଦି ରହିଥିଲା। ସେହି ଗ୍ରାମରେ ଲୋକମାନେ ବହୁ ବର୍ଷ ଧରି ଚାଷବାସ କରି ବସବାସ କରିଆସୁଥିଲେ ଓ ବହୁ ଘରୋଇ ଜମି ମଧ୍ୟ ଥିଲା। ସେହିପରି ଶିମିଳିପାଳ ଜଙ୍ଗଲ ଉପରେ ସ୍ଥାନୀୟ ବନବାସୀଙ୍କ ଅଧିକାର ଥିଲା। ସରକାର ସେମାନଙ୍କୁ ସମସ୍ତ ପ୍ରକାରର କ୍ଷତିପୂରଣ ପ୍ରଦାନ କରିବା ସହ ଅନ୍ୟ ଜଙ୍ଗଲ ଅଞ୍ଚଳରେ ଥଇଥାନ କରିଛନ୍ତି। ସେହିପରି ଲୋକଙ୍କ ସବୁ ଅଧିକାର ପୂରଣ କରାଯାଇଛି। ଏଣୁ ଏବେ ଏହି ଅଭୟାରଣ୍ୟକୁ ଜାତୀୟ ଉଦ୍ୟାନ ମାନ୍ୟତା ମିଳିଛି। ଏହାଦ୍ୱାରା ଦେଶ ଓ ବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସିବେ, ଯାହାଦ୍ୱାରା ଉକ୍ତ ଅଞ୍ଚଳର ବିକାଶ ହୋଇପାରିବ। ତା'ଛଡ଼ା ବନ୍ୟପ୍ରାଣୀ, ଜଙ୍ଗଲ ଓ ତଥା ପରିବେଶର ସୁରକ୍ଷା ମଧ୍ୟ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ଶିମିଳିପାଳକୁ ଜାତୀୟ ଉଦ୍ୟାନ ର ଘୋଷଣା ପରେ ଏହା ଭାରତର ୧୦୭ ଓ ଓଡ଼ିଶାର ୨ ନମ୍ବର ଜାତୀୟ ଉଦ୍ୟାନ ହୋଇଛି। ଆଜିଠାରୁ ଏହା ଶିମିଳିପାଳ ଜାତୀୟ ଉଦ୍ୟାନ ବା ନ୍ୟାସନାଲ ପାର୍କ ଭାବେ ପରିଗଣିତ ହୋଇଛି ବୋଲି ଜଙ୍ଗଲ ମନ୍ତ୍ରୀ କହିଛନ୍ତି। ଏହାଦ୍ୱାରା କେନ୍ଦ୍ରରୁ ଶିମିଳିପାଳର ବିକାଶ ପାଁ ସ୍ୱତନ୍ତ୍ର ବଜେଟ ମିଳିବ। ସେହିପରି ବନ୍ୟପ୍ରାଣୀ ଓ ଜଙ୍ଗଲର ଅଧିକ ସୁରକ୍ଷା ହୋଇପାରିବ ବୋଲି ମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଶିମିଳିପାଳ ସଂରକ୍ଷିତ ଜଙ୍ଗଲର ପରିସୀମା ୨୭୫୦ ବର୍ଗ କିମି ରହିଥିବା ବେଳେ ସେଥିରୁ ୮୪୫.୭୦ ବର୍ଗ କିମିକୁ ଜାତୀୟ ଉଦ୍ୟାନ ଘୋଷଣା କରାଯାଇଛି। ଏହି ପ୍ରସ୍ତାବ ଦୀର୍ଘଦିନ ଧରି ବିଚାରାଧୀନ ଥିଲା ବୋଲି ମନ୍ତ୍ରୀ କହିଛନ୍ତି। ୮୪୫.୭୦ ବର୍ଗ କିମି (୮୪୫୭୦ ହେକ୍ଟର) ପରିମିତ ଶିମିଳିପାଳ ଜାତୀୟ ଉଦ୍ୟାନ ଅଧିନରେ ଶିମିଳିପାଳ ସାଉଥ ବନ୍ୟପ୍ରାଣୀ ଡିଭିଜନ ଓ ଶିମିଳିପାଳ ନର୍ଥ ବନ୍ୟପ୍ରାଣୀ ଡିଭିଜନ ରହିଛି। ଏହା ମଧ୍ୟରେ ଶିମିଳିପାଳ ସଂରକ୍ଷିତ ଜଙ୍ଗଲ ବି ରହିଛି। ଶିମିଳିପାଳ ସାଉଥ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ପିଠାବଟା ଉତ୍ତର ବନ୍ୟପ୍ରାଣୀ ରେଞ୍ଜ, ଦକ୍ଷିଣ ବନ୍ୟପ୍ରାଣୀ ରେଞ୍ଜ, ନାୱାନ ବନ୍ୟପ୍ରାଣୀ ରେଞ୍ଜ, ଜେନାବିଲ ବନ୍ୟପ୍ରାଣୀ ରେଞ୍ଜ, ନ୍ୟାସନାଲ ପାର୍କ ବନ୍ୟପ୍ରାଣୀ ରେଞ୍ଜ, ୟୁବିକେ ବନ୍ୟପ୍ରାଣୀ ରେଞ୍ଜ ଓ ଭଞ୍ଜବସା ବନ୍ୟପ୍ରାଣୀ ରେଞ୍ଜ ରହିଛି। ସେହିପରି ଶିମିଳିପାଳ ନର୍ଥ ବନ୍ୟପ୍ରାଣୀ ଡିଭିଜନ ଅଧିନରେ ବରେହିପାଣି ବନୟପ୍ରାଣୀ ରେଞ୍ଜ, ଚହଲା ବନ୍ୟପ୍ରାଣୀ ରେଞ୍ଜ, ନୱାନା ନର୍ଥ ବନ୍ୟପ୍ରାଣୀ ରେଞ୍ଜ, ତଳବନ୍ଧ ବନ୍ୟପ୍ରାଣୀ ରେଞ୍ଜ ଆଦି ରହିଛି। ସୂଚନାଯୋଗ୍ୟ ଯେ ଶିମିଳିପାଳରେ ରହିଛନ୍ତି ମହାବଳ ବାଘ ସମେତ ବହୁ ପ୍ରଜାତିର ବନ୍ୟପ୍ରାଣୀ ଜୀବଜନ୍ତୁ। ସେହିପରି ବିଭିନ୍ନ ପ୍ରକାରର ଔଷଧୀୟ ବୃକ୍ଷ ବି ରହିଛି। ପ୍ରତିବର୍ଷ ବହୁ ପର୍ଯ୍ୟଟକ ଏଠାକୁ ବୁଲି ଆସିବା ସହ ଗବେଷକମାନେ ଗବେଷଣା ପାଇଁ ପହଞ୍ଚୁଛନ୍ତି।

### ମାନବାଧିକାର...

ପଚାରିବାକୁ ତଦନ୍ତ ଚାଲିଥିବା କହିଥିଲେ ଏବଂ ୧୧ ତାରିଖ ଦିନ ପୁଅକୁ ଛାଡିଦେବୁ ବୋଲି କହିଥିଲେ।

ଏହାପରେ ୧୧ ତାରିଖ ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ସେମାନେ ପୁଅକୁ ପୁଲିସ୍ କମିଶନର ଅଫିସକୁ ମୁହଁରେ ଟାୱେଲ ଏବଂ ଧଳା ରଙ୍ଗର ଗାମୁଛା ପକାଇ ଦପ୍ତରର ଯେଉଁ ସିଧାରେ ବଡ଼ ଘଣ୍ଟା ଲାଗିଛି, ସେହି ବାଟ ଦେଇ ଉପର ମହଲାକୁ ନେଇଗଲେ। ଯେତେ କାକୁତିମିନତି ହୋଇ ମୋର ଦୋଷ କ'ଣ ଏବଂ ମତେ ଛାଡିଦିଅ ବୋଲି କହିଲା ବେଳେ ସେମାନେ ତାକୁ କେବଳ ଗୋଟିଏ କଥା କହୁଥିଲେ ଯେ ତୋତେ ସକାଳେ ଛାଡିଦବୁ।

ହେଲେ ପୁଅ ସେମାନଙ୍କର ଚାଲ୍ ବୁଝିପାରିଲି ନାହିଁ। ସେହି ପୁଲିସ୍‌ମାନେ ତାକୁ ଏପ୍ରିଲ୍ ୧୧ତାରିଖ ଦିନ ରାତି ପ୍ରାୟ ୨.୩୦ ରୁ ୩.୩୦ ମଧ୍ୟରେ କମିଶନରେଟ ପୁଲିସ୍ ଅଫିସରୁ ମୁହଁରେ ଧଳା ରଙ୍ଗର ଗାମୁଛା ପକାଇ ଖଣ୍ଡଗିରି ଅଞ୍ଚଳକୁ ନେଲେ। ମୁହଁରେ ଗାମୁଛା ପଡିଥିବାରୁ ପୁଅ କିଛି ଦେଖିପାରୁନଥିବା କହିଛି। ଏହାପରେ ୪/୫ ଜଣ ତା'ର ହାତ ଧରି ଅଜାଣତରେ ଦୁଇ ରାଉଣ୍ଡ ଗୁଳି କରିଥିଲେ। ଗୁଳି ମାଡ଼ ପରେ ପୁଅ ରାସ୍ତାରେ ଚିଲ୍ଲେଇବା ସହ ଯନ୍ତ୍ରଣାରେ ଗଡୁଥିଲା। ତା' ଶରୀରରୁ ରକ୍ତର ସୁଅ ଛୁଟୁଥିଲା। ଶରୀର ରକ୍ତ ଜୁଡୁବୁଡୁ ହୋଇଯାଇଥିଲା। ସେହି ସମୟରେ ପୁଲିସ୍ କର୍ମଚାରୀମାନେ ପୁଅର ହାତ ଖୋଲିବା ସହିତ ତୁଳାରେ ଫିଙ୍ଗର ପ୍ରିଣ୍ଟ୍ ନେବା ଆରମ୍ଭ କରିଥିଲେ। ଏହାପରେ ତାକୁ ପୁଲିସ୍ ଛ'ନମ୍ବରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ନେଇ ଡାକ୍ତରଙ୍କୁ ଦେଖାଇଥିଲେ।

ଅମିନା ବିବା ଉଲ୍ଲେଖ କରିଛନ୍ତି ଯେ ଯେଉଁ ଟିଭିଏସ୍ ଆପାଚି ଦୁଇଚକିଆ ଯାନକୁ ଜାମସେଦର ବୋଲି ପୁଲିସ୍ ଦର୍ଶାଉଛି, ତାହା ତା'ର ନୁହେଁ। ଯେଉଁ ବନ୍ଧୁକ ପୁଲିସ୍ ଦେଖାଉଛି, ତାହା ବି ଜାମସେଦର ନୁହେଁ। ଆମ ପରିବାରକୁ ହଇରାଣ କରିବା ପାଇଁ ପୁଲିସ୍ ଏଭଳି ମିଛ ଏନକାଉଣ୍ଟର କରିଛି। ତେଣୁ ମୋ ପୁଅକୁ ନ୍ୟାୟ ମିଳୁ। ପୂର୍ବରୁ ପୁଲିସ୍ ଏନକାଉଣ୍ଟରରେ ଆହତ ହୋଇଥିବା ଜାମସେଦ୍ ଏନକାଉଣ୍ଟରକୁ ମିଛ ଦର୍ଶାଇ ପୁଲିସ୍ କମିଶନରଙ୍କୁ ଚିଠି ଲେଖିଥିବା ବେଳେ ଏବେ ତା'ର ମା' ରାଜ୍ୟ ମାନବାଧିକାରଙ୍କ ଦ୍ୱାରସ୍ଥ ହେବା ପରେ ଏହି ଏନକାଉଣ୍ଟର ଉପରୁ କେବେ ପରଦା ଉଠିବ, ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

### ମିଳିଲା...

ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଗତ ମଙ୍ଗଳବାରର ଅଘଟଣ ସମ୍ପର୍କରେ କେନ୍ଦ୍ର ସରକାର ସବୁ ଦଳର ନେତାମାନଙ୍କୁ ଅବଗତ କରାଇଥିଲେ। ଏପରିକି ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ବାବଦରେ ମଧ୍ୟ ସୂଚନା ଦିଆଯାଇଥିଲା। ସିନ୍ଧୁ ଜଳ ଚୁକ୍ତିକୁ ବାତିଲଠାରୁ ଆରମ୍ଭ କରି ଭିସା ରଦ୍ଦ ପର୍ଯ୍ୟନ୍ତ ସବୁ ପଦକ୍ଷେପକୁ ସର୍ବଦଳୀୟ ବୈଠକରେ ସମର୍ଥନ ମିଳିଛି। ତେବେ ବୈଠକରେ କେନ୍ଦ୍ର ସରକାର ସୁରକ୍ଷା ବ୍ୟବସ୍ଥାରେ ରହିଯାଇଥିବା ତ୍ରୁଟିକୁ ମଧ୍ୟ ସ୍ୱୀକାର କରାଯାଇଛି। କିଛି ବିଫଳତା ଅଛି ବୋଲି ଏହି ବୈଠକରେ ଆମେ ଆଲୋଚନା କରୁଥିବା କେନ୍ଦ୍ର ସରକାର କହିଥିଲେ। ଅନନ୍ତନାଗ ଜିଲ୍ଲାର ପହଲଗାମର ବୈସରନ୍ ଅଞ୍ଚଳକୁ ପର୍ଯ୍ୟଟକଙ୍କୁ ଅନୁମତି ଦେବା ପୂର୍ବରୁ ସୁରକ୍ଷା ଏଜେନ୍ସିକୁ ଜଣାଇନଥିଲେ। ଏଥିସହିତ ଯେଉଁ ସ୍ଥାନରେ ଏହି ଘଟଣା ଘଟିଥିଲା ସେଠାକୁ ପାଦରେ ଚାଲିକି ଯିବାକୁ ପଡିଥାଏ। ଏଥିପାଇଁ ୪୫ ମିନିଟ ଲାଗିଥାଏ। ଯେଉଁଥିପାଇଁ ଘଟଣା ପରେ ସୁରକ୍ଷା କର୍ମୀ ସେଠାରେ ପହଞ୍ଚିବା ସକାଶେ ଯଥେଷ୍ଟ ସମୟ ଲାଗିଥିଲା। ବୈଠକ ପରେ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ସମସ୍ତେ ଏକାଠି ହୋଇ ଲଢିବାକୁ ସହମତି ପ୍ରକାଶ ପାଇଛି। ପାକିସ୍ତାନ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନକୁ ସବୁ ଦଳ ସମର୍ଥନ କରିବେ ବୋଲି ମଧ୍ୟ ଏକମତ ହୋଇଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କଠାରୁ ଆରମ୍ଭ କରି ବିଜେଡି, ଟିଡିପି, ଏନସିପି-ଏସପି, ଏନସିପି, ଆପ, ଟିଏମସି, ଆରଜେଡି, ଡିଏମକେ, ଏସପି ସବୁ ଦଳ କେନ୍ଦ୍ର ସରକାରଙ୍କୁ ସମର୍ଥନ ଜଣାଇଛନ୍ତି। ଆସନ୍ତାକାଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅନନ୍ତନାଗ ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ସେ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇଥିବା ଆହତମାନଙ୍କୁ ଭେଟିବେ। ଏଆଇଏମ୍‌ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ୍ ଓୱେସୀ ମଧ୍ୟ କେନ୍ଦ୍ର ସରକାରଙ୍କୁ ସମର୍ଥନ ଦେବା ସହ ଭାରତୀୟ ମୁସଲମାନଙ୍କୁ ଶୁକ୍ରବାର ସମୂହ ନମାଜ ପାଠ ସମୟରେ ଆତଙ୍କବାଦ ବିରୋଧରେ ପ୍ରତିବାଦ ସ୍ୱରୂପ କଳାପଟି ପିନ୍ଧିବାକୁ ଅପିଲ କରିଛନ୍ତି।

### ବାୟୁସେନାର...

ହୋଇ ଏହି ପ୍ରସ୍ତୁତି ଅଭ୍ୟାସରେ ଯୋଗ ଦେଇଥିବା ଜଣାପଡିଛି। ଏହି ଅଭ୍ୟାସରେ ମେଟିଅର ଏୟାର-ଟୁ-ଏୟାର ମିସାଇଲ ଏବଂ ରାମ୍ପେଜ ଓ ରକ୍ସ ପରି ଦୀର୍ଘ-ଦୂରଗାମୀ କ୍ଷେପଣାସ୍ତ୍ରର ବ୍ୟବହାର କରାଯାଉଛି। ଯାହା ଦକ୍ଷିଣ ଏସିଆ ଅଞ୍ଚଳରେ ଭାରତୀୟ ବାୟୁସେନାର ରଣନୈତିକ ଶ୍ରେଷ୍ଠତାକୁ ବୃଦ୍ଧି କରିଛି। ଏହି ଅଭ୍ୟାସରେ ଭୂପୃଷ୍ଠ ଓ ପାର୍ବତ୍ୟ ଭୂମିରେ ଉଚ୍ଚ-ତୀବ୍ରତାରେ ଆକ୍ରମଣ ପାଇଁ ପ୍ରସ୍ତୁତି କରାଯାଉଛି ବୋଲି ସୂଚନା ମିଳିଛି।

### ଇସାଣୀ ...

ପରିବାରବର୍ଗଙ୍କ ପାଇଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ। ପ୍ରଶାନ୍ତଙ୍କ ପରିବାରକୁ ମିଳିବ ୨୦ ଲକ୍ଷର ସହାୟତ ରାଶି। ଏଥଇସହ ପ୍ରଶାନ୍ତଙ୍କ ସ୍ତ୍ରୀଙ୍କୁ ଚାକିରି, ପୁଅର ପାଠପଢ଼ା ବ୍ୟବସ୍ଥା କରାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ ପହଞ୍ଚି ପ୍ରଶାନ୍ତଙ୍କ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ପରିବାର ଲୋକଙ୍କ ସହ ପାଖାପାଖି ୨୦ ମିନିଟ୍ ଧରି ଆଲୋଚନା କରିବା ସହ ସେମାନଙ୍କୁ ଆଶ୍ୱାସନା ଦେବା ସକାଶେ ପ୍ରୟାସ କରିଥିଲେ। ଶେଷରେ ସେ ଶ୍ମଶାନରେ ପହଞ୍ଚି ପ୍ରଶାନ୍ତଙ୍କ ଅନ୍ତିମ ଦର୍ଶନ ମଧ୍ୟ କରିଥିଲେ ମୁଖ୍ୟମନ୍ତ୍ରୀ।

ଅନ୍ୟପକ୍ଷରେ ୮ ବର୍ଷର ପୁଅ ବାପାଙ୍କୁ ବିଦାୟ ଦେବା ସକାଶେ ହାତରେ ଧରିଛି ଖଇ କଉଡି। ବାପାକୁ ଦେଉଛି ଶେଷ ବିଦାୟ। ସମସ୍ତେ ଟାଣି ନେଉଛନ୍ତି, କିଏ କହୁଛି ଏମିତି କର.. ଆଉ କିଏ କହୁଛି ସେମିତି କର। ହେଲେ କୁନି ପିଲାଟି ଚାହୁଁଛି କାହିଁକି ତା' ବାପାଙ୍କୁ ଏମିତି ଲୋକେ ଟେକିନେଉଛନ୍ତି। ପିଲାଟି କିଛି ଜାଣିବା ଆଗରୁ ତା' ବାପା ପର କରି ଚାଲିଗଲେ। କି ହୃଦୟ ବିଦାରକ ଦୃଶ୍ୟ? କାହାରି ଆଖିରେ ଲୁହ ରହୁନି। ସମସ୍ତଙ୍କ ଛାତି ଫାଟିଯାଉଛି।

ବିଧି ବିଧାନ ଅନୁସାରେ ବାପାର ଅନ୍ତିମ କ୍ରିୟା କରୁଛି ପୁଅ। ବାପା ପ୍ରଶାନ୍ତଙ୍କ ଶବ ଆଗେ ଆଗେ ଖଇକଉଡ଼ି ବିଞ୍ଚି ବିଞ୍ଚି ବାପାକୁ ମଶାଣିକୁ ନେଇଯାଉଛି। ସେ ବୁଝିପାରୁନି କି ତା' ବାପାଙ୍କ ହାତ ସବୁଦିନ ପାଇଁ ମୁଣ୍ଡ ଉପରୁ ଉଠିଯାଇଛି। ନା କିଛି କହିପାରୁଛି ନା କିଛି ବୁଝିପାରୁଛି। ଖାଲି ବଲବଲ କରି ସମସ୍ତଙ୍କ ମୁହଁଙ୍କୁ ଚାହିଁ ରହୁଛି।

ଆଉ ଶେଷଯାତ୍ରାରେ ପ୍ରଶାନ୍ତଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଛି। ସେହିପରି ପ୍ରଶାନ୍ତଙ୍କ ପତ୍ନୀ ପ୍ରିୟଦର୍ଶିନୀ ପତିଙ୍କୁ ଝୁରି ଝୁରି ଏକରକମ ପାଗେଳୀ ହେବାକୁ ବସିଲେଣି। ଆତ୍ମୀୟସ୍ୱଜନଙ୍କ ବୁଝାସୁଝା ସତ୍ତ୍ୱେ ବୋଲ ମାନୁନି ଲୁହ। କେମିତି ସ୍ୱାମୀଙ୍କ ବିନା ବଞ୍ଚିବେ ଆଉ ଏକାକୀ ଲମ୍ବା ଜୀବନ ଅତିବାହିତ କରିବେ, ସେନେଇ କିଛି ବୁଦ୍ଧିବାଟ ଦେଖାଯାଉନି ତାଙ୍କୁ। ଏପରି ଏକ କୋହଭରା ପରିବେଶରେ ପ୍ରଶାନ୍ତଙ୍କୁ ଅନ୍ତିମ ବିଦାୟ ଦିଆଯାଇଛି।

### ମିସାଇଲ୍...

ଜଳଚୁକ୍ତି ରଦ୍ଦକୁ ଜଳଯୁଦ୍ଧ ବୋଲି କହିଛି । ଏଥିସହ ଆରବ ସାଗରରେ ମିସାଇଲ୍ ପରୀକ୍ଷଣ ପାଇଁ ବିଜ୍ଞପ୍ତି ଜାରି କରିଛି। ଭାରତୀୟ ଗୁଇନ୍ଦା ଓ ପ୍ରତିରକ୍ଷା ଏଜେନ୍ସିଗୁଡ଼ିକ ପାକିସ୍ତାନର କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ସତର୍କ ଅଛନ୍ତି ଏବଂ ପ୍ରତ୍ୟେକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛନ୍ତି। ଭାରତୀୟ ନୌସେନାର ଏହି ସାମ୍ପ୍ରତିକ ସଫଳତା କେବଳ ବୈଷୟିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ଏକ ରଣନୈତିକ ସନ୍ତୁଳନକୁ ମଧ୍ୟ ଦର୍ଶାଉଛି।

**ବିକଶିତ ଭାରତ ୨୦୪୭, ଭିଜନ ଅଫ୍ ନ୍ୟୁ ଇଣ୍ଡିଆ କନ୍‌କ୍ଲେଭ**

# ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ସମ୍ମାନରେ ସୋଆ ସମ୍ମାନିତ



**ଭୁବନେଶ୍ୱର, ୨୪।୪ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା 'ଏକ୍ସିଲେନ୍ସ ଇନ୍ ଦ ଫିଲ୍ଡ ଅଫ୍ ଏଜୁକେସନ୍' ସମ୍ମାନରେ ସମ୍ମାନିତ କରାଯାଇଛି। ନ୍ୟୁଜ ଚ୍ୟାନେଲ୍ ଭାରତ ଟ୍ୱେଂଟି ଫୋର ପକ୍ଷରୁ ନିକଟରେ ନୂଆଦିଲ୍ଲୀ ଠାରେ ଆୟୋଜିତ ବିକଶିତ ଭାରତ ୨୦୪୭, ଭିଜନ ଅଫ୍ ନ୍ୟୁ ଇଣ୍ଡିଆ କନ୍‌କ୍ଲେଭ୍‌ରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ବିଭାଗ ମନ୍ତ୍ରୀ ଶ୍ରୀ ନୀତିନ୍ ଗଡ଼କରୀ ଏହି ସମ୍ମାନ ପ୍ରଦାନ କରିଛନ୍ତି।

ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଶୁଭଦର୍ଶିନୀ ମିଶ୍ର ଶ୍ରୀ ଗଡ଼କରୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ଭାରତ ଟ୍ୱେଂଟି ଫୋରର ସିଇଓ ତଥା ଏଡିଟ୍‌ର ଇନ୍ ଚିଫ୍ ଶ୍ରୀ ଜଗଦୀଶ ଚନ୍ଦ୍ର ଏବଂ ଚିଫ୍ ବିଜିନେସ୍ ଅଫିସର ମନୋଜ ଜିଜ୍ଞାସୀ ଉପସ୍ଥିତ ଥିଲେ। ସମ୍ମାନ ପ୍ରଦାନ ସମୟରେ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଓଏସ୍‌ଡି ପ୍ରୀତମ ନାୟକ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ବିକଶିତ ଭାରତ ୨୦୪୭ ପରିପ୍ରେକ୍ଷୀରେ ସୋଆର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ, ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଫଡସେ ଏବଂ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ଅବନୀଶ ଅବସ୍ଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ରକ୍ତଦାନ ଶିବିରରୁ ୫୭ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବା ମାତ୍ରେ ରାଜ୍ୟରେ ରକ୍ତର ଅଭାବ ଦେଖା ଗଲାଣି। ବିଭିନ୍ନ ରକ୍ତଭଣ୍ଡାରରେ ରକ୍ତର ଅଭାବ ଯୋଗୁଁ ଅନେକ ଲୋକ ହନ୍ତସନ୍ତ ହେଉଛନ୍ତି। ଏହିପରି ସମୟରେ ଓଡ଼ିଶା ରକ୍ତଦାତା ମହାସଂଘ ଆଗେଇ ଆସିଛି ରକ୍ତଦାନ ଶିବିର ଆୟୋଜନ କରି କିଛକାଂଶରେ ଏହି ସମସ୍ୟା ଦୂର କରିବା ସକାଶେ। ଏ ଦିଗରେ ସାହାଯ୍ୟର ହାତ ବଢ଼େଇଛନ୍ତି ୱିପ୍ରୋର କର୍ମକର୍ତ୍ତା। ଏକ ରକ୍ତଦାନ ଶିବିର ନିଜ କାର୍ଯ୍ୟାଳୟଠାରେ ଆୟୋଜନ କରିଛନ୍ତି । ଏଥିରେ ସମସ୍ତ ବର୍ଗର କର୍ମଚାରୀମାନେ ଉତ୍ସାହର ସହ ଯୋଗଦାନ କରିଥିଲେ। ଏହି ଶିବିରରୁ ୫୭ଟି ୟୁନିଟ ସଂଗ୍ରହ କରାଯାଇଥିଲା। ଶିବିରରେ ୱିପ୍ରୋ ପକ୍ଷରୁ ମନ୍ମଥ ସାହୁ ରକ୍ତଦାନ କରିବା ସହିତ ଶିବିରକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର ସମ୍ପାଦକ ତ୍ରିଲୋଚନ ଦାଶ ସମସ୍ତ ବ୍ୟବସ୍ଥାକୁ ପରିଚାଳନା କରିବା ସହ ଆଗାମୀ ଦିନରେ ସାରା ରାଜ୍ୟ ଏହିଭଳି ଶିବିର ଆୟୋଜନ କରିବା ପାଇଁ କହିଥିଲେ। ଶେଷରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ବହୁମୂଲ୍ୟ ରକ୍ତଦାନ ପାଇଁ ଧନ୍ୟବାଦ ଜଣାଇଥିଲେ। ଆଗାମୀ ଦିନରେ ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ମଧ୍ୟ ଶ୍ରୀ ଦାଶ ସୂଚନା ଦେଇଛନ୍ତି।



**ନାବାଳିକା ଅପହରଣ ଓ ବଳାତ୍କାର ମାମଲା**

## ଅଭିଯୁକ୍ତକୁ ୨୦ ବର୍ଷ ଜେଲଦଣ୍ଡ

**କେନ୍ଦ୍ରାପଡ଼ା,୨୪।୪(ସଂଚାର ବ୍ୟୁରୋ):** ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ଜଜ୍ ପ୍ରଜ୍ଞା ପରମିତା ରାଉଳ କୁଜଙ୍ଗ ଥାନା ଅଞ୍ଚଳର ଅଭିଯୁକ୍ତ ଜଗନ ସାମଲକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିବା ସହ ୫୭ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଏଥିସହ ପୀଡିତାଙ୍କୁ ୬ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆସାମୀ ଜଗନ ରାଜନଗର ବ୍ଲକ ଅନ୍ତର୍ଗତ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ୨୦୨୦ ମସିହା ନଭେମ୍ବର ମାସ ୧୮ ତାରିଖରେ ନାବାଳିକାଙ୍କୁ ଅପହରଣ କରି କଟକ ନେଇ ଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ତଣ୍ଡିଆପାଳ ଥାନାରେ ଅଭିଯୋଗ କରାଯାଇଥିଲା। ଏହିସମୟ ମଧ୍ୟରେ ଅଭିଯୁକ୍ତ ନାବାଳିକାଙ୍କୁ କଟକରୁ ବିଶାଖାପାଟଣା ଓ ପରେ ବାଙ୍ଗାଲୋର ନେଇଯାଇଥିଲା । ପାଖାପାଖି ୪ ମାସ କାଳ ଅପହରଣ କରି ରଖି ତାଙ୍କୁ ବଳାତ୍କାର କରିବା ପରେ ନାବାଳିକାଙ୍କୁ ବାଙ୍ଗାଲୋରରୁ ଆଣି କଟକ ମଧୁପାଟଣା ଥାନା ଅଞ୍ଚଳରେ ରଖିଥିଲେ। ଖବର ପାଇ ପୁଲିସ ଅଭିଯୁକ୍ତ ଜଗନକୁ ମଧୁପାଟଣା ଥାନା ଅଞ୍ଚଳରୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା ।

## ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଦୁଇ ଗିରଫ



**କାକଟପୁର/ଅସ୍ତରଙ୍ଗ, ୨୪।୪ (ସଂଚାର ବ୍ୟୁରୋ) :** ରାସ୍ତା ସମସ୍ୟାକୁ ନେଇ ଡ଼ୁମୁଳକାଣ୍ଡ ପରେ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣରେ ୩ ଜଣ ମେଡିକାଲ ଚିକିତ୍ସାଧିନ ଅବସ୍ଥାରେ ଥିବା ବେଳେ ୨ଜଣ ଗିରଫ। ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ବୋଇତିକୁଦ ଗ୍ରାମରେ ଗତ ୧୭ତାରିଖ ଦିନ ଅଭିଯୋଗକାରିଣୀ ମଞ୍ଜୁଲତା ଦାସ, ତାଙ୍କ ସ୍ୱାମୀ ଗୁହାଳରେ ଗାଈ ଦୁହିଁବା ସମୟରେ କିଛି ଯୁବକ ପୂର୍ବ ଶତ୍ରୁତାକୁ ନେଇ ହାତରେ ଲୁହା ଛଡ, ହାତୁଡି, ଶାବଳ ଧରି ସଙ୍ଘବଧ ଆକ୍ରମଣ କରିଥିଲେ। ଆକ୍ରମଣରେ ଶ୍ରୀଧର ଦାସ ଅଚେତ ହେବା ଶହ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଗୁରୁତରଙ୍କୁ କାକଟପୁର ଡାକ୍ତରଖାନା ପରେ ଅବସ୍ଥା ଗୁରୁତର ଥିବାରୁ ଚାରିଛକ ପରେ ଭୁବନେଶ୍ୱର ଅତ୍ୟଧିକ ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏବେ ମେଡିକାଲରେ ମଞ୍ଜୁଲତା ଦାସଙ୍କ ସ୍ୱାମୀ, ଯା ଓ ପୁତୁରା ଚିକିତ୍ସା ହେଉଛନ୍ତି। ଏ ନେଇ କାକଟପୁର ଥାନାରେ ଅଭିଯୋଗ ପରେ କାକଟପୁର ଥାନା କେଶ ନମ୍ବର ୮୪/୨୫ରେ ମାମଲା ରୁଜୁ ସହ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୯, ୧୧୫(୨), ୧୧୭(୨), ୩(୫), ୩୩୩ରେ ରୁଜୁ ହେବା ସହ ଦୁଇ ଜଣ ବୋଇତିକୁଦ ଗ୍ରାମର ଦିପୁ ଦାସ(୩୦) ଓ ଲିଟୁ ଦାସ (୨୩)ଙ୍କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଛି। ଯାହାକି ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ଉମେଶ କୁମାର ସାହୁ।

## ଗୋଷ୍ଠୀ ସଂଘର୍ଷରେ ୫ ଆହତ

**ବାଲିଅନ୍ତା, ୨୪।୪ (ସଂଚାର ବ୍ୟୁରୋ) :** ଆଜି ଅପରାହ୍ନ ୨ଟା ବେଳେ ବାଲକାଟି ଫାଣ୍ଡି ଅଧୀନ ସାତକାଣିଆ ଗ୍ରାମରେ ବକେୟା ଟଙ୍କାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଭୀଷଣ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ପକ୍ଷରୁ ୫ ଜଣ ଗୁରୁତର ଆହତ ହୋଇ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ଗୋଟିଏ ପକ୍ଷର ଉକ୍ତ ଫାଣ୍ଡି ଅଧୀନ ସାତକାଣିଆ ବସ୍ତିରେ ରହୁଥିବା ସନାତନ ଦାସ(୪୮) ଦୁଇ ପୁଅ ସଞ୍ଜୟ ଦାସ ଓ ସୁନୀଲ ଦାସ। ସେହିପରି ଅନ୍ୟ ପକ୍ଷର ଏୟାରଫିଲଡ଼ ଥାନା ଅଧୀନ ଯଦୁପୁର ବସ୍ତିରଏସକେ ଯାଭେଦ(୩୦) ଓ ତାଙ୍କର ଦାଦାପୁଅ ଭାଇ ଏସକେ ଡାନିସ। ଉଭୟ ପକ୍ଷ ଖଣ୍ଡା , ଭୁଜାଲି ଓ ଚାପଡ଼ ଆଦି ମାରଣାସ୍ତ୍ରରେ ପରସ୍ପରକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ଖବର ପାଇ ବାଲକାଟି ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ସାହୁ ଓ ବାଲିଅନ୍ତା ଥାନା ଅଧିକାରୀ ସୁନୀଲ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଏନେଇ ବସ୍ତିରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଲକାଟି ଫାଣ୍ଡି ପୁଲିସ ଓ ବାଲିଅନ୍ତା ଥାନା ପୁଲିସ ପହଞ୍ଚିବା ପରେ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ସୂଚନା ଅନୁସାରେ ଯଦୁପୁରର ଏସକେ କେ ଜାଭିଦ ସାତକାଣିଆ ସନାତନଠାରୁ ୧୫ ଦିନ ତଳେ ଏକ ଅଟୋ କିଣିକି ନେଇଥିଲେ। କିଛି ଟଙ୍କା ଏସକେ ଜାଭିଦ ସନାତନକୁ ଦେବାର ଥିଲା। ବକେୟା ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଆଜି ସନାତନ ଏସକେ ଜାଭେଦକୁ ଭୋଜି କରିବା କହି ଡାକିଥିଲା। ଏସକେ ଜାଭେଦ ଓ ତାଙ୍କ ତାଦାପୁଅ ଭାଇ ଏସକେ ଡାନିସ ସାତକାଣିଆ ଆସିଥିଲେ। ବକେୟ ଟଙ୍କାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ନିଶାଗ୍ରସ୍ତ ଅବସ୍ଥାରେ ପରସ୍ପରକୁ ଖଣ୍ଡା, ଚାପଡ଼ରେ ଆକ୍ରମଣ କରିଥିବା ଜଣାଯାଇଛି।

**ଟି-୨୦ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଜୁଭେନାଇଲ ସ୍ପୋର୍ଟିଂକୁ ୨୮ରନ ହରାଇ ରାମେଶ୍ୱର ସ୍ପୋର୍ଟିଂ ସେମିରେ



**କୋଣାର୍କ, ୨୪।୪ (ସଂଚାର ବ୍ୟୁରୋ):** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟ ସ୍ତରୀୟ କୋଣାର୍କ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକ ଜୁଭେନାଇଲ ସ୍ପୋର୍ଟିଂକୁ ୨୮ରନରେ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ରାମେଶ୍ୱର ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲେ । ରାମେଶ୍ୱର ସ୍ପୋର୍ଟିଂର ସୁବାସିଶ ମଲ୍ଲିକ ମ୍ୟାନ ଅଫ୍ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବାଙ୍ଗାଲୋରରେ କାର୍ଯ୍ୟରତ ପ୍ରବାସୀ ଓଡ଼ିଆ ସମାଜସେବୀ ରଣଜିତ୍ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମନୋଜ ଦାସ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିଲେ । ପ୍ରମୋଦ ସିହ୍ନା, ଦେବେନ୍ଦ୍ର ମିଶ୍ର କ୍ୱାର୍ଟର ଫାଇନାଲ ମ୍ୟାଚ୍ କୁ ପରିଚାଳନା କରିଥିଲେ। ୨୫ତାରିଖରେ କଟକ ରାଇଜିଂ ଷ୍ଟୁଡେଣ୍ଟ୍ ଓ ରାଉରକେଲା ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

**ଟାଇମ୍‌ସ ହାଇଅର ଏଜୁକେସନ୍ ଏସିଆ ୟୁନିଭର୍‌ସିଟି ରାଙ୍କିଙ୍ଗ**

# ଏସିଆର ଶ୍ରେଷ୍ଠ ୧୮୪ତମ ସ୍ଥାନରେ କିଟ୍



**ଭୁବନେଶ୍ୱର, ୨୪।୪ (ସଂଚାର ବ୍ୟୁରୋ) :** ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍‌ସ ହାଇଅର ଏଜୁକେସନ୍' ଏସିଆ ୟୁନିଭର୍‌ସିଟି ରାଙ୍କିଙ୍ଗ ପ୍ରକାଶ ପାଇଛି । ବୁଧବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍‌ସିଟି ରାଙ୍କିଙ୍ଗରେ ପୂର୍ବବର୍ଷଗୁଡ଼ିକ ଭଳି ଏବର୍ଷ ମଧ୍ୟ କିଟ୍ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅତି ଉନ୍ନତ ପ୍ରଦର୍ଶନ କରିଛି । ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୮୪ ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୮ମ ସ୍ଥାନରେ ରହିଥିବା ବେଳେ ସମଗ୍ର ଉତ୍ତର ଓ ପୂର୍ବ ଭାରତରେ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି ।

ଗତବର୍ଷ ଏହି ରାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୯୬ତମ ସ୍ଥାନରେ ରହିଥିଲା। ଏହା ସହିତ ଟାଇମ୍‌ସ ହାଇଅର ଏଜୁକେସନ୍ ଦ୍ୱାରା କରାଯାଇଥିବା ସ୍ପୋର୍ଟସ ସାଇନ୍‌ସ ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି ।

ଗତ ୫୦ ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍‌ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି । କିଟ୍ ୨୭ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୧ବର୍ଷର ବିଶ୍ୱବିଦ୍ୟାଳୟ ଭାବେ

**ଦେଶର ୮ମ ସ୍ଥାନରେ କିଟ୍**

ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୮ମ ଓ ଏସିଆରେ ୧୮୪ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାପକ ଅଧାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି ।




## ପହଲଗାମରେ ସହୀଦ ପର୍ଯ୍ୟଟକଙ୍କ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା

**ବାଲିଅନ୍ତା, ୨୪।୪ (ସଂଚାର ବ୍ୟୁରୋ) :** ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ପର୍ଯ୍ୟଟକଙ୍କୁ ଟାର୍ଗେଟ କରି ଏକ ବର୍ବର ଏବଂ ନୃଶଂସ ଆତଙ୍କବାଦୀ ଆକ୍ରମଣରେ ମଙ୍ଗଳବାର ଦିନ ୨୯ ଜଣଙ୍କ ଜୀବନ ଯାଇଥିବାବେଳେ, ୯ ଜଣ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ତେବେ ବୁଧବାର ସନ୍ଧ୍ୟାରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ନିର୍ଭିକ ଖବର ପକ୍ଷରୁ ସହିଦଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିଯାଇଥିଲା । ଭାରତ ମାତାକି ଜୟ, ବନ୍ଦେ ମାତରଂ ସ୍ଲୋଗାନ ଦେଇ ବାଲକାଟି ବ୍ରିଜ ଠାରୁ ମଦନମୋହନ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ପରିକ୍ରମା ପରେ ପ୍ରଭୁ ମଦନମୋହନଙ୍କ ନିକଟରେ ସହିଦ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାଞ୍ଚନ ଫାଉଣ୍ଡେସନର ସଭାପତି ରଞ୍ଜନ କୁମାର ମହାପାତ୍ର, ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ପ୍ରକୃତି ବନ୍ଧୁ ଦିନବନ୍ଧୁ ଭୋଇ, ପ୍ରଦୀପ୍ତ କୁମାର ମହାନ୍ତି,ନିର୍ଭିକ ଖବରର ସମ୍ପାଦକ ଆଶୁତୋଷ ଚୌଧୁରୀ, ସହ ସମ୍ପାଦକ ପ୍ରଳୟ କୁମାର ଦାସ ଉମାକାନ୍ତ ବେହେରା, ସୁରେଶ ବେହେରା, କାହ୍ନୁଚରଣ ଦାସ, ଦୀପକ୍ କୁମାର ସ୍ୱାଇଁଙ୍କ ସହ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ନାଉଗାଁରେ ଜାତୀୟ ପଞ୍ଚାୟତିରାଜ ଦିବସ



**ନାଉଗାଁ, ୨୪।୪ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଜାତୀୟ ପଞ୍ଚାୟତିରାଜ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଅତିରିକ୍ତ ବିଡିଓ ଦେବେନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଉଗାଁ ଥାନାଧିକାରୀ ପ୍ରଦିପ୍ତ କୁମାର କାନୁନ୍‌ଗୋ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ଅଙ୍କିତା ଜାଲି, ଆକାଉଂଟାଂଟ ପଞ୍ଚାନନ କାଣ୍ଡି, ମୁଖ୍ୟ କିରାଣୀ ଜଗନ୍ନାଥ ମଲ୍ଲିକ, ବ୍ଲକ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଜିତ୍ ମହାପାତ୍ର, ଡିପିଡିଓ ଦିନେଶ ରାୟ, ସହକାରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ବିଭୁତି ଶତପଥି ଆଦି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରୀ ତାଳବଣିଆ ଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଉପସ୍ଥିତ ମହିଳା ସ୍ୱୟଂ ସହାୟୀକା ଦଳର ସଦସ୍ୟା, ଏମବିକେ, ସିଆରପି ଓ ଜନସାଧାରଣମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା।

# ଖୋର୍ଦ୍ଧାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ଖୋର୍ଦ୍ଧା, ୨୪।୪ (ସଂଚାର ବ୍ୟୁରୋ):** ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଉର୍ଦ୍ଧ୍ୱକୁ ଯାଇ ସଚେତନତା, ସହଭାଗିତା ଏବଂ ଆନ୍ତରିକତା ନେଇ କାର୍ଯ୍ୟ କଲେ ବିକଶିତ ଭାରତ ବିକଶିତ ଖୋର୍ଦ୍ଧା ଏବଂ ରାମରାଜ୍ୟ ସ୍ୱପ୍ନ ସାକାର ହେବ ବୋଲି ଆଜି ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ହାବେଳୀ ପଡ଼ିଆରେ ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦ୍ଦେବ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସମାରୋହରେ ଅଧକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ



ପଞ୍ଚାୟତିରାଜ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଅଧକ୍ଷ ରୁପଶ୍ରୀରାଣୀ ଗୁମାନ ସିଂହ ଯୋଗଦେଇ କହିଲେ ଯେ ଗାଁ ଓ ଗ୍ରାମ ପଂଚାୟତର ଉନ୍ନତିରେ ମହିଳା ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସମ୍ମାନିତ ଅତିଥି ଭାବେ ଉପାଧକ୍ଷ, ଜିଲ୍ଲା ପରିଷଦ ଗୋପୀନାଥ ମହାରଣା ଯୋଗଦେଇ କହିଲେ ଯେ ଶତକଡା ୮୦ ଭାଗ ଲୋକ ଗ୍ରାମରେ ରୁହନ୍ତି । ଏଣୁ ଗାଁର ବିକାଶ ହେଲେ ରାଷ୍ଟ୍ରର ବିକାଶ ହେବ। ସମ୍ମାନିତ ଅତିଥି ରୂପେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା ଯୋଗଦେଇ ଆଜି ଜାତୀୟ ପଞ୍ଚାୟତିରାଜ ଦିବସରେ ନୂତନ ରାଶନ କାର୍ଡ ବଣ୍ଟନ, ଅର୍ଥ କମିଶନ କାର୍ଯ୍ୟରେ ପାରଦର୍ଶିତା ଦେଖାଇଥିବା ପଞ୍ଚାୟତକୁ ସମ୍ମାନିତ କରିବା, ଲକ୍ଷପତି ଦିଦି, ସୁଭଦ୍ରା ଯୋଜନାରେ ହିତାଧିକାରୀ ମାନଙ୍କୁ ସମ୍ବର୍ଦ୍ଧିତ କରିବା ଏହା ନିଶ୍ଚିତ ଭାବେ ପଞ୍ଚାୟତିରାଜ ଶାସନକୁ ସୁଦୃଢ଼ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଲେ ଗ୍ରାମସଭା ହେଉଛି ତୃଣମୂଳ ସ୍ତରର ବିଧାନ ସଭା ସ୍ୱରୂପ, ପ୍ରତ୍ୟେକ ନାଗରିକ ଏବଂ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ସଚେତନ ଓ ଜାଗ୍ରତ ହେଲେ ପଞ୍ଚାୟତିରାଜ ଶାସନ ବ୍ୟବସ୍ଥା ଅଧିକରୁ ଅଧିକ ସରଳୀକରଣ ହୋଇପାରିବ ।




## ପହଲଗାମ ଆତଙ୍କୀ ଆକ୍ରମଣ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ

**ଗୋପ, ୨୪।୪ (ସଂଚାର ବ୍ୟୁରୋ):** କାଶ୍ମୀର ପହଲଗାମ ଆତଙ୍କୀ ଆକ୍ରମଣ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ସେହିପରି ଭାରତର ବିଭିନ୍ନ ରାଜ୍ୟର ଗ୍ରାମାଞ୍ଚଳରେ ମଧ ପହଲଗାମ ଆତଙ୍କୀ ଆକ୍ରମଣ ବିରୁଦ୍ଧରେ ବିକ୍ଷୋଭ ପଦର୍ଶନ ଜୋର ଧରିବାରେ ଲାଗିଛି। ସନ୍ଧ୍ୟାରେ ଗୋପର ସମସ୍ତ ସଚେତନ ନାଗରିକ ତରଫରୁ କାଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ଶତାଧିକ ମହିଳା ଓ ପୁରୁଷ ଶାନ୍ତି ପୂର୍ଣ୍ଣ ବିରୋଧ ପଦର୍ଶନ କରିଥିଲେ। ଗୋପ ବଣିଆସାହି ଠାରୁ ଗୋପ ବଜାର ପରିକ୍ରମାକରି ଗୋପ ଥାନା ପର୍ଯ୍ୟନ୍ତ ପହଁଚିଥିଲା ଏହି ଶାନ୍ତିପୂର୍ଣ୍ଣ ବିରୋଧ ପଦର୍ଶନ ରାଲି। ପାକିସ୍ତାନମୁର୍ଦ୍ଦାବାଦ ଭାରତରେ ଆତଙ୍କବାଦୀ ଚଳିବ ନାହିଁ ନାରାଦେଇଥିଲେ ବିକ୍ଷୋଭ କରିଥିଲେ ଗୋପର ବିଭିନ୍ନ ସଂଗଠନ। ସେହିପରି ଆତଙ୍କବାଦୀ ମେନେ ଯେପରି କାପୁରୁଷ ଭାବେ ଲୁଚିଛପି ଧର୍ମ ପଚାରି ନିରୀହ ଭାରତୀୟ ନାଗରିକ ମାନଙ୍କୁ ମାରିଛନ୍ତି ତାକୁ ଆମେ ଘୋର ବିରୋଧ କରୁଛୁ ସରକାରଙ୍କୁ ଅନୁରୋଧ କରୁଛୁ ଭାରତବର୍ଷରୁ ଆତଙ୍କବାଦକୁ ମୂଳପୋଛ କରିବା ସହିତ ପାକିସ୍ତାନକୁ କଡା ଜବାବ ଶୀଘ୍ର ଦିଅନ୍ତୁ ବୋଲି ଗୋପର ସଚେତନ ନାଗରିକ ମାନେ ଦାବୀ କରିଥିଲେ।

# ଲୋକଙ୍କୁ ମିଳୁନି ମୌଳିକ ସୁବିଧା

**ଅନେକ ଗାଁ'କୁ ନାହିଁ ରାସ୍ତା**

**ପହଞ୍ଚି ପାରିଲାନି ପାଇପ୍ ଯୋଗେ ପାନୀୟ ଜଳ**

**ଓଥକା ପଞ୍ଚାୟତରେ ନାହିଁ ହାଇସ୍କୁଲ**



**କାକଟପୁର/ଅସ୍ତରଙ୍ଗ, ୨୪।୪ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ପାଳନ ହୋଇଛି ଜାତୀୟ ପଞ୍ଚାୟତିରାଜ ଦିବସ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତ ଓ କାକଟପୁର ବ୍ଲକର ୧୬ଗୋଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ପ୍ରତି ଗାଁରେ ସରକାର ପହଞ୍ଚାଇ ପାରିଲେନି ମୌଳିକ ସୁବିଧା। କାକଟପୁର ଓ ଅସ୍ତରଙ୍ଗ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର (ଏମବିବିଏସ) ପଦବୀ ଖାଲିପଡ଼ିଥିବା ବେଳେ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ନିମନ୍ତେ କେତେକାଂଶରେ କାମରେ ଆସୁନି। ଅଧିକାଂଶ ସ୍ଥାନରେ ଡାକ୍ତର ଓ କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଡ୍ୟୁଟି କରୁନଥିବାରୁ ଲୋକେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରୁନାହାନ୍ତି। ଏମିତି କି କାକଟପୁର ବ୍ଲକର ଓଥକା ପଂଚାୟତରେ ହାଇସ୍କୁଲ ନାହିଁ। କାକଟପୁର ଓ ଅସ୍ତରଙ୍ଗ ବ୍ଲକର ପ୍ରତି ପଞ୍ଚାୟତକୁ ରାଜସ୍ୱ ବୃଦ୍ଧି ନିମନ୍ତେ ବ୍ୟବସାୟୀ ପ୍ରତିଷ୍ଠାନଙ୍କୁ ଟିକସ ଆଦାୟ ସହ କ୍ୟାପିଟାଲ ଆସେଟ ସୃଷ୍ଟି ନିମନ୍ତେ କଲ୍ୟାଣୀ ମଣ୍ଡପ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଓ ପୋଖରୀ ନିର୍ମାଣ ଇତ୍ୟାଦି ପ୍ରକଳ୍ପ ଗୁଡିକ ମଞ୍ଜୁର କରାଯାଉଛି। କିନ୍ତୁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ କେଉଁଠି ଅଧାଗଢ଼ା କଲ୍ୟାଣୀ ମଣ୍ଡପ ପଡିଛି, କେଉଁଠି ଆରମ୍ଭ ହୋଇନି।

ଏଥିସହିତ କେତେକ ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଛି। ଗ୍ରାମାଞ୍ଚଳରେ ପାଠପଢା ବ୍ୟତୀତ କ୍ରୀଡା କ୍ଷେତ୍ରରେ ଖେଳାଳିଙ୍କୁ ବାହାର କରିବା ନିମନ୍ତେ ସରକାର ପ୍ରତି ପଞ୍ଚାୟତକୁ ଖେଳପଡିଆ ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର କାକଟପୁର ଓ ଅସ୍ତରଙ୍ଗ ବ୍ଲକର ଅନେକ ପଞ୍ଚାୟତରେ ଖେଳ ପଡିଆ ନିର୍ମାଣ ହୋଇ ପାରିଲା ନାହିଁ। ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତରେ ପାର୍କ ନିର୍ମାଣ ଅଧା ପାନ୍ତରିଆ ହୋଇ ପଡ଼ିଥିବା ବେଳେ ଯେଉଁ କେତୋଟି ସଂପୂର୍ଣ୍ଣ ହୋଇଥିଲା ତାହା ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ। ଏହା ସହ କାକଟପୁର ଅନେକ ପଞ୍ଚାୟତରେ ପାର୍କ ଜଙ୍ଗଲରେ ପରିଣତ ହୋଇଗଲାଣି। ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ଲୋକେ ପାନୀୟ ଜଳ ପାଇବାରୁ ବଂଚିତ ହେଉଛନ୍ତି। କୋଟି କୋଟି ଟଙ୍କାରେ ଆରମ୍ଭ ହେବାକୁ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିଲା ନାହିଁ, କେବଳ ରାସ୍ତା ପାର୍ଶ୍ୱରେ ଗାତ ଖୋଳାରେ ୩ ମାସ ହେଲା ପଡ଼ି ରହିଛି। ଅନେକ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ପାଇପ ଯୋଗେ ପାନୀୟ ଜଳ ମିଳିପାରୁନାହିଁ, ଅନେକ ଅଙ୍ଗନବାଡି ଭଡ଼ା ଘରେ ଚାଲୁଛି। ଗାଁ ରାସ୍ତା ଗୁଡିକ ଆଲୋକୀକରଣ କରିବା ନିମନ୍ତେ ସରକାରୀ ପାଣ୍ଠି ବାଟ ମାରଣା ହେଉଛି। ଅସ୍ତରଙ୍ଗ ବ୍ଲକର ଛତିଆନା ଭଳି ଅନେକ ଗାଁ ଅଛି ରାସ୍ତା ନାହିଁ। ଲୋକେ ଏବେ ବି ଅସୁବିଧାରେ ଯାତାୟାତ କରୁଛନ୍ତି। ଫଳରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶରେ ବାଧା ସୃଷ୍ଟି ହେଉଛି।



## କ୍ଲଷ୍ଟରସ୍ତରୀୟ କର୍ମଶାଳା

**ନାଉଗାଁ, ୨୪।୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଡିଆଇଇଟି ତତ୍ତ୍ୱାବଧାନରେ ନାଉଗାଁ ବ୍ଲକର ଗଙ୍ଗଦାହାଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇ ଦିନିଆ କ୍ଲଷ୍ଟରସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କ୍ଲଷ୍ଟରରେ ଥିବା ପ୍ରତ୍ୟେକ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଆଞ୍ଚଳିକସ୍ତରୀୟ ଶିକ୍ଷଣ ସାଧନ ପ୍ରସ୍ତୁତି ଏବଂ ଖେଳଣାକୁ କିପରି ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ ତାହା ପ୍ରଦର୍ଶନ କରାଯାଇଥିଲା। ଏଥିରେ ସ୍ୱଳ୍ପ ମୂଲ୍ୟ ବିନିମୟରେ ବିଭିନ୍ନ ରଙ୍ଗ ବେରଙ୍ଗର ଅନେକ ଖେଳଣା ପ୍ରସ୍ତୁତ ହୋଇଥିଲା। ଏହି ଖେଳଣାକୁ ଶିକ୍ଷାଦାନ କ୍ଷେତ୍ରରେ ପ୍ରୟୋଗ କରାଯାଇ ଶିକ୍ଷଣ ପ୍ରକ୍ରିୟାକୁ ସହଜ ସରଳ ଓ ବୋଧଗମ୍ୟ କରିବା ଉଦ୍ଦେଶ୍ୟରେ କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ସିଆରସିସି ପିତାମ୍ବର ପରିଡ଼ା ମତବ୍ୟକ୍ତ କରିଥିଲେ।

# ଦୁଇଗୁଣ ହେଲା ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା

### କନେଷ୍ଟବଳ, ହାବିଲଦାର ଓ ସିପାହୀଙ୍କ 'ଏକ୍ସଟ୍ରା ଡ୍ୟୁଟି ପ୍ରୋତ୍ସାହନ ରାଶି' ବି ବଢ଼ିଲା

### କୃତଜ୍ଞତା ପ୍ରକାଶ କଲା ସଂଘ

### ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଓଡ଼ିଶା ହେବ ଆଦର୍ଶ ରାଜ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୪।୪(ସଂଚାର ବ୍ୟୁରୋ):** ରାଜ୍ୟ ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ଆଜି ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ କନେଷ୍ଟବଲଠାରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି। ଇନ୍ସପେକ୍ଟର ମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ ଟଙ୍କାରୁ ୮୪୦୦ ଟଙ୍କା, ହାବିଲଦାର, କନେଷ୍ଟବଳ ଓ ସିପାହୀମାନଙ୍କ ପାଇଁ ୫୦୦୦ ରୁ ୧୦ ହଜାର ଟଙ୍କା ଓ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ ଟଙ୍କାରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି । ଏହି ପଦବୀର ସମାନ ର୍ୟାଙ୍କ୍‌ର କର୍ମଚାରୀ ଓ ଅଧିକାରୀମାନଙ୍କୁ ମଧ୍ୟ ଏହି ପରିମାଣରେ ଭତ୍ତା ମିଳିବ। ସେହିପରି କନେଷ୍ଟବଳ, ସିପାହୀ ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଏଥିସହ ହାବିଲଦାର ଓ ସମାନ ର୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଏକ୍ସଟ୍ରା ଡ୍ୟୁଟି ବାର୍ଷିକ ପ୍ରୋତ୍ସାହନ ରାଶିକୁ ସର୍ବାଧିକ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଭତ୍ତା ଓ



ପ୍ରୋତ୍ସାହନ ରାଶିରେ ବୃଦ୍ଧି ଯୋଗୁଁ ଆଜି କନେଷ୍ଟବଳ, ହବିଲଦାର ଓ ସିପାହୀ ସଂଘର କର୍ମକର୍ତ୍ତାମାନେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସଂଘର କର୍ମକର୍ତ୍ତାମାନଙ୍କୁ ଦକ୍ଷତାର ସହ ଆଗାମୀ ଦିନଗୁଡ଼ିକରେ କାର୍ଯ୍ୟ କରିବା ସହ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉନ୍ନତି ପାଇଁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏକ ବୈଠକରେ ଉପସ୍ଥିତ ସମସ୍ତ ପୁଲିସ ସେବା କର୍ମଚାରୀମାନଙ୍କୁ ରାଜ୍ୟବାସୀଙ୍କ ଆଶା ଓ ଭରସାର ମାନ ରଖି ଓଡ଼ିଶାକୁ ଶାନ୍ତିଶୃଙ୍ଖଳା କ୍ଷେତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ଗଢ଼ି ତୋଳିବାରେ ନିଜର ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ।

ବୈଠକ ଆରମ୍ଭରେ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ସ୍ୱାଗତ ଭାଷଣ ଦେବା ସହ ନିକଟରେ ପୁଲିସ ବାହିନୀର ବିଭିନ୍ନ ବିଭାଗକୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। କନେଷ୍ଟବଳ, ହାବିଲଦାର ଓ ସିପାହୀ ମହାସଂଘ ସଭାପତି ଅନୀଲ କୁମାର ଷଣ୍ଢ ଧନ୍ୟବାଦ ଦେଇଥିଲେ। ସଂଘର ସମ୍ପାଦକ କିଶୋର କୁମାର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।



## ଦୁଇ ଦିନ ପରେ ଘଡ଼ଘଡି ବର୍ଷା !

### ତାତିରୁ ମିଳିବ ତ୍ରାହି

**ଭୁବନେଶ୍ୱର,୨୪।୪ (ସଂଚାର ବ୍ୟୁରୋ):** ତାତିରୁ ମିଳିବ ତ୍ରାହି । ଦୁଇ ଦିନ ପରେ ପୁଣି ଆରମ୍ଭ ହେବ ଘଡଘଡି ବର୍ଷା । ଆଜିଠାରୁ କାଲି ସକାଳ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ଅଳ୍ପ ବର୍ଷା ସମ୍ଭାବନା ଅଛି । ମୟୂରଭଞ୍ଜ, ବାଲେଶ୍ୱର, ରାୟଗଡା, କୋରାପୁଟ, ଗଜପତି ଏବଂ ଗଞ୍ଜାମ ଜିଲ୍ଲାରେ ହାଲୁକା ଧରଣର ବର୍ଷା ହେବାର ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତାକାଲି କେବଳ କୋରାପୁଟ, ରାୟଗଡା ଓ ଗଜପତି ଏହି ୩ ଜିଲ୍ଲାରେ ହାଲୁକା ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ୨୭ ତାରିଖରେ ୨୩ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବ ଏଥିକାରଣରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୩ଟି ଜିଲ୍ଲା ମଧ୍ୟରେ ୪ଟି ଜିଲ୍ଲା କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ ଓ ବାଲେଶ୍ୱରରେ ବର୍ଷା ସହ ପବନ ବହିବାର ସମ୍ଭାବନା ରହିଛି। ବର୍ଷା ସମୟରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ୨୮ ତାରିଖରେ ଘଡ଼ଘଡ଼ି ସହ ବର୍ଷା ପାଇଁ ୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ଦୁର୍ଦ୍ଧାନ୍ତ ଅପରାଧୀ ହଣ୍ଡକୁ ଏନକାଉଣ୍ଟର



**ଢେଙ୍କାନାଳ,୨୪।୪(ସଂଚାର ବ୍ୟୁରୋ):** ଦୁର୍ଦ୍ଧାନ୍ତ ଅପରାଧୀକୁ ଏନକାଉଣ୍ଟର କରିଛି ଢେଙ୍କାନାଳ ପୁଲିସ୍। ଢେଙ୍କାନାଳ ସଦର ଥାନା ମଙ୍ଗଳପୁର ସାଉଁଳିଆ ଜଙ୍ଗଲ ନିକଟରେ ହୋଇଛି ଏନକାଉଣ୍ଟର। କୁଖ୍ୟାତ ଅପରାଧୀ ଦେବାଶିଷ ବେହେରା ଓରଫ ହଣ୍ଡ ଜଣକୁ ହତ୍ୟା କରିବା ସକାଶେ ଜଙ୍ଗଲ ମଧ୍ୟରେ ଯୋଜନା କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ଓ ସ୍ପେଶାଲ ସ୍କ୍ୱାଡ୍ ସେଠାରେ ଚଢ଼ାଉ କରିଥିଲେ। ତେବେ ପୁଲିସ୍‌କୁ ଦେଖି ଖସି ପଳାଇବା ସକାଶେ ହଣ୍ଡ ଗୁଳି ଚଳାଇଥିଲା। ପୁଲିସ୍ ତାକୁ କାଙ୍କଡ଼ପାଳରୁ ଗୋଡାଇ ଗୋଡାଇ ମଙ୍ଗଳପୁର ପର୍ଯ୍ୟନ୍ତ ଆଣିବା ସହ ଶେଷରେ ସାଉଁଳିଆ ଜଙ୍ଗଲ ନିକଟରେ ପାଲଟା ଗୁଳିମାଡ଼ କରିଥିଲା। ପୁଲିସ୍ ଗୁଳି ହଣ୍ଡର ଡାହାଣ ଗୋଡ ଆଣ୍ଠୁରେ ବାଜିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଛି। ତାକୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ ଓ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ତଦନ୍ତ କରିବା ସହ ଏନକାଉଣ୍ଟରସ୍ଥଳରୁ ଦେଶୀ ପିସ୍ତଲ, ଖୋକା ଆଦି ଜବତ କରିଛନ୍ତି।

● ଦ୍ୱିତୀୟ ବିବାହ ପାଇଁ ବାପା ପାଲଟିଲା ପିଶାଚ

## ୫ ବର୍ଷର ପୁଅକୁ ଅପହରଣ ପରେ ହତ୍ୟା !

**ଯାଜପୁର,୨୪।୪(ସଂଚାର ବ୍ୟୁରୋ):** ଦ୍ୱିତୀୟ ବିବାହ ପାଇଁ ଜନ୍ମକଲା ପୁଅକୁ ହତ୍ୟା କରିବାକୁ ପଛାଇଲାନି ବାପା। ଏପରି ଏକ ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ଜେନାପୁର ଥାନା ଚାରଗୋଠ ଗାଁରୁ। ୫ ବର୍ଷର ପୁଅକୁ ପ୍ରଥମେ ଅପହରଣ ଓ ପରେ ହତ୍ୟା କରାଯାଇଛି। ବୁଧବାର ନିଖୋଜ ଥିବା ଉକ୍ତ ନାବାଳକର ମୃତଦେହ ମଉଳାଭଞ୍ଜ ଖାଦାନ ଭିତରୁ ଉଦ୍ଧାର ହୋଇଛି। ଗାଁର ବାଉରୀବନ୍ଧୁ ରାଉତ ଦ୍ୱିତୀୟ ବିବାହ ପାଇଁ ପୁଅକୁ ରାସ୍ତାରୁ ହଟାଇବା ସକାଶେ ଏଭଳି କାଣ୍ଡ ଭିଆଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ହତ୍ୟାକାଣ୍ଡରେ ବାଉରୀବନ୍ଧୁର ପରିବାର ମଧ୍ୟ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଘଟଣା ଜଣାପଡ଼ିବା ପରେ ଆଜି ଉତ୍ତ୍ୟକ୍ତ ଗ୍ରାମବାସୀ ବାଉରୀବନ୍ଧୁର ଘର ଭଙ୍ଗାରୁଜା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ଯାଜପୁର ରୋଡ୍ ଏସଡିପିଓ ଓ ଜେନାପୁର ଥାନାଧିକାରୀଙ୍କ ସମେତ ୧ ସେକ୍ସନ ପୁଲିସ ଫୋର୍ସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ଏଥିସହ ଘର ଭିତରେ ଲୁଚିଥିବା ବାଉରୀବନ୍ଧୁ ଓ ପରିବାର ଲୋକଙ୍କୁ ପୁଲିସ୍ ନିଜ ହେପାଜତକୁ ନେଇଛି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯାଜପୁର ରୋଡ୍ ଏସଡିପିଓ କହିଛନ୍ତି। ସେହିପରି କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ସକାଶେ ଗାଁରେ ପୁଲିସ ମୁତୟନ ରହିଛନ୍ତି।

## ମହାନଦୀରେ ଦୁଇ ଯୁବକଙ୍କ ସଲୀଳ ସମାଧି

**କଟକ,୨୪।୪(ସଂଚାର ବ୍ୟୁରୋ):** ଆଜି ଏଠାରେ ମହାନଦୀରେ ଭାସିଯାଇଥିବା ଦୁଇ ଯୁବକଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଥିଲେ। କିନ୍ତୁ ସ୍ଥାନୀୟ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ (ଏସସିବିଏମସିଏଚ)ରେ ସେମାନଙ୍କୁ ଭର୍ତ୍ତି କରାଯିବା ପରେ ସେଠାରେ ଡାକ୍ତରମାନେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ସ୍ଥାନୀୟ ପୁଲିସ ଅଧିକାରୀ କହିଛନ୍ତି ଯେ ମୃତକମାନଙ୍କର ପରିଚୟ ମିଳିପାରିନାହିଁ। ମିଳିଥିବା ସୂଚନାନୁସାରେ, ଆଜି ଯୋବ୍ରା ଆନିକଟଠାରେ ମହାନଦୀରେ ୬ ଜଣ ଯୁବକ ନଦୀରେ ପହଁରୁଥିବା ସମୟରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ନଦୀ ସ୍ରୋତରେ ଭାସିଯାଇଥିଲେ। ସେଠାରେ ମହଜୁଦ ଥିବା ଲୋକେ ବଞ୍ଚାଇବା ସକାଶେ ଉଦ୍ୟମ କରିଥିଲେହେଁ ଏଥିରେ ସଫଳ ନ ହେବାରୁ ଅଗ୍ନିଶମ ବିଭାଗ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲା। ପ୍ରାୟ ଘଣ୍ଟାଏ କାଳ ଉଦ୍ୟମ କରିବା ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉଭୟ ଯୁବକଙ୍କୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ଓଡ଼ିଶାରେ ଗତ ୨୦୨୨ରୁ ୨୦୨୫ ମଧ୍ୟରେ ୨ ହଜାର ୬୪ ଜଣ ପାଣିରେ ବୁଡି ମୃତ୍ୟୁବରଣ କରିଥିବା ରେକର୍ଡ ହୋଇଛି। ଏଥିରେ ପୁରୀ ବେଳାଭୂମି ଓ ଅନ୍ୟାନ୍ୟ ଉପକୂଳବର୍ତ୍ତୀ ଅଞ୍ଚଳରେ ଗତ ୩ ବର୍ଷ ମଧ୍ୟରେ ୪୭ଟି ଘଟଣା ରହିଛି। ସେହିପରି କଟକ ଜିଲ୍ଲାରେ ସର୍ବାଧିକ ୨୫୨ଟି ମୃତ୍ୟୁ ରେକର୍ଡ ହୋଇଥିବା ବେଳେ ୨୫୧ ସହ ମୟୂରଭଞ୍ଜ ଦ୍ୱିତୀୟରେ, ୨୦୭ ସହ କୋରାପୁଟ ତୃତୀୟରେ ଓ ୧୦୨ ସହ ନବରଙ୍ଗପୁର ଚତୁର୍ଥ ସ୍ଥାନରେ ରହିଛି।

## ଶାଳୀ ପାଇଁ ଭିଣୋଇଙ୍କୁ ହତ୍ୟା: ୨ ଅଭିଯୁକ୍ତ ଗଲେ ଜେଲ୍

**ଦିଗପହଣ୍ଡି,୨୪।୪ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ପାଟପୁର ଥାନା ପି. ସାମନ୍ତରାପୁର ଗ୍ରାମର ହୀନ ପାତ୍ରଙ୍କୁ ହତ୍ୟା ଘଟଣାରେ ପାଟପୁର ପୋଲିସ ବୁଧବାର ଶେରଗଡ଼ ଥାନା ସୁନାନ୍ତର ଗ୍ରାମର ଦୀପକ ଗୌଡ଼ ଏବଂ ଠୁରୁବୁରେଇ ଗ୍ରାମର ପିଙ୍କୁ ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଥାନା ମାମଲା ନଂ.୨୨୪/୨୫ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ମଙ୍ଗଳବାର ସକାଳେ ଶେରଗଡ଼ ବ୍ଲକ କାଳିଆଘାଇ ଗ୍ରାମ ଏବଂ ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମ ମଧ୍ୟବର୍ତ୍ତୀ ଏକ କେନାଲରୁ ହୀନଙ୍କ ମୃତଦେହକୁ ପାଟପୁର ପୋଲିସ ଜବତ କରିଥିଲେ। ଏନେଇ ହୀନଙ୍କ ଶ୍ୱଶୁର ପି.ମାଧବ ପାତ୍ର ଥାନାରେ ଏତଲା ଦେବାପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା , ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା,ଶେରଗଡ଼ ଥାନା ଆଇଆଇସି ବୀରେନ୍ଦ୍ର ଶିଆଳ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସବିଶେଷ ତଦନ୍ତ କରିବା ସହ ହୀନଙ୍କ ବାଇକ୍, ହେଲମେଟ୍,ଚଷମା,୨ଟି ନୂଆ ଶର୍ଟ ଜବତ କରି ଫେରିଥିଲେ।

### ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକ

## ୧୧୯୧.୪୭ କୋଟିର ଅକ୍ଷୟ ଶକ୍ତି ପ୍ରକଳ୍ପକୁ ଅନୁମୋଦନ



**ଭୁବନେଶ୍ୱର,୨୩।୪(ସଂଚାର ବ୍ୟୁରୋ):** ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨ ଆଧାରରେ ଦଶମ ସିଙ୍ଗଲ୍ ୱିଣ୍ଡୋ କମିଟି (ଏସ୍‌ଡବ୍ଲ୍ୟୁସି) ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ୧୧୯୧.୪୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ମିଳିଛି। ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ୯୫.୭ ମେଗାୱାଟ୍ କ୍ଷମତାସମ୍ପନ୍ନ ୨ଟି ପବନ ଶକ୍ତି ପ୍ରକଳ୍ପ, ୫୩.୯୭ ମେଗାୱାଟ୍ କ୍ଷମତାର ୪ଟି ଭୂମି ଆଧାରିତ ସୌର ଶକ୍ତି ପ୍ରକଳ୍ପ ଓ ୦.୬ ମେଗାୱାଟ୍ କ୍ଷମତାର ପ୍ରଥମ ବ୍ୟାଟେରୀ ଷ୍ଟୋରେଜ୍ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡିକ ମାଧ୍ୟମରେ ଓଡ଼ିଶାରେ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଥିବା ପ୍ରାକୃତିକ ସମ୍ଭାବନାଗୁଡିକର ସଦ୍‌ବ୍ୟବହାର ହୋଇପାରିବ। ଏଥଇସହ ରାଜ୍ୟ ଅକ୍ଷୟ ଶକ୍ତି ନୀତି- ୨୦୨୨ ଅନ୍ତର୍ଗତ ଲକ୍ଷ୍ୟଗୁଡ଼ିକ ପୂରଣ ପାଇଁ ମଧ୍ୟ ଏହା ସହାୟକ ହୋଇପାରିବ।

ଏହି ଅବସରରେ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ ସ୍ଥାୟୀ ଅର୍ଥନୈତିକ ପ୍ରଗତି ନିମନ୍ତେ ଅକ୍ଷୟ ଶକ୍ତିର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ପୁଞ୍ଜି ନିବେଶକୁ ସୁଗମ କରିବା ଓ ଅନୁମୋଦିତ ପ୍ରକଳ୍ପଗୁଡିକର ଠିକ ସମୟରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ କହିଥିଲେ। ଏଥିସହ ଗତ ନବମ ସିଙ୍ଗଲ ୱିଣ୍ଡୋ କମିଟି ବୈଠକରେ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ମଧ୍ୟ ଆଜିର ବୈଠକରେ ସମୀକ୍ଷା କରାଯାଇଥିଲା। ଏଥିରେ ରାଜ୍ୟ ଶକ୍ତି ବିଭାଗ, ଜଳ ସମ୍ପଦ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରୀଡକୋ, ଓପିଟିସିଏଲ୍, ଓଏଚପିସି ତଥା ବିଦ୍ୟୁତ ବିତରଣ କମ୍ପାନୀ ସମୂହର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସମେତ ସର୍ବୋଚ୍ଚ ଯନ୍ତ୍ରୀ (ବୈଦ୍ୟୁତିକ) ଅଂଶଗ୍ରହଣ କରିଥିଲେ।

ରାଜ୍ୟ ସରକାରଙ୍କ ସକ୍ରିୟ ନୀତି ଓ ଶୃଙ୍ଖଳିତ ପ୍ରକ୍ରିୟା ଆଧାରରେ ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି ଏବଂ ଅକ୍ଷୟ ଶକ୍ତି ନୋଡାଲ ଏଜେନ୍ସି ଗ୍ରୀଡକୋ ମାଧ୍ୟମରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବଢ଼ିଛି ଓ ଏକ ଅଧିକ ଆତ୍ମନିର୍ଭରଶୀଳ ଓଡ଼ିଶା ପାଇଁ ପଥ ପରିଷ୍କାର ହୋଇଚାଲିଛି। ଅଦ୍ୟାବଧି ଅକ୍ଷୟ ଶକ୍ତି କ୍ଷେତ୍ରରେ ମୋଟ ୧୭୦୭.୫୬ ମେଗାୱାଟ କ୍ଷମତା ସଂପନ୍ନ ପ୍ରକଳ୍ପ ଲାଗି ୧୨,୩୮୭.୩୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ସିଙ୍ଗଲ୍ ୱିଣ୍ଡୋ କମିଟି ନୀତିଗତ ଅନୁମୋଦନ ପ୍ରଦାନ କରିଛି।

### ଅଗ୍ନିବୀର ନିଯୁକ୍ତି ଦୁର୍ନୀତି

## ୩ ନୌସେନା ଅଧିକାରୀ ଗିରଫ, ୧୨ ଆକାଉଣ୍ଟ ସିଜ୍



**ଭୁବନେଶ୍ୱର, ୨୪।୪ (ସଂଚାର ବ୍ୟୁରୋ):** ଏକ ବଡ଼ ସଫଳତା କ୍ରମେ ଖୋର୍ଦ୍ଧା ପୁଲିସ ଆଇଏନଏସ ନିଯୁକ୍ତି ପ୍ରକ୍ରିୟାରେ ଏକ ବିରାଟ ଠକେଇର ପର୍ଦ୍ଦାଫାସ କରିଛି। ଭାରତୀୟ ନୌସେନାରେ ଅଗ୍ନିବୀର ଚାକିରୀ କରାଇଦେବାର ପ୍ରତିଶ୍ରୁତି ଦେଇ ଲକ୍ଷ ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୋଗରେ ୩ ଜଣ ନୌସେନା ଅଧିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ ପୂର୍ବତନ ନୌସେନା ଅଧିକାରୀ ରହିଥିବା ବେଳେ ଅନ୍ୟ ଦୁଇ ଜଣ ଏବେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଆଇଏନଏସ କେଶରୀ ଓ ଆଇଏନଏସ ଚିଲିକାରେ କାର୍ଯ୍ୟରତ ଅଛନ୍ତି। ଗତ ୧୯ ତାରିଖରେ ବାଲୁଗାଁ ଥାନାରେ ହୋଇଥିବା ଏକ ମାମଲା ଅନୁସାରେ ଏହି ୩ ଅଧିକାରୀଙ୍କୁ ଗିରଫଦାରୀ କରାଯାଇଛି।

ପ୍ରାରମ୍ଭିକ ତଦନ୍ତ ଅନୁସାରେ, ଅଭିଯୁକ୍ତମାନେ ଚାକିରି ଆଶାୟୀଙ୍କଠାରୁ ନୌସେନାରେ ସ୍ଥାନ ନିଶ୍ଚିତ କରିବାର ମିଛ ଆଶ୍ୱାସନା ଦେଇ ଟଙ୍କା ଆଦାୟ କରୁଥିଲେ। ତେବେ ଏହି ଠକେଇରେ ନିର୍ଦ୍ଦିଷ୍ଟ ଭାବେ ଅଭିଯୁକ୍ତମାନେ କେତେ ଟଙ୍କା ଠକିଛନ୍ତି ଓ କେତେଜଣ ଏହାର ଠିକାର ହୋଇଛନ୍ତି, ସେନେଇ କିଛି ଜଣାପଡ଼ିନଥିବା ବେଳେ ପୁଲିସ୍ ତା'ର ତଦନ୍ତ ଜାରି ରଖିଛି।

ଏ ସଂକ୍ରାନ୍ତରେ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ କହିଛନ୍ତି ଯେ ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ପରୀକ୍ଷାରେ ଉପନୀତ ହୋଇଥିବା ଅଗ୍ନିବୀର ଆଶାୟୀଙ୍କଠାରୁ ପୁଲିସ ଯାଞ୍ଚ, ଶାରୀରିକ ପରୀକ୍ଷା ଓ ଚାକିରି ସୁନିଶ୍ଚିତ କରିବା ପ୍ରତିଶ୍ରୁତି ଦେଇ ୩ ଅଧିକାରୀ ବିପୁଳ ପରିମାଣର ଟଙ୍କା ହଡ଼ପ କରିଥିବା ଅଭିଯୋଗ ରହିଛି। ତଦନ୍ତ ସମୟରେ ପୁଲିସ ଅନେକ ନେଣଦେଣର ପ୍ରମାଣ ପାଇବା ସହ ବ୍ୟାଙ୍କ ଦଲିଲ ଜବତ କରିଛି। ଅଦ୍ୟାବଧି ଏହି ଠକେଇ ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ପୂର୍ବତନ ନୌସେନା ଅଧିକାରୀ ଓ ସେ ଉତ୍ତର ପ୍ରଦେଶର ବାସିନ୍ଦା। ସେହିପରି ଦ୍ୱିତୀୟ ଅଭିଯୁକ୍ତ ଜଣଙ୍କ ଏବେ ଇଏପି-୫ ପଦବୀରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ଆଇଏନଏସ କେଶରୀରେ କାର୍ଯ୍ୟରତ ଅଛନ୍ତି। ଏହାଛଡ଼ା ତୃତୀୟ ଅଭିଯୁକ୍ତ ଜଣଙ୍କ ଆଇଏନଏସ ଚିଲିକାରେ କାର୍ଯ୍ୟ କରୁଥିବା ଏସପି ସାଗରିକା କହିଛନ୍ତି। ସେ ଅହୁରି ମଧ୍ୟ କହିଛନ୍ତି ଯେ ଗୁଇନ୍ଦା ସୂଚନା ଅନୁଯାୟୀ ଏହି ଠକେଇ ର୍ୟାକେଟରେ ଆଉ ୨ ଜଣ ବ୍ୟକ୍ତି ଜଡ଼ିତ ଥିବା ସନ୍ଦେହ କରାଯାଉଛି। ଅଦ୍ୟାବଧି ଠକେଇ କାର୍ଯ୍ୟକଳାପ ସହ ଜଡ଼ିତ ୧୨ଟି ବ୍ୟାଙ୍କ ଆକାଉଣ୍ଟକୁ ପୁଲିସ୍ ସିଜ୍ କରିବା ସହ ଅଧିକ ଖୋଳତାଡ଼ ଚଳାଇଥିବା ଏସ୍‌ପି କହିଛନ୍ତି।

## ଅସ୍ତରଙ୍ଗକୁ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର



**କାକଟପୁର/ଅସ୍ତରଙ୍ଗ,୨୪।୪(ସଂଚାର ବ୍ୟୁରୋ):** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପୁରୀ ଜିଲ୍ଲା ତାଳବଣିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ବ୍ଲକ୍‌ର ଅସ୍ତରଙ୍ଗ ପଞ୍ଚାୟତକୁ ଭଲ କାମ ପାଇଁ ପଞ୍ଚାୟତ ସଶକ୍ତିକରଣ ପୁରସ୍କାର ପ୍ରଦାନ କରାଯାଇଛି। ଅତିଥିମାନଙ୍କଠାରୁ ଅସ୍ତରଙ୍ଗ ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦୁଭୂଷଣ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ପୁରସ୍କାର ବାବଦରେ ୫ ଲକ୍ଷ ୭୯ ହଜାର ୭୧୦ ଟଙ୍କାର ଚେକ୍ ସହ ଏକ ମାନପତ୍ର ଗ୍ରହଣ କରିଛନ୍ତି। ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଖାଉଟି ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଶହ ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ। ଏହି ପୁରସ୍କାର ହାସଲ କରିଥିବା ଅସ୍ତରଙ୍ଗ ସରପଞ୍ଚଙ୍କୁ ଶୁଭେଚ୍ଛା ଦିଆଯାଇଛି।

## ସାମ୍ବାଦିକ ଓ ହକରମାନଙ୍କୁ ମିଳିବ ନିର୍ମାଣ ଶ୍ରମିକ କାର୍ଡ଼



**କେନ୍ଦୁଝର, ୨୪।୪ (ସଂଚାର ବ୍ୟୁରୋ):** ସାମ୍ବାଦିକଙ୍କୁ ମିଳିବ ନିର୍ମାଣ ଶ୍ରମିକ କାର୍ଡ଼। କେନ୍ଦୁଝରରେ ଏହା କହିଛନ୍ତି ଜଙ୍ଗଲ ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ନିର୍ମାଣ ଶ୍ରମିକଙ୍କ ସହ ଏଥିରେ ୧୦୦ଟି ବୃତ୍ତିର ବ୍ୟକ୍ତିମାନଙ୍କୁ ସାମିଲ କରାଯାଉଥିବା ବେଳେ, ଏହି କାର୍ଡ଼ ପାଇବା ପାଇଁ ସାମ୍ବାଦିକ ଓ ଖବର କାଗଜ ବାଣ୍ଟୁଥିବା ହକର୍ ମାନେ ମଧ୍ୟ ଆବେଦନ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ସାମ୍ବାଦିକ ଓ ସମ୍ବାଦପତ୍ର ହକର୍ ମାନେ ଶ୍ରମ ବିଭାଗରୁ ଏହି କାର୍ଡ଼ କରାଇ ସରକାରଙ୍କ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଛନ୍ତି ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହା କହିଛନ୍ତି ମନ୍ତ୍ରୀ । ଏହି କାର୍ଡଧାରୀ ମାନଙ୍କର ସାଧାରଣ ମୃତ୍ୟୁରେ ୩ ଲକ୍ଷ ଓ ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ପରିବାରକୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ ବୋଲି ସେ କହିଥିଲେ । ଏହି କାର୍ଡ଼ରେ ସାମିଲ୍ ହେବାକୁ ସାଢ଼େ ୩ କୋଟି ଲୋକ ଥିବା ବେଳେ, ଏବେ ମାତ୍ର ୫୦ ଲକ୍ଷ ହିତାଧିକାରୀଙ୍କୁ ଏଥିରେ ସାମିଲ୍ କରାଯାଇପାରିଛି । ଆଗାମୀ ଦିନରେ ସମସ୍ତ ସାଢ଼େ ୩ କୋଟି ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ୍ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ମନ୍ତ୍ରୀ ।

● ବରକାନି ଘଟଣାରେ ଏନ୍‌ସିଏସ୍‌ଟିଙ୍କ ହସ୍ତକ୍ଷେପ

## ଜିଲ୍ଲାପାଳ, ଏସ୍‌ପି ଓ ଆର୍‌ଏସ୍‌ପିକୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ

**ନୂଆଦିଲ୍ଲୀ,୨୪।୪:** ଗତ ୧୯ ତାରିଖରେ ସୁନ୍ଦରଗଡ଼ର ବରକାନି ଗାଁରେ ଜଣେ ଆନ୍ଦୋଳନକାରୀଙ୍କ ଉପରେ ଜେସିବି ମାଡ଼ିଯିବା ଫଳରେ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଆଦିବାସୀ ଓ ପୁଲିସ୍ ମଧ୍ୟରେ ହାତହାତି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ମାମଲାରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ହସ୍ତକ୍ଷେପ କରିଛନ୍ତି। ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପକ୍ଷରୁ ଦୁମେରତା ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳ ଲାଇନ ନିର୍ମାଣକୁ ବିରୋଧ କରି ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ବିକ୍ଷୋଭ ପ୍ରଦର୍ଶନ କରିଥିଲା। କିନ୍ତୁ ଜେସିବି ଚାପାରେ ଜଣେଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାକୁ ନେଇ ତୁମୂଳକାଣ୍ଡ ହୋଇଥିଲା। ଏହାକୁ ବିରୋଧ କରି ଆଦିବାସୀମାନେ ପ୍ରାୟ ୨୪ ଘଣ୍ଟା ଶବକୁ ଧରି ରାସ୍ତାରୋକ କରିଥିଲେ। ପରେ ପ୍ରଶାସନ ଓ ଆର୍‌ଏସ୍‌ପି ପକ୍ଷରୁ ଥଇଥାନ ଓ ଆର୍ଥିକ ସହାୟତା ନେଇ ଘୋଷଣା କରାଯିବାରୁ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲା। ତେବେ ଏହି ମାମଲାରେ ଏନ୍‌ସିଏସ୍‌ଟି ହସ୍ତକ୍ଷେପ କରିବା ସହ ସୁନ୍ଦରଗଡ଼ ଜିଲ୍ଲାପାଳ, ଏସ୍‌ପି ଓ ଆର୍‌ଏସ୍‌ପି ଅଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଏହି ମାମଲାରେ ଆଜି ପର୍ଯ୍ୟନ୍ତ କ'ଣକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସଂକ୍ରାନ୍ତରେ ଜବାବ ରଖିବା ସକାଶେ ଆୟୋଗ ନିର୍ଦ୍ଦେଶଦେଇଛନ୍ତି। ଖୁବ୍‌ଶୀଘ୍ର ଆୟୋଗର ସଦସ୍ୟମାନେ ଘଟଣାସ୍ଥଳ ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

## କଟକରେ ନକଲି ବିଦେଶୀ ମଦ କାରଖାନା ଠାବ

**ଭୁବନେଶ୍ୱର,୨୪।୪ (ସଂଚାର ବ୍ୟୁରୋ):** କଟକରେ ନକଲି ବିଦେଶୀ ମଦ କାରଖାନାରେ ଅବକାରୀ ବିଭାଗର ରେଡ୍ । ଜବତ ହେଲା ବିପୁଳ ପରିମାଣର ନକଲି ବିଦେଶୀ ମଦ । ରାତି ଅଧିଆ ଚଢ଼ାଉ କରି ଜବତ କଲା ଅବକାରୀ ବିଭାଗ । ଏହି ଚଢ଼ାଉରେ ୨୭ଟି ବିଦେଶୀ ମଦ ବୋତଲ ସହ ୧୯ ବୋତଲ ଦେଶୀ ମଦ ଜବତ ହୋଇଛି । ଏଥି ସହିତ ମଦ ପ୍ରସ୍ତୁତ ପାଇଁ ଥିବା ୫୬୦ଲିଟର ସ୍ପିରିଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି । ଏହି ଘଟଣାରେ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ଅବକାରୀ ବିଭାଗ । ସୂଚନା ମୁତାବକ, କଟକ ଚୌଦ୍ୱାର ଅଞ୍ଚଳରେ ଦୀର୍ଘ ୩ ମାସ ଧରି ଏକ ଭଡ଼ା ଘରେ ଚାଲିଥିଲା ଏହି ବେଆଇନ ମଦ ଫ୍ୟାକ୍ଟ୍ରି । ଏହି ଫ୍ୟାକ୍ଟ୍ରିରେ ମଦ ପ୍ରସ୍ତୁତ ହୋଇ କଟକ ଏବଂ ଯାଜପୁର ଅଞ୍ଚଳରେ ବିକ୍ରି ହେଉଥିଲା । ଏନେଇ ଏକ ବିଶେଷ ସୂତ୍ରକୁ ଖବର ପାଇଥିଲା ଅବକାରୀ ବିଭାଗ । ଖବର ପାଇ ବୁଧବାର ରାତି ଅଧରେ ଅତର୍କିତ ଚଢ଼ାଉ କରିଥିଲା ଅବକାରୀ ବିଭାଗ । ଏହି ଚଢ଼ାଉରେ ମୋଟ ୨୭ ବୋତଲ ବିଦେଶୀ ମଦ ସହ ୧୯ ବୋତଲ ଦେଶୀ ମଦ ଜବତ ହୋଇଛି । ମଦ ପ୍ରସ୍ତୁତ କରିବା ପାଇଁ ରଖାଯାଇଥିବା ୫୬୦ଲିଟର ସ୍ପିରିଟ୍ ମଧ୍ୟ ଜବତ ହୋଇଛି । ୬୯ ହଜାର ମଦ ବୋତଲ ଠିପି ସହ ୧ ଲକ୍ଷ ୬୧ ହଜାର ମଦ କମ୍ପାନୀ ଲେବୁଲ ଜବତ ହୋଇଛି। ୬୩୦୦ ଅବକାରୀ କ୍ୟୁଆର କୋର୍ଡ ସହ ୬୫୦୦ ଖାଲି ବୋତଲ ଜବତ ହୋଇଛି । ଏଥି ସହିତ ଗୋଟିଏ ମଦ ପ୍ୟାକିଙ୍ଗ ମେସିନ ଜବତ କରିଛି ଅବକାରୀ ବିଭାଗ । ଏହି ଚଢ଼ାଉ ପରେ ଫ୍ୟାକ୍ଟ୍ରି ଚଳାଉଥିବା ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି ।

### ଦୀଘା ଜଗନ୍ନାଥ ମନ୍ଦିର ଉଦ୍‌ଘାଟନୀ ଉତ୍ସବ

## ରୋଷ କାର୍ଯ୍ୟରେ ସାମିଲ ହେଲେ କାର୍ଯ୍ୟାନୁଷ୍ଠାନ

**ପୁରୀ,୨୪।୪ (ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଦିଘାରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିର ଆସନ୍ତା ୩୦ ତାରିଖ ଅକ୍ଷୟ ତୃତୀୟାରେ ଉଦଘାଟନ ହେବ। ଏହି କାର୍ଯ୍ୟକ୍ରମରେ ପୁରୀ ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପକ୍ଷରୁ ଅବଢ଼ା ଓ ଶୁଖିଲା ମହାପ୍ରସାଦ ପ୍ରସ୍ତୁତକାରୀଙ୍କ ଏକ ନିର୍ଦ୍ଦେଶ ଜାରି ହୋଇଛି। ଏହି ଉଦ୍‌ଘାଟନୀ ଦିନ ରୋଷ କାର୍ଯ୍ୟରେ ସାମିଲ ହେବାକୁ ମନା କରାଯାଇଛି। ସାମିଲ ହେଲେ ସମ୍ପୃକ୍ତ ସୁପକାର ସଭ୍ୟଙ୍କୁ ନିଯୋଗରୁ ବାସନ୍ଦ କରାଯିବ। ଅର୍ଥାତ ଶ୍ରୀମନ୍ଦିର ରୋଷ କାର୍ଯ୍ୟରୁ ତାଙ୍କୁ ସବୁଦିନ ପାଇଁ ବାରଣ କରାଯିବ। ସୁଆର ମହାସୁଆର ନିଯୋଗ ସମ୍ପାଦକଙ୍କ ଦସ୍ତଖତରେ ସୂଚନା ଜାରି କରାଯାଇଛି। ନିଉ ଦୀଘା ରେଳଷ୍ଟେସନ ନିକଟରେ ୨୦ ଏକର ଜାଗାରେ ୨ ଶହ ୫୦ କୋଟି ଟଙ୍କା ବ୍ୟୟରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଅନୁକରଣରେ ନୂତନ ଅନ୍ୟ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ଶେଷ ହୋଇଛି । ଆସନ୍ତା ପବିତ୍ର ଅକ୍ଷୟ ତୃତୀୟାରେ ଏହି ନୂତନ ଜଗନ୍ନାଥ ମନ୍ଦିରରେ ଭଗବାନ ବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା ଲାଗି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି । ମମତା ବାନାର୍ଜୀ ଡିସେମ୍ବର ୨୦, ୨୦୧୮ ମସିହାରେ ଦୀଘାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଭଳି ଏଠାରେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ହେବ ବୋଲି ଉଚ୍ଚ ପ୍ରଶାସନିକ ବୈଠକରେ ଘୋଷଣା କରିଥିଲେ । ୨୦୨୨ ମସିହାରେ ପ୍ରଥମେ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ବଙ୍ଗ ସରକାର ୨ ଶହ କୋଟି ଟଙ୍କା ଅର୍ଥ ମଞ୍ଜୁର କରି ଖୁବଶୀଘ୍ର ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୬୫ ଫୁଟ ଉଚ୍ଚର ଏହି ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ହିଡ଼କୋ ସଂସ୍ଥା ହାତକୁ ନେଇଥିବାବେଳେ ରାଜସ୍ଥାନର ନାମୀ ମାର୍ବଲ ପଥରରେ ଶ୍ରୀଜଗନ୍ନାଥ ମନ୍ଦିର ସହ ଆଠଟି ମନ୍ଦିର ନିର୍ମିତ ହୋଇଛି । ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ମୁଖ୍ୟ ସଚିବଙ୍କ ସହ ଜିଲା ମାଜିଷ୍ଟ୍ରେଟ, ଏସପି, ଇସ୍କନର ମୁଖ୍ୟ ସହ ୨ ୨ ଜଣିଆ କମିଟି ଗଠନ କରାଯାଇଛି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ବନ୍ଦ ହେଲା ପାକିସ୍ତାନର 'ଏକ୍ସ' ଆକାଉଣ୍ଟ୍

**ନୂଆଦିଲ୍ଲୀ, ୨୪।୪:** ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀୟଙ୍କର ମୃତ୍ୟୁ ହେବା ପରେ ଭାରତ ପାକିସ୍ତାନ ମଧ୍ୟରେ ଗଣ୍ଡଗୋଳ ପୁଣି ତୀବ୍ର ହୋଇଛି। ପାକିସ୍ତାନ ସରକାରର ସରକାରୀ 'ଏକ୍ସ' ଆକାଉଣ୍ଟକୁ ଭାରତରେ ଏବେ ବନ୍ଦ୍ କରାଯାଇଛି। ଏହି ପଦକ୍ଷେପ ନୂଆଦିଲ୍ଲୀ ଦଶନ୍ଧି ପୁରୁଣା ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ଏବଂ ବରିଷ୍ଠ ପାକିସ୍ତାନୀ କୂଟନୈତିକ କର୍ମଚାରୀଙ୍କୁ ବହିଷ୍କାର କରିବା ସମେତ କଠୋର ପ୍ରତିଶୋଧମୂଳକ ପଦକ୍ଷେପ ଘୋଷଣା କରିବା ପରେ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ସୁରକ୍ଷା କମିଟି (ସିସିଏସ୍) ଏପ୍ରିଲ ୨୩ରେ ପହଲଗାମରେ ହୋଇଥିବା ଆକ୍ରମଣର ଭାରତର ପ୍ରତିକ୍ରିୟା ନିର୍ଣ୍ଣୟ କରିବା ପାଇଁ ବୈଠକ କରିଥିଲା। ସିସିଏସ୍ ପାକିସ୍ତାନ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂକଳ୍ପ ନେଇଛି। ପହଲଗାମ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଅତି କଠୋର ପଦକ୍ଷେପ ଗ୍ରହଣ କରିଛି। ଦୁଇ ଦେଶ ମଧ୍ୟରେ ନେହେରୁ ସରକାରଙ୍କ ସମୟରେ ସ୍ୱାକ୍ଷରିତ ସିନ୍ଧୁଜଳ ଚୁକ୍ତିକୁ ରଦ୍ଦ କରାଯାଇଛି। ଏହା ସହିତ ଓ୍ୱାଘା-ଅଟାରୀ ସୀମାକୁ ବନ୍ଦ କରିଦିଆଯାଇଛି। ବୁଧବାର ସଂଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି (ସିସିଏସ) ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ବୈଠକ ପରେ କେନ୍ଦ୍ର ବୈଦେଶିକ ସଚିବ ବିକ୍ରମ ମିସ୍ରି ସରକାରଙ୍କ ନିଷ୍ପତ୍ତି ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସିସିଏସ ବୈଠକରେ ନିଆଯାଇଥିବା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କର ଭିସା ବାତିଲ କରାଯାଇଛି।





## ଆଜିର ସୁନା ଦର

ଦିନକ ପୂର୍ବରୁ ସୁନା ଦର ଅଚାନକ ଲକ୍ଷେ ଟଙ୍କାରେ ପହଞ୍ଚିଥିଲା। ତାପରେ ଧିରେ ଧିରେ ସୁନା ଦର ଖସିବାରେ ଲାଗିଛି। ଆଜି ମଧ୍ୟ ସୁନା ଦରରେ ହ୍ରାସ ଘଟିଛି। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୨୪୦, ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ହଜାର ୦୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୨୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୦୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮,୨୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ,୦୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୩୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୨୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୨୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦,୦୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮,୨୪୦ ଓ ୯୦,୦୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୯୦୦ ଟଙ୍କା ହୋଇଛି।

## ଭାରତର ଅଭିବୃଦ୍ଧିକୁ ୦.୫% ପ୍ରଭାବିତ କରିବ ଆମେରିକା ଟାରିଫ: ଅର୍ଥ ସଚିବ



**ନୂଆଦିଲ୍ଲୀ,୨୪।୪:** ଆମେରିକାର ଟାରିଫ୍ ଯୋଗୁ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଉପରେ ସିଧାସଳଖ ପ୍ରଭାବ ରହିବ ୦.୨%ରୁ ୦.୫%। ଅର୍ଥ ସଚିବ ଅଜୟ ସେଠ୍ ବୁଧବାର ଏହା ପ୍ରକାଶ କରିଛନ୍ତି।

ଶ୍ରୀ ସେଠ୍ କହିଲେ ଯେ, ଚଳିତ ଆର୍ଥିକବର୍ଷ ଭାରତୀୟ ଅର୍ଥନୀତି ପ୍ରାୟ ୬.୫% ବଢ଼ିପାରେ। ବର୍ତ୍ତମାନର ସ୍ଥିତିକୁ ଦୃଷ୍ଟିରେ ରଖି ଆଇଏମ୍ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ମଧ୍ୟ ଭାରତର ଜିଡିପି ଅଭିବୃଦ୍ଧି ଅନୁମାନକୁ ଖସାଇଛନ୍ତି। ଏପ୍ରିଲରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାର ଅଭିବୃଦ୍ଧି ଅନୁମାନକୁ ୬.୫%କୁ ଖସାଇଥିଲା। ପୂର୍ବରୁ ଏହାର ଆକଳନ ଥିଲା ୬.୭%। ଆମେରିକାର ଟାରିଫ୍ ନୀତି ବିତ୍ତୀୟ ବଜାରଗୁଡ଼ିକୁ ପ୍ରଭାବିତ କରିଛି। ଏହା ମଧ୍ୟ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଭାବିତ କରିବ ବୋଲି ଅନୁମାନ କରିଛନ୍ତି ବିଶେଷଜ୍ଞ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଭାରତର ଅଭିବୃଦ୍ଧି ଅନୁମାନକୁ ଯଥାକ୍ରମେ ୬.୨% ଏବଂ ୬.୩%କୁ ଖସାଇଛନ୍ତି। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ବାଣିଜ୍ୟିକ ଅସ୍ଥିରତା ମଧ୍ୟରେ ଉଭୟ ପ୍ରତିଷ୍ଠାନ ସଂଶୋଧିତ ଆକଳନ କରିଛନ୍ତି। ଜାନୁଆରୀରେ ଆଇଏମ୍ଏଫ୍ ଏବଂ ବିଶ୍ୱବ୍ୟାଙ୍କ ଆକଳନ କରିଥିଲେ ଯେ, ଚଳିତ ଆର୍ଥିକବର୍ଷ ଭାରତୀୟ ଅର୍ଥବ୍ୟବସ୍ଥା ଯଥାକ୍ରମେ ୬.୫% ଏବଂ ୬.୭% ବଢ଼ିବ।

# ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ଟିକସ

## ଦାମ୍ ୧୦ ଲକ୍ଷ ଟପିଲେ ୧% ଲାଗିବ

**ନୂଆଦିଲ୍ଲୀ, ୨୪।୪:** ଲୋକମାନେ ବ୍ୟବହାର କରୁଥିବା ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ୧ ପ୍ରତିଶତ ଟିକସ ଲଗାଇଛନ୍ତି। ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୧ ପ୍ରତିଶତ ଟିସିଏସ୍ (ଉତ୍ସରୁ ଟିକସ ସଂଗ୍ରହ) ଲାଗୁ କରାଯାଇଛି। ଏହି ଟିକସ ଚଳିତ ବର୍ଷ ଜାନୁଆରି ୧ରୁ ଲଗାଇବାର ଯୋଜନା ଥିଲା। ମାତ୍ର ବିଜ୍ଞପ୍ତି ପ୍ରକାଶ ପାଇବା ବିଳମ୍ବ ହୋଇଥିବାରୁ ତାହା ଏପ୍ରିଲ୍ ୨୨ରୁ ଲାଗୁ କରାଯାଇଛି।

ବୋର୍ଡ ଦେଇଥିବା ସୂଚନା ଅନୁସାରେ ବିଳାସପୂର୍ଣ୍ଣ ହାତଘଣ୍ଟା, କଳାକୃତି, ପୁରାତନ ସାମଗ୍ରୀ, ଚିତ୍ରକଳା, ସ୍ଥାପତ୍ୟ କଳା, ୟଚ୍, ରୋଇଂ ବୋଟ୍, କାନୋଇ, ହେଲିକପ୍ଟର, ଚଷମା, ହାଣ୍ଡବ୍ୟାଗ୍, ପର୍ସ, ଜୋତା, ସଂଗ୍ରହ କରାଯାଉଥିବା କଏନ୍ ଓ ଷ୍ଟାମ୍ପ, ସ୍ପୋର୍ଟସ୍ୱେୟାର, ଗଲ୍ଫ କିଟ୍, ସ୍କି ଓ୍ୱେୟାର, ହୋମ୍ ଥିଏଟର, ଦୌଡ଼ କିମ୍ବା ପୋଲୋ ଉଦ୍ଦେଶ୍ୟରେ କିଣା ଯାଉଥିବା ଘୋଡ଼ା ଉପରେ ଏହି ଟିକସ ଲଗାଯିବ। ଯଦି ଏହି ସାମଗ୍ରୀଗୁଡ଼ିକୁ କିଣିବାରେ ୧୦ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରାଯିବ, ତେବେ ତାହା ଉପରେ ୧ ପ୍ରତିଶତ ଟିକସ ଗଣିବାକୁ ପଡ଼ିବ। ଆୟକର ନିୟମର ଧାରା ୨୦୬ସି ଅନୁସାର ଏହି ଟିକସ ଲଗାଯାଇଛି। ଦେଶରେ ବିକ୍ରି ହେଉଥିବା ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର



ଗାଡ଼ି, ବିଦେଶ ଯାତ୍ରା, ବିଦେଶରୁ ଆସୁଥିବା ରେମିଟାନ୍ସ ଅର୍ଥ ଓ ବିଦେଶ ଟୁର୍ ପ୍ୟାକେଜ୍ ଉପରୁ ଟିସିଏସ୍ ସଂଗ୍ରହ କରାଯାଉଥିଲା। ଏବେ ସେହି ତାଲିକାରେ ଆହୁରି ଅନେକ ବିଳାସପୂର୍ଣ୍ଣ ସାମଗ୍ରୀ ନାମ ଯୋଡ଼ାଯାଇଛି।

ଏ ସମ୍ପର୍କରେ ସରକାର କହିଛନ୍ତି ଯେ ୨୦୨୪ ବଜେଟ୍ ଘୋଷଣା ଅନୁସାରେ ଏହା ଦେଖାଯାଉଛି ଧନୀକ ବର୍ଗର ଲୋକମାନେ ବିଳାସପୂର୍ଣ୍ଣ ଜିନିଷ କିଣିବାରେ ଖର୍ଚ୍ଚ ବଢ଼ାଇଛନ୍ତି। ସେହିଭଳି ଖର୍ଚ୍ଚ ଉପରେ ନଜର ରଖିବା ଏବଂ ଦେଶର ଟିକସଦାତା ପରିସରକୁ ବ୍ୟାପକ କରିବା ଲାଗି ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ ଜିନିଷ ଉପରେ ୧ ପ୍ରତିଶତର ଟିସିଏସ୍ ଲଗାଯାଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଓଡ଼ିଶାରେ ଜିଓ ଏୟାରଫାଇବରର ୮୭%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ: ଟ୍ରାଇ

**ଭୁବନେଶ୍ୱର,୨୪।୪ :** ରିଲାଏନ୍ସ ଜିଓ ଓଡ଼ିଶାରେ ୫ଜି ଏଫଡବ୍ଲୁଏ ହୋମ୍ ବ୍ରଡ଼ବ୍ୟାଣ୍ଡ କ୍ଷେତ୍ରରେ ସର୍ବାଧିକ ପସନ୍ଦର ସେବା ପ୍ରଦାନକାରୀ ଭାବେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି । ଜିଓର ୫ଜି ଏଫଡବ୍ଲୁଏ ସେବା ଜିଓ ଏୟାରଫାଇବର ଏହି କ୍ଷେତ୍ରରେ ରାଜ୍ୟରେ ୮୭%ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି । ଚଳିତ ସପ୍ତାହରେ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଏହା ଜଣାପଡ଼ିଛି । ପ୍ରଥମ ଥର ପାଇଁ ଟ୍ରାଇ ପୃଥକ ଭାବେ ୫ଜି ଏଫଡବ୍ଲୁଏ ବା ଏୟାର ଫାଇବର ଗ୍ରାହକ ସଂଖ୍ୟା ପ୍ରକାଶ କରିଛି । ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୩୧ ଜାନୁଆରୀ, ୨୦୨୫ସୁଦ୍ଧା ରିଲାଏନ୍ସ ଜିଓର ୫ଜି ଏଫଡବ୍ଲୁଏ ସେବା ଜିଓ ଏୟାରଫାଇବର ରାଜ୍ୟରେ ୧.୩ ଲକ୍ଷରୁ ଅଧିକ ଏୟାର ଫାଇବର ଗ୍ରାହକ ସହ ବେଶ ଆଗରେ ରହିଥିବାବେଳେ ଏହା ପଛକୁ ଭାରତୀ ଏୟାରଟେଲ ୧୮୦୦୦ ଗ୍ରାହକ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ତଥ୍ୟ ଅନୁଯାୟୀ, ଜାନୁଆରୀ ୨୦୨୫ ଶେଷ ସୁଦ୍ଧା ଓଡ଼ିଶାରେ ମୋଟ ୫ଜି ଏଫଡବ୍ଲୁଏ ବା ଏୟାରଫାଇବର ଗ୍ରାହକ ସଂଖ୍ୟା ଦେଢ଼ ଲକ୍ଷ ଅତିକ୍ରମ କରିଛି। ଜାତୀୟ ସ୍ତରରେ ମଧ୍ୟ ଜିଓ ୫ଜି ଏଫଡବ୍ଲୁଏ ବା ଏୟାରଫାଇବର କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଛି ଏବଂ ଜିଓ ଏୟାରଫାଇବର ଦେଶରେ ଏହି କ୍ଷେତ୍ରରେ ୮୪% ରୁ ଅଧିକ ଗ୍ରାହକ ବଜାର ଅଂଶ ହାସଲ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୩୧ ଜାନୁଆରୀ, ୨୦୨୫ ସୁଦ୍ଧା, ଦେଶରେ ଜିଓର ୪୮ ଲକ୍ଷରୁ ଅଧିକ ୫ଜି ଏଫଡବ୍ଲୁଏ ବା ଜିଓ ଏୟାରଫାଇବର ଗ୍ରାହକ ରହିଥିବାବେଳେ ଏହା ପଛକୁ ଏୟାରଟେଲର ଦେଶରେ ପ୍ରାୟ ୮ ଲକ୍ଷ ୫ଜି ଏଫଡବ୍ଲୁଏ ଗ୍ରାହକ ରହିଥିଲେ।

ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତିକରଣକୁ ସମ୍ପ୍ରସାରିତ କରିଛି କାରଣ ଏହା ବିଶେଷ କରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ତଥା ଭୌଗଳିକ ଦୃଷ୍ଟିରୁ ଆହ୍ୱାନପୂର୍ଣ୍ଣ ସ୍ଥାନ ଗୁଡିକରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା



କଠିନତାକୁ ଦୂର କରିଛି, ଯେଉଁଠାରେ ପୂର୍ବରୁ ଏହା ଏକରକମ ଅସମ୍ଭବ ସ୍ୱପ୍ନ ଭଳି ରହିଥିଲା। ବ୍ରଡ଼ବ୍ୟାଣ୍ଡ ସଂଯୋଗର ଅଭାବ ଜନିତ ସମସ୍ୟାକୁ ଦୂର କରି ଏହା ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହିତ ସଂଯୁକ୍ତ କରଛି। ଜିଓ ଏୟାରଫାଇବର ୮୦୦ ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୧ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା, ଅସୀମିତ ୱାଇଫାଇ ଏବଂ ନିରବଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସହିତ ବିଶ୍ୱ ସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନ କରୁଛି। ଏହାଦ୍ୱାରା ବିବିଧ ପୃଷ୍ଠଭୂମିର ତଥା ବିଭିନ୍ନ ବୟସବର୍ଗର ଏବଂ ବିବିଧ ଭୌଗଳିକ ଅଂଚଳର ଗ୍ରାହକମାନେ ଡିଜିଟାଲ୍ କ୍ରାନ୍ତିର ପ୍ରକୃତ ଲାଭ ପାଇବାକୁ ସକ୍ଷମ ହୋଇଛନ୍ତି, କାରଣ ସେମାନେ ଏବେ ଜିଓ ଏୟାରଫାଇବର ବଳରେ ନିରବଚ୍ଛିନ୍ନ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ, ୱାଇଫାଇ ଏବଂ ସର୍ବଶ୍ରେଷ୍ଠ ଗୃହ ମନୋରଞ୍ଜନର ଆନନ୍ଦ ନେଇପାରୁଛନ୍ତି । ଜିଓ ଏୟାରଫାଇବର ଓଡ଼ିଶାର ଶହ ଶହ ଛୋଟ ବଡ଼ ସହର ଏବଂ ହଜାର ହଜାର ଗାଁରେ ଡିଜିଟାଲ୍ ଲାଇଫ୍‌ଲାଇନ୍ ପାଲଟିଛି ଏବଂ ସବୁଠାରୁ ନିର୍ଭରଯୋଗ୍ୟ ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ପ୍ରଦାନକାରୀ ହୋଇପାରିଛି।

ଟ୍ରାଇ ଦ୍ୱାରା ପ୍ରକାଶିତ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଓଡ଼ିଶାରେ, ଜିଓ ଜାନୁଆରୀ ମାସରେ ସର୍ବାଧିକ ପ୍ରାୟ ୫୦୦୦୦ ନୂତନ ମୋବାଇଲ୍ ଉପଭୋକ୍ତା ଯୋଡ଼ିବା ସହିତ ଜାନୁୟାରୀ ୩୧ ସୁଦ୍ଧା ରାଜ୍ୟରେ ଜିଓ ନେଟୱର୍କରେ ମୋଟ ମୋବାଇଲ୍ ଉପଭୋକ୍ତାଙ୍କ ସଂଖ୍ୟା ୧.୫୭ କୋଟି ଅତିକ୍ରମ କରିଛି।

**ପହଲଗାମ ଆତଙ୍କୀ ହମ୍‌ଲା ପରେ**

# ୱାଘା-ଅଟାରୀ ସୀମା ବନ୍ଦ

## ପ୍ରଭାବିତ ହେବ ୩୮୦୦ କୋଟିର କାରବାର

**ନୂଆଦିଲ୍ଲୀ,୨୪।୪:** ଜମ୍ମୁ- କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ନରସଂହାରରେ ୨୮ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ୱାଘା ଅଟାରୀ ସୀମାରେ ଥିବା ସମନ୍ୱିତ ଚେକ୍ ପୋଷ୍ଟ (ଆଇସିପି)କୁ ତ୍ୱରୀତ ଭିତ୍ତିରେ ବନ୍ଦ କରାଯାଇଛି। କେନ୍ଦ୍ର କ୍ୟାବିନେଟର ନିରାପତ୍ତା କମିଟି ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଥିବା ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ସୂଚନା ଦେଇଛନ୍ତି। ୱାଘା-ଅଟାରି କରିଡର ବନ୍ଦ ହେବା ଯୋଗୁ ୩୮୦୦ କୋଟିର କାରବାର ପ୍ରଭାବିତ ହେବ ବୋଲି ଆକଳନ କରାଯାଇଛି।

୨୦୨୩-୨୪ରେ ଉଭୟ ପଟୁ ୩୮୮୬.୫୩ କୋଟିର କାରବାର ରେକର୍ଡ କରାଯାଇଥିଲା। ଏହି ଅବଧିରେ ୬୮୭୧ ପଣ୍ୟ ଗତିବିଧି ହୋଇଥିଲା। ୭୧,୫୬୧୩ ଯାତ୍ରୀ ଏହି ସୀମା ଦେଇ ଯାତ୍ରା କରିଥିଲେ। ଏବେ ବୈଧ ଦସ୍ତାବିଜରେ ଭାରତ ଆସିଥିବା ପାକିସ୍ତାନ ଲୋକଙ୍କୁ ମେ ପହିଲା ଆଗରୁ ଫେରିଯିବାକୁ ନିର୍ଦ୍ଦେଶ ରହିଛି। ଅଟାରି ସୀମା ପଞ୍ଜାବର ଅମୃତସର ଠାରୁ ମାତ୍ର ୨୮ କିମି ଦୂରତାରେ ରହିଛି। ପାକିସ୍ତାନ ସହ ବାଣିଜ୍ୟ ଲାଗି ଏକମାତ୍ର ଅନୁମତି ପ୍ରାପ୍ତ ପଥ। ୧୨୦ ଏକର ଅବଧି ଏହି ସୀମା ଜାତୀୟ ରାଜପଥ ୧କୁ ସଂଯୋଗ କରୁଛି। ଏଠାରେ ଥିବା ଚେକ୍ ପୋଷ୍ଟ ଆଫଗାନିସ୍ତାନ ଭଳି ଦେଶଗୁଡ଼ିକରୁ ସ୍ଥଳଭାଗରେ ଆମଦାନି ଲାଗି ବିଶେଷ ଭାବେ ବ୍ୟବହାର ହୋଇଥାଏ।



ଏହା ସହ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷୀକ କାରବାର ଲାଗି ଅଟାରି ଲ୍ୟାଣ୍ଡ ପୋର୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ରାସ୍ତା ଦେଇ ଭାରତ ସୋୟାବିନ, ଚିକେନ ଫିଡ୍, ପନିପରିବା, ଲଙ୍କା, ପ୍ଲାଷ୍ଟିକ ଦାନା ଏବଂ ପ୍ଲାଷ୍ଟିକ ସୂତା ରପ୍ତାନି କରିଥାଏ।

ସେହିଭଳି ପାକିସ୍ତାନ ପଟୁ ଫଳ, ଶୁଖା ଫଳ, ଜିପସମ, ସିମେଣ୍ଟ, କାଚ ରକସଲ୍ଟ ଏବଂ ଗୁଳ୍ମ ସହ ବିଭିନ୍ନ ସାମଗ୍ରୀ ଆସିଥାଏ। ଏହି ସୀମା ଏବେ ବନ୍ଦ ହେବା ପରେ ସାମଗ୍ରୀ ପରିବହନରେ ବାଧା ଉପୁଜିବ। ଏହା ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ଏବଂ ମାନୁଫାକଚର ମାନେ ସମସ୍ୟା ସାମ୍ନା କରିବେ। ୨୦୧୮- ୧୯ ପରଠୁ ଏହି ରୁଟ୍‌ରେ କାରବାର କମୁଛି। କାରଣ ପାକିସ୍ତାନର ଆତଙ୍କି କାର୍ଯ୍ୟକଳାପ ବୃଦ୍ଧି ଯୋଗୁ ଏହା ଦ୍ୱିପାକ୍ଷିକ କାରବାରକୁ କ୍ଷତିଗ୍ରସ୍ତ କରୁଛି। ସେହିଭଳି ପାକିସ୍ତାନ ଦେଇ ଭାରତ ଆସୁଥିବା ସାମଗ୍ରୀ ଏବେ ଲଜିଷ୍ଟିକ୍ସର ବଡ଼ ସମସ୍ୟା ସାମ୍ନା କରିବ।

ୱାଘା ଅଟାରୀ ସୀମା ୨ ଦେଶ ମଧ୍ୟରେ କାରବାରର ଏକ ପ୍ରମୁଖ ରାସ୍ତା ରହି ଆସିଛି। ୨୦୧୯ରେ ଦ୍ୱିପାକ୍ଷିକ କାରବାର ରଦ୍ଦ ହେବା ପୂର୍ବରୁ ଏହି ରୁଟରେ ବାର୍ଷିକ ୫ ହଜାର କୋଟିର କାରବାର ହେଉଥିଲା। ତେବେ ବର୍ତ୍ତମାନର କଟକଣା ପଞ୍ଜାବର ସ୍ଥାନିୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ସୀମା ପାର କାରବାର କ୍ଷତିଗ୍ରସ୍ତ ହେବା ଯୋଗୁ ଅମୃତସର ଦୈନିକ ଭିତ୍ତିରେ ୧ କୋଟି ଟଙ୍କାର କ୍ଷତି ସହିବ ବୋଲି ଆକଳନ କରାଯାଇଛି।

# ଭୁବନେଶ୍ୱରରେ ଖୋଲିବ ଇଏସ୍ଆଇସି ମେଡିକାଲ୍ କଲେଜ

**ନୂଆଦିଲ୍ଲୀ, ୨୪।୪:** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ପକ୍ଷରୁ ଦେଶରେ ୨୦ଟି ନୂଆ ମେଡିକାଲ୍ କଲେଜ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ସେଥିରୁ ଗୋଟିଏ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ସ୍ଥାପନ କରାଯିବ। ଏସଂକ୍ରାନ୍ତୀୟ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି ବୋଲି ଶ୍ରମମନ୍ତ୍ରୀ ମନସୁଖ ମାଣ୍ଡଭୀୟ ସୂଚନା ଦେଇଛନ୍ତି। ଆସନ୍ତା ଦୁଇ ବର୍ଷ ମଧ୍ୟରେ ନୂଆ ମେଡିକାଲ୍ କଲେଜଗୁଡ଼ିକୁ ଖୋଲିବାକୁ ଉଦ୍ୟମ କରାଯିବ। ଇଏସ୍ଆଇସି ଏଭଳି ଏକ ସମୟରେ ଅଧିକ ମେଡିକାଲ୍ କଲେଜ ଖୋଲିବାକୁ ଯାଉଛି ଯେତେବେଳେ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା କରିବା ସାଧାରଣ ଲୋକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ନୂଆ ମେଡିକାଲ୍ କଲେଜଗୁଡ଼ିକ ଦ୍ୱାରା ନିଗମର ୩.୭୨ କୋଟି ଶ୍ରମିକ ଓ ସେମାନଙ୍କ ପରିବାର ପାଖରେ ସୁଲଭ ମୂଲ୍ୟର ସ୍ୱାସ୍ଥ୍ୟସେବା ପହଞ୍ଚିପାରିବ ବୋଲି ଆଶା କରାଯାଉଛି। ନୂତନ ମେଡିକାଲ୍ କଲେଜଗୁଡ଼ିକ ଖୋଲିବା ପରେ ଇଏସ୍ଆଇସିର ମେଡିକାଲ୍ କଲେଜ ସଂଖ୍ୟା ୩୧କୁ ବୃଦ୍ଧି ପାଇବ। ସେଥିରୁ ୨୮ଟି କଲେଜକୁ ଇଏସ୍ଆଇସି ନିଜେ ପରିଚାଳନା କରିବ ଏବଂ ୩ଟି କଲେଜକୁ ବିଭିନ୍ନ ରାଜ୍ୟ ସରକାରଙ୍କ ସହ ମିଶି ଚଳାଇବ।



# ଜିଲ୍ଲାରେ ଠପ୍ ହେବାକୁ ଯାଉଛି ପ୍ରସବ ଯାନ ସେବା



**ଫୁଲବାଣୀ,୨୪।୪ (ସଂଚାର ବ୍ୟୁରୋ):** ଦୁର୍ଗମ ଅଞ୍ଚଳରେ ଆନୁଷ୍ଠାନିକ ପ୍ରସବ କୁ ସୁରକ୍ଷିତ କରିବା ପାଇଁ ସରକାରୀ ଓ ବେସରକାରି ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁଥିବାବେଳେ କନ୍ଧମାଳ ଜିଲ୍ଲାରେ ଏମିତି ବହୁତ ଅଞ୍ଚଳ ଅଛି ଯାହାକି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ବହୁତ ଦୂର ଏବଂ ଆନୁଷ୍ଠାନିକ ପ୍ରସବ ନିମନ୍ତେ ବହୁ ଅସୁବିଧାରେ ସମ୍ମୁଖିନ ହେବାକୁ ପଡେ। ଯାହା ଫଳରେ ଗର୍ଭବତୀ ମା ମାନେ ଅସୁବିଧାରେ ସମ୍ମୁଖିନ ହେବା ସହ ମାତୃ ଓ ଶିଶୁ ମୃତ୍ୟୁ ଘଟୁଛି। ଏଣୁ ଏହି ସମସ୍ୟା ର ସମାଧାନ ପାଇଁ କନ୍ଧମାଳ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଙ୍କ ମାଧ୍ୟମରେ ଜିଲ୍ଲାର ଅପହଂଚ ଗ୍ରାମପଂଚାୟତ ରେ ସମସ୍ତ ପ୍ରସବ କୁ ଆନୁଷ୍ଠାନିକ କରିବା ସହ ସୁରକ୍ଷିତ କରିବା ନିମନ୍ତେ ୨୦୧୮ ମସିହାରୁ ୦୨ ଗୋଟି ପ୍ରସବ ଜାନ ର ବ୍ୟବସ୍ଥା ଫିରିଙ୍ଗିଆ ଓ ତୁମୁଡ଼ିବନ୍ଧ ବ୍ଲକ୍ ର ସୁବର୍ଣ୍ଣଗିରି ଠାରେ କରାଯାଇଥିଲା। ପରେ ଏହାର ସଂପ୍ରସାରଣ କରାଯାଇ ଆଉ ୦୪ ଗୋଟି ପ୍ରସବ ଯାନ ୨୦୨୨ ମସିହା ଅକ୍ଟୋବର୍ ମାସ ଠାରୁ ଆରମ୍ଭ କରାଯାଇଥିଲା। ଏହି ସୁବିଧା ବିଭିନ୍ନ ଅପହଂଚ ଇଲାକା ର ଗର୍ଭବତୀ ଙ୍କ ଆନୁଷ୍ଠାନିକ ପ୍ରସବ କରାଇବା ସହିତ ବିପଦ ରେ ଥିବା ନବଜାତ ଶିଶୁ ମାନଙ୍କ ଜିବନ ବଂଚାଇବାରେ ମଧ୍ୟ ସହାୟକ ହେଉଥିଲା। କିନ୍ତୁ ଶୁଣିବାକୁ ମିଳୁଛି ଜନନୀ ଯନ୍ତ୍ରଣା ଠାରୁ ମୁକୁଳିବା ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ଏହି ସ୍ୱତନ୍ତ୍ର ପଦକ୍ଷେପ ଆସନ୍ତା ମଇ ମାସ ୦୧ ତାରିଖ ଠାରୁ ଆଉ ଜିଲ୍ଲା ରେ କାର୍ଯ୍ୟ କରିବ ନାହିଁ। ବିଶ୍ୱସ୍ତ ସୂତ୍ରରୁ ଖବର ମୁତାବକ କନ୍ଧମାଳ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଚିଠି ମୁତାବକ ଆସନ୍ତା ମାସ ଠାରୁ ଜିଲ୍ଲାରେ ଆଉ ପ୍ରସବ ଯାନ ଗଡ଼ିବ ନାହିଁ। ଏହିଭଳି ଏକ ଜନାଭିମୁଖି କାର୍ଯ୍ୟକ୍ରମ କୁ ଜିଲ୍ଲା ପ୍ରସାସନ ଚାଲୁ କରିବା ବଦଳରେ ବନ୍ଦକରିଦେବା ପାଇଁ କାହିଁକି ଏତେ ତତ୍ପର ତାହା ଜନସାଧାରଣ ଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୩୩ ହିତାଧିକାରୀ ପାଇଲେ ନୂଆ ରାସନ୍ କାର୍ଡ



**ବିଞ୍ଝାରପୁର,୨୪।୪(ସଂଚାର ବ୍ୟୁରୋ):** ସମଗ୍ର ରାଜ୍ୟରେ ୨୪ ଏପ୍ରିଲ୍ ରେ ପାଳିତ ହେଉଥିଲା ପଞ୍ଚାୟତରାଜ ଦିବସ।ତେବେ ଏହି ପଞ୍ଚାୟତ ରାଜ ଦିବସରେ ନୂଆ ରାସନ୍ ପାଇଁ ଆବେଦନ କରି ଅପେକ୍ଷାରେ ଥିବା ହିତାଧିକାରୀ ମାନଙ୍କୁ ଆଜି ପର୍ଯ୍ୟାୟ କ୍ରମେ ନୂଆ ରାସନ୍ କାର୍ଡ ବଣ୍ଟନ କରାଯାଇଛି। ଯାଜପୁର ଜିଲ୍ଲା ବିଂଝାରପୁର ବ୍ଲକରେ ଆୟୋଜିତ ପଂଚାୟତ ରାଜ ଦିବସ ଅବସରରେ ବ୍ଲକ୍ ର ବିଭିନ୍ନ ପଞ୍ଚାୟତର ୩୩ ଜଣ ନୂତନ ରାସନ୍ କାର୍ଡ ହିତାଧିକାରୀ ମାନଙ୍କୁ ରାସନ୍ କାର୍ଡ ପ୍ରଦାନ କରାଯାଇଛି। ତେବେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ବିଡ଼ିଓ ହିତାଂଶୁ ସେଖର ସାମଲ, ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ୍ ଏବଂ ବ୍ଲକ୍ ଯୋଗାଣ ଅଧିକାରୀ ଆନିବେଶାନ୍ତ ସାହୁ ଯୋଗ ଦେଇ ନୂତନ ହିତାଧିକାରୀ ମାନଙ୍କୁ କାର୍ଡ ବଣ୍ଟନ କରିଥିଲେ।

## ରାସ୍ତା ପ୍ରଶସ୍ତିକରଣ ପାଇଁ ପାଟଣା ବଜାରରୁ ଉଚ୍ଛେଦ ହେବ ଜବରଦଖଲ

**ପାଟଣା,୨୪।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବଜାର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ଥିକରଣ ସକାଶେ ଜବରଦଖଲ ଉଚ୍ଛେଦ ପାଇଁ ଘୋଷଣା କରିଛି। ବୁଧବାର ଡାକବାଜି ଯନ୍ତ୍ରରେ ପାଟଣା ତହସିଲ ପ୍ରଶାସନ ପକ୍ଷରୁ, ଜବର ଉଚ୍ଛେଦ ନ କଲେ ଶୁକ୍ରବାର ମେସିନ ଲଗାଇ ଜବର ଦଖଲ ଉଚ୍ଛେଦ ହେବ ବୋଲି ଆଗୁଆ ସୂଚନା ପ୍ରଦାନ କରାଯାଇଛି । ଶୁକ୍ରବାର ପାଟଣା ବଜାରର ପୋଲିସ ଫୋର୍ସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହେବା ପାଇଁ ଆରକ୍ଷୀ ଅଧିକ୍ଷକ ନୀତିନ କୁଷଲକର ଦାଗୁଡୁଙ୍କୁ ପତ୍ର ଲେଖିଛନ୍ତି। ସୂଚନା ଯେ, ଗତ ଡ଼ିସେମ୍ବର ମାସରୁ ଜବର ଦଖଲ ଉଚ୍ଛେଦ ପାଇଁ ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଦୀର୍ଘ ୫ମାସ ହେବ ଉଚ୍ଛେଦ ହୋଇ ପାରୁନାହିଁ। ଜବର ଦଖଲ ଉଚ୍ଛେଦ ହୋଇ ପାରୁ ନଥିବାରୁ ରାସ୍ତାର ଉଭୟ ପାର୍ଶରେ ଡ୍ରେନ ଓ ପେବର ନିର୍ମାଣ ପାଇଁ ୧କୋଟି ରୁ ଉଦ୍ଧର୍ବ ଟଙ୍କାର କାର୍ଯ୍ୟ ଅଟକିଛି।

## ସଂକୁଳ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ



**କେନ୍ଦୁଝର,୨୪।୪ (ସଂଚାର ବ୍ୟୁରୋ):** ସଂକୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟଶାଳାରେ କେନ୍ଦୁଝର ସଂକୁଳର ୧୦ଟି ବିଦ୍ୟାଳୟରୁ ମୋଟ ୧୫୮ ଜଣ ଆଚାର୍ଯ୍ୟଆଚାର୍ଯ୍ୟା ଯୋଗଦେଇଥିଲେ। ଉକ୍ତ ସଭାକୁ ମୁଖ୍ୟଅତିଥି ଭାବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ସମ୍ବାଗ ସମ୍ପାଦକ କୈଳାଶ ମହାନ୍ତ ଉପସ୍ଥିତ ଥିଲେ। ଏ.ଟି.ଏଲ୍. ପ୍ରାନ୍ତ ସଂଯୋଜକ ସୁବ୍ରତ ପଟ୍ଟନାୟକ ଉକ୍ତ କାର୍ଯ୍ୟଶାଳାରେ ପୂର୍ଣ୍ଣ ସମୟ ଉପସ୍ଥିତ ଥିଲେ। ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ଶିଶୁବାଟିକା ପ୍ରଥମ ଦ୍ୱିତୀୟ ମୌଳିକ ସ୍ତର, ୩ୟ ରୁ ୫ମ ଶ୍ରେଣୀ ପ୍ରସ୍ତୁତି ସ୍ତର ଓ ୬ଷ୍ଠ ରୁ ୮ମ ଶ୍ରେଣୀ ମଧ୍ୟସ୍ତର ଭାବରେ ୪ଟି ବିଭାଗରେ କାଳାଂଶ ଅନୁଷ୍ଠିତ ହୋଇଥିଲା। ନୂତନ ଜାତୀୟ ଶିକ୍ଷାନୀତିକୁ ଆଧାର କରି ପ୍ରତ୍ୟେକ କାଳାଂଶ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟଶାଳାରେ ଶିକ୍ଷା ଗ୍ରହଣ କରିବା ପରେ ଗୁରୁଜୀଗୁରୁମାମାନେ ନିଜ ନିଜ ବିଦ୍ୟାଳୟରେ ଏହାକୁ ଶିକ୍ଷାଦାନମାଧ୍ୟମରେ ଉପଯୋଗ କରିବେ।

## ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମରେ ଅନିୟମିତତା

### ୨୦,୨୫ ଖର୍ଚ୍ଚ କରି ଲକ୍ଷାଧିକ ଟଙ୍କା ହେର୍ ଫେର୍ ଅଭିଯୋଗ



**ବିଞ୍ଝାରପୁର,୨୪।୪(ସଂଚାର ବ୍ୟୁରୋ):** ଓଡିଶାରେ ଆରମ୍ଭ ହୋଇଛି ଆୟୁଷ୍ମାନ ଯୋଜନା। ବିଜୁ ସ୍ୱାସ୍ଥ୍ୟ କାର୍ଡ ପରିବର୍ତ୍ତେ ଗୋପବନ୍ଧୁ କଲ୍ୟାଣ ଯୋଜନା ମଧ୍ୟ ଲାଗୁ ହୋଇଛି।ତେବେ ଏହି ଯୋଜନାରେ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଚେତନତା ମୂଳକ ଶୁଭାରମ୍ଭ କାର୍ଯ୍ୟକ୍ରମ ପାଇଁ ପ୍ରତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ ଲକ୍ଷ ୫୦ ହଜାର ଟଙ୍କା ସରକାରଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିଲା। ତେବେ ଏହି ଟଙ୍କା ଖର୍ଚ୍ଚରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲ୍ଲା ବିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ୧୦ ଅପ୍ରେଲରେ ଆୟୁଷ୍ମାନ ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଉ ଏହି କାର୍ଯ୍ୟକ୍ରମ ଗୁଡ଼ିକର ପରିଚାଳନା ପାଇଁ ଭୁବନେଶ୍ୱର ର ଏକ ଘରୋଇ ଷ୍ଟୁଡ଼ିଓ କୁ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। କିନ୍ତୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁଡିକ ରେ ପାଖାପାଖି ୨୫ ରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ବାକି ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆସିଥିବା ଏହି ୨ ଲକ୍ଷ ୫୦ ହଜାର ଟଙ୍କାରୁ ଟେଣ୍ଟ ପାଇଁ ସତୁରୀ ହଜାର, ପାଖାପାଖି ୧୦୦୦ ଲୋକଙ୍କ ଖାଦ୍ୟ ପେୟ ବ୍ୟବସ୍ଥା ପାଇଁ ଏକ ଲକ୍ଷ ଟଙ୍କା, ସଚେତନତା କାର୍ଯ୍ୟକ୍ରମ ବାବଦେ ୨୫ ହଜାର ଟଙ୍କା, ମିଡ଼ିଆ ମ୍ୟାନେଜମେଣ୍ଟ ପାଇଁ ୫ ହଜାର ଏବଂ ପରିବହନ ଏବଂ ଅନ୍ୟାନ୍ୟ ପାଇଁ ପାଖାପାଖି ୫୦୦୦୦ ଟଙ୍କା ଖର୍ଚ୍ଚ ହେବାକୁ ବ୍ୟବସ୍ଥା ଥିଲା କିନ୍ତୁ ଏହି ଟଙ୍କା ଖର୍ଚ୍ଚ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଏହି କାର୍ଯ୍ୟକ୍ରମ ରେ ହଜାର ଲୋକଙ୍କ ପରିବର୍ତ୍ତେ ଅଳ୍ପ ସଂଖ୍ୟକ ଲୋକଙ୍କୁ ଡାକି କାର୍ଯ୍ୟକ୍ରମ ସରିଯାଇଥିବା ଦେଖା ଯାଇଥିଲା। ଏ ସମ୍ବନ୍ଧେ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ନେଇଥିବା ଇଭେଣ୍ଟ ଷ୍ଟୁଡ଼ିଓ କର୍ତ୍ତୃପକ୍ଷ ଙ୍କୁ ପଚାରିବାରୁ ସେ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ସ୍ଥାନୀୟ ନେତାଙ୍କ ଉପରେ ନ୍ୟସ୍ତ କରିଥିବା କହିଥିଲେ।ଖାଲି ସେତିକି ନୁହଁ ତାଙ୍କୁ ସମ୍ପୂର୍ଣ୍ଣ ଟଙ୍କା ପରିବର୍ତ୍ତେ ଆଇଇସି କାର୍ଯ୍ୟକ୍ରମକୁ ବାଦ ଦେଇ ପାଖାପାଖି ୧ଲକ୍ଷ ୨୦ ହଜାର ଟଙ୍କା ମିଳିଥିବା କହିଛନ୍ତି।ତେବେ ଅନ୍ୟ ଟଙ୍କା କୁଆଡ଼େ ଗଲା ଆଉ କେଉଁ ବାବଦରେ ଖର୍ଚ୍ଚ ହେଲା ତାକୁ ନେଇ ପ୍ରଶ୍ନ ଉଠିଛି। ମେଡିକାଲ ଅଫିସରଙ୍କ ସହିତ ଏବିଷୟରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

● ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା

## ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ନୀରବ ପ୍ରତିବାଦ ଓ ଶ୍ରଦ୍ଧାଞ୍ଜଳି



**ବ୍ରହ୍ମପୁର,୨୪।୪(ସଂଚାର ବ୍ୟୁରୋ):** ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ସବୁଠି ଏହାକୁ ଦୃଢ଼ ନିନ୍ଦା କରାଯିବା ସହ ପ୍ରତିବାଦ କରାଯାଉଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରର ବିଭିନ୍ନ ଗଣମାଧ୍ୟମର କାର୍ଯ୍ୟରତ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସଂଗଠନଙ୍କ ପକ୍ଷରୁ ମିଳିତ ଭାବେ ସ୍ଥାନୀୟ ଏମକେସିଜି ମୁଖ୍ୟ ଫାଟକ ସାମ୍ନାରେ ଘଟଣାକୁ କଡା ନିନ୍ଦା କରାଯିବା ସହ ଦେଶରୁ ଆତଙ୍କବାଦ ନିପାତ କରିବାକୁ ଦାବି କରାଯାଇଥିଲା। ଏଥିସହ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ସମସ୍ତ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଯାଇଥିଲା। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚର ଶ୍ୟାମ ସୁନ୍ଦର ଖାଡଙ୍ଗା, ଟିମ୍ କ୍ଲିନ୍ ସିଟି ସଭାପତି ଶକ୍ତିଧର ରାଜଗୁରୁ, ବରିଷ୍ଠ ସାମ୍ବାଦିକ ଅଭୟ ପାଢ଼ୀ, ସୁଦୀପ ସାହୁ, ଅସିତ୍ ପଣ୍ଡା, ନରସିଂହ ଡାକୁଆ, ବି.କେ. ବିଶାରଦ, ରାଜେଶ ସାହୁ, ବିଶ୍ୱନାଥ ମାରଣା, ଲଲାଟେନ୍ଦୁ ଚୌଧୁରୀ, ଏସୟୁଜେ ସମ୍ପାଦକ ଦିଗାମ୍ବର ମହାରଣା, କାଳୀ ପ୍ରସାଦ ରଥ, ଅଭିଜିତ କର, ରଶ୍ମିତା ପାଣିଗ୍ରାହୀ, କପିଳ ପାଢ଼ୀ, ଲଡୁ କିଶୋର ପାତ୍ର, ଚନ୍ଦନ ସାହୁ, ପ୍ରେମାନନ୍ଦ ପୂଜାରୀ, ରୂପକ ମହାନ୍ତି, ନିର୍ମଳ ସାହୁ, ଲଡୁ କିଶୋର ପାତ୍ର, ଚନ୍ଦନ ସାହୁ ସଞ୍ଜୟ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ଏ. ରାଜା ରାଓ, ଅସ୍ମିତା ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟରତ ସାମ୍ବାଦିକ, ବୁଦ୍ଧିଜୀବୀ ପ୍ରମୁଖ ସାମିଲ ହୋଇଥିଲେ।

## ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ହିଞ୍ଜିଳିକାଟୁ, ୨୪।୪ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଶ୍ରୀମତୀ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ସଂଯୋଜନାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି।ଅତିଥିରୂପେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।ଆଜି ପ୍ରାଥମିକ ପର୍ଯ୍ୟାୟରେ ୧୪ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ଓ ୧୫ଜଣ ଭିନ୍ନକ୍ଷମ ମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।ସିଡିପିଓ ଗାଙ୍ଗୀ ସୁବୁଦ୍ଧି, ଯୋଗାଣ ନିରୀକ୍ଷକ ସ୍ନେହାଞ୍ଜଳି ସ୍ୱାଇଁ, ବିଜେପି ଯୁବ ନେତା ସନ୍ତୋଷ ପାଣିଗ୍ରାହୀ, ରାକେଶ ରଥ, ରବୀନ୍ଦ୍ର ପାଣିଗ୍ରାହୀ, ରାମକୃଷ୍ଣ ଗୌଡ଼ ନଗର ସଭାପତି ସୁଧାଂଶୁ ସାବତ, ଯୁବ ମୋର୍ଚ୍ଚା ନେତା ରୋଶନ ଖୁଣ୍ଟିଆ, ସୁରଜ ପାତ୍ର, ଗଣ୍ଡଲା ସମିତି ସଭ୍ୟ ପ୍ରଶାନ୍ତ ସାହୁଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଭାଗବତ ଜୀଉ କମିଟିର ରକ୍ତଦାନ ଶିବିର

**ବୈଶିଙ୍ଗା,୨୪।୪(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁସ୍ଥିତ ଭାଗବତ ଜୀଉ କମିଟି, ଓଡ଼ିଶା ରକ୍ତଦାତା ସଂଘ ଓ ଓଡ଼ିଶା ସ୍ୱାଭିମାନ ପରିଷଦର ମିଳିତ ସହଯୋଗରେ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାଗବତ ଜୀଉ କମିଟିର ମୁଖ୍ୟ ସୃଷ୍ଟିଧର ସାହୁ ଉଦଘାଟନ କରିଥିଲେ। କୃତ୍ତିବାସ ସାହୁ, ଗୌରମୋହନ ସାହୁ, ବିଜୟ କୁମାର ଆଚାର୍ଯ୍ୟ, ଓଡ଼ିଶା ସ୍ୱାଭିମାନ ପରିଷଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ଓଡ଼ିଶା ରକ୍ତଦାତା ସଂଘର ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ଓ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରକ୍ତଦାତା ମାନଙ୍କୁ ସଚେତନ କରିବା ସହ ଉତ୍ସାହିତ କରିଥିଲେ। ବାଲେଶ୍ୱରସ୍ଥିତ ଓଡ଼ିଶା ରକ୍ତକେନ୍ଦ୍ରର ମେଡ଼ିକାଲ ଅଫିସର ଡ଼ା. ବସନ୍ତ କୁମାର ଉପାଧ୍ୟାୟ, ବିଜୟ କୁମାର ପଟ୍ଟନାୟକ, ମୋନାଲିସା ମହାନ୍ତି, ମୋନାଳି ମଲ୍ଲିକ, ବିନୋଦ ବିହାରୀ ଦାସ, ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ଏହି ଶିବିରରୁ ୨୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। କମଳଲୋଚନ ବାରିକ, ଗୌରୀଶଙ୍କର ମହାକୁଡ଼, କମଳଲୋଚନ ଆଚାର୍ଯ୍ୟ ଓ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ନାରାୟଣ ଦଳେଇ, ଦେବଦିପ୍ତି ସାହୁ, ଶଶଧର ସାହୁ, ଅରବିନ୍ଦ ରଣା, କମଳାକାନ୍ତ ବାରିକ, ପଞ୍ଚାନନ ମହାକୁଡ଼ ଓ କମଳଲୋଚନ ଆଚାର୍ଯ୍ୟ ପ୍ରମୁଖ ରକ୍ତଦାନ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କମଳ ଲୋଚନ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ଦଶରଥପୁର, ୨୪।୪ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଜାତୀୟ ପଞ୍ଚାୟତରାଜ ଦିବସ ୨୦୨୫ପାଳିତ ହେଉଥିବାବେଳେ ଦଶରଥପୁର ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତ ରାଜ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକର ବିଡ଼ିଓ ଆକାଶ ପଟ୍ଟନାୟକ ଓ ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସମାରୋହଟିକୁ ଉଦଘାଟନ କରିଥିଲେ। ଏଥିସହ ପଞ୍ଚାୟତ ରାଜ ଦିବସ ପାଳନର ଉଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ବିଡ଼ିଓ ଓ ବ୍ଲକ ଅଧକ୍ଷ ଉପସ୍ଥିତ ଜନସାଧାରଣ ମାନଙ୍କ ଉଦେଶ୍ୟରେ ନିଜର ମତବ୍ୟକ୍ତ କରିଥିଲେ। ପଞ୍ଚାୟତରାଜ ଦିବସ ପାଳନ ଅବସରରେ ରାଜ୍ୟ ସରକାରଙ୍କ ତରଫରୁ ନୂତନ ରାସନ କାର୍ଡ ବଣ୍ଟା ଯାଇଥିବା ବେଳେ ଦଶରଥପୁର ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୩୨ଜଣ ନୂତନ ହିତାଧିକାରୀଙ୍କୁ ଦଶରଥପୁର ବ୍ଲକର ଯୋଗାଣ ଅଧିକାରିଣୀ ତପସ୍ୱିନୀ ରାୟ କାର୍ଡ ବଣ୍ଟନ କରିଥିଲେ। ବ୍ଲକ ତରଫରୁ ଏସଏଫସି, ସିଏଫସି ଯୋଜନାରେ ସର୍ବାଧିକ ଖର୍ଚ୍ଚ କରିଥିବା ମଲ୍ଲୀକାପୁର ପଞ୍ଚାୟତକୁ ବେଷ୍ଟ ପଞ୍ଚାୟତ ଆୱାର୍ଡ, ସର୍ବାଧିକ ରାଜସ୍ୱ ଆଦାୟ ପାଇଁ ଡାହାଣାହତା ପଞ୍ଚାୟତକୁ ବେଷ୍ଟ ପଞ୍ଚାୟତ ଆୱାର୍ଡ, ପରିମଳ ଓ ଗ୍ରାମୀଣ ଘର ନିର୍ମାଣ କ୍ଷେତ୍ରରେ ଅଗ୍ରଣୀ ପାଇଁ ବିର୍ଜାପୁର ପଞ୍ଚାୟତକୁ ବେଷ୍ଟ ପଞ୍ଚାୟତ ଆୱାର୍ଡ, ମନରେଗା ଯୋଜନାରେ ସର୍ବାଧିକ କାର୍ଯ୍ୟଦିବସ ବିନିଯୋଗ କରିଥିବାରୁ ଚମ୍ପେଇପାଳ ପଞ୍ଚାୟତକୁ ବେଷ୍ଟ ପଞ୍ଚାୟତ ରୂପେ ବ୍ଲକ ପ୍ରଶାସନ ପକ୍ଷରୁ ଆୱାର୍ଡ ପ୍ରଦାନ କରାଯାଇଥିବା ବେଳେ ଦଶରଥପୁର ବ୍ଲକ ଓଏଲଏମ ଯାଜପୁର ଜିଲ୍ଲାରେ ଲକ୍ଷପତି ଦିଦି ଯୋଜନାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ମଧ୍ୟ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

● ନାବାଳିକାଙ୍କୁ ବିବାହ କରି ଫସିଲେ ପୁଲିସ ଏସ୍‌ଆଇ

## ଥାନାରେ ମାମଲା ରୁଜୁ, ଫୋନ୍ ବନ୍ଦ କରି ବାବୁ ଗାଏବ




**ଜଗତସିଂହପୁର,୨୪।୪ (ସଂଚାର ବ୍ୟୁରୋ):** ନାବାଳିକାଙ୍କୁ ବିବାହ କରି ଆଇନ ଜାଲରେ ଛନ୍ଦି ହୋଇପଡ଼ିଛନ୍ତି ଜଣେ ପୁଲିସ ସବ୍‌ଇନ୍ସପେକ୍ଟର । ବିବାହ ପରବର୍ତ୍ତୀ ସମୟରେ ନିର୍ଯ୍ୟାତନାର ଶିକାର ହୋଇଥିବା ନାବାଳିକା ଆଇନର ଆଶ୍ରୟ ନେଇଛନ୍ତି। ନାବାଳିକାଙ୍କ ମା' ଏ ସଂକ୍ରାନ୍ତରେ ବୁଧବାର ଜଗତସିଂହପୁର ଥାନାରେ ଏତଲା ଦେଇଛନ୍ତି। ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୁଲିସ ତତ୍କାଳ ପୀଡ଼ିତା ନାବାଳିକାଙ୍କ ବୟାନ ରେକର୍ଡ କରିବା ସହ ତାଙ୍କୁ ଡାକ୍ତରୀ ମାଇନା ନିମନ୍ତେ ଜଗତସିଂହପୁର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ମିଳିଥିବା ଖବର ମୁତାବକ, ଜଗତସିଂହପୁର ଥାନା ଅଞ୍ଚଳର ଏହି ନାବାଳିକାଙ୍କୁ ୧୫ ବର୍ଷ ବୟସ ହୋଇଥିବା ସମୟରେ ସୋସିଆଲ୍ ମିଡିଆ ମାଧ୍ୟମରେ ତାଙ୍କ ସହ ପରିଚିତ ହୋଇଥିଲେ ବାଲେଶ୍ୱର ଜିଲ୍ଲା ରଡେଇ ବାଲିଆପାଳ ଅଞ୍ଚଳର ଜଣେ ପୁଲିସ ସବ୍ ଇନ୍ସପେକ୍ଟର(ଏସ୍‌ଆଇ) । ନିବିଡ଼ତା ବଢ଼ିବା ପରେ ସଂପୃକ୍ତ ନାବାଳିକାଙ୍କୁ ନିଜ ପାଖକୁ କୌଣସିମତେ ସଂପୃକ୍ତ ଏସ୍‌ଆଇ ନେଇ ଯାଇଥିଲେ। ପାଖାପାଖି ୨ ବର୍ଷ ଧରି ଉଭୟ ଏକାଠି ରହିଥିଲେ ।

## କାର-ହାଇୱା ମୁହାଁମୁହିଁ, ଡ୍ରାଇଭର ଗୁରୁତର



**ଭବାନୀପାଟଣା, ୨୪।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଶିବ ମନ୍ଦିର ନିକଟରେ ରାସ୍ତା କଡରେ ଥିବା ଏକ କାର କୁ ଧକ୍କା ଦେଇ ଦ୍ରୁତଗତି ରେ ଫେରାର ମାରୁଥିବା ସମୟରେ କାଉଡୋଲା ସୁନାମାଳ ଗାଁ ରାସ୍ତା ର ଏକ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଯାଉଥିବା ହାଇ ୱା । ଗାଡି ଦୁର୍ଘଟଣା ଘଟି ରାସ୍ତାରେ ଓଲଟି ପଡ଼ିଥିଲା, ଫଳରେ ଗାଡି ର ଡ୍ରାଇଭର ଜୟପାଟଣା ଗ୍ରାମର ବିକ୍ରମ ମାଝୀ(୨୮) ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଯୁବକ ଙ୍କ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରିବା ସହ କୋକସରା ପୁଲିସ କୁ ଦୁର୍ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଡ୍ରାଇଭର କୁ ପୁଲିସ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିବା ସହ ଗାଡି ଦୁର୍ଘଟଣା ର ତଦନ୍ତ ଆରମ୍ଭ କରିଛନ୍ତି। ତେବେ କୋକସରା ବ୍ଲକ ଦେଇ ଦୈନିକ ଶହ ଶହ ମାଲ ପରିବହନ ଭାରିଯାନ ଗାଡି ବେପରୁଆ ଭାବେ ଦ୍ରୁତଗତି ରେ ଯାତାୟାତ କରୁଥିବା ବେଳେ ବିଭିନ୍ନ ସମୟରେ ଏମିତି ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ପୋଲିସ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣ ରେ ଦାବି ହେଉଛି।

## ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନା ଚେନ

● ପୁଲିସର ତନାଘନା

**ସୁବର୍ଣ୍ଣପୁର,୨୪।୪(ସଂଚାର ବ୍ୟୁରୋ):** ଚଳନ୍ତା ଗାଡିରୁ ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନା ଚେନ। ଗତକାଲି ବୁଧବାର ସନ୍ଧ୍ୟା ପ୍ରାୟ ୭.୩୦ ବେଳେ ଶାନ୍ତ ପ୍ରିୟ ସୋନପୁର ସହରର ବାଳିକା ବିଦ୍ୟାଳୟ ଛକ ନିକଟ ରେ ଘଟିଛି ଅଭାବନୀୟ ଘଟଣା। ଏକ ବାଇକ ରେ ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ଝିଅ ସମଲେଶ୍ୱରୀ ମନ୍ଦିରରୁ ବାଳିକା ବିଦ୍ୟାଳୟ ଛକ ରାସ୍ତା ରେ ଥିବା ହମ୍ପସ ଠାରେ ଗାଡି ବେଗ କମା ବେଳେ ଏହାର ସୁଯୋଗ ନେଇ ପଛପଟୁ ଏକ ନାଳି ରଙ୍ଗର ବାଇକ୍ ରେ ଆସୁଥିବା ଦୁଇ ଜଣ ହେଲମେଟ ପିନ୍ଧା ଦୃର୍ବୃତ୍ତ ମହିଳା ଙ୍କ ବେକରୁ ଚେନ ଝାମ୍ପି ନେଇଥିଲେ। ପରେ ସେମାନେ ପୁରୁଣା ଥାନା ସାମନା ପୋଷ୍ଟ ଅଫିସ ଗଳି ଦେଇ କସ୍ତୁରୀ ହୋଟେଲ ଛକ ଘୋଡ଼ାଘାଟପଡା ଛକ ଦେଇ ଫେରାର ମାରିଥିଲେ। ଦୁର୍ବୃତ୍ତ ମାନେ ଘାଟଣା ଘଟାଇବା ପରେ ବହୁତ ସ୍ପିଡ୍ ରେ ଯିବା ବେଳେ ପୋଷ୍ଟ ଅଫିସ ଗଳିରେ ଦୁଇଜଣ ଛୋଟ ଛୁଆ ଙ୍କୁ ମଧ୍ୟ ସାମାନ୍ୟ ଧକ୍କା ଦେଇ ଥିବା ଦେଖଣାହାରି ପ୍ରକାଶ କରିଛନ୍ତି। ସେପଟେ ସହରରେ ବାରମ୍ବାର ସର୍ଭେ ପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଛକ ରେ କେମେରା ଲାଗି ପାରୁ ନ ଥିବାରୁ ଜନ ସାଧାରଣ ରେ ବ୍ୟାପକ ଜନ ଅସନ୍ତୋଷ ଦେଖା ଦେଇଛି।

## ମାଛ ଧରିବା ବେଳେ ମାଟି ଅତଡା ଖସି ଯୁବକ ମୃତ୍ୟୁ

**ଜୟପୁର,୨୪।୪(ସଂଚାର ବ୍ୟୁରୋ):** ମାଛ ଧରିବାକୁ ଯାଇ ଜୀବନ ହାରିଲେ ଯୁବକ। ଏପରି ଏକ ଅଘଟଣ ଘଟିଯାଇଛି ଜୟପୁର ସବଡ଼ିଭିଜନ ଅନ୍ତର୍ଗତ ରାମିଗିରି ଫାଣ୍ଡି ଅନ୍ତର୍ଗତ ଚିପାକୁର ପଂଚାୟତ ଯୋଡିଧାରା ଗ୍ରାମ ରେ। ଗତ କାଲି ଅପରାହ୍ନ ୩ ଟା ସମୟରେ ଦାମଦର ବଡ଼ନାୟକ ଗାଁ ନିକଟ ଝୋଲା କୁ ମାଛ ଧରିବାକୁ ଯାଇଥିଲେ। ଏବଂ ଏହି ସମୟରେ ନଦୀ କୁଳ ରେ ରେ ରହିଥିବା ସମୟରେ ନଦୀ କୁଳ ମାଟି ଧସି ଦମଦର ଉପରେ ପଡ଼ିଯିବାରୁ ମାଟିରେ ଚାପି ହୋଇଯାଇଥିଲା ଏବଂ ମୃତ୍ୟୁବରଣ କରିଥିଲେ। ଏନେଇ ସୂଚନା ପାଇ ତାଙ୍କ ଭାଇ ରାମଚନ୍ଦ୍ର ଯାଇ ଦେଖିବା ବେଳକୁ ତାଙ୍କେ ମାଟି ରେ ଚାପି ହୋଇ ରହିଯାଇଥିଲେ। ଏନେଇ ସେ ଥାନା ରେ ଲିଖିତ ଅଭିଯୋଗ ପରେ ପୋଲିସ, ସହ ସରପଞ୍ଚ, , ରାଜସ୍ୱ ନିରୀକ୍ଷକ ଯାଇ ତଦନ୍ତ କରିବା ସହ ଶବ ବ୍ୟବଛେଦ କରିବା ସହ ପରିବାର ବର୍ଗ ଙ୍କୁ ହସ୍ତାନ୍ତର କରିଥିଲେ। ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା କରିବା ପାଇ ଦାବି ହୋଇଛି।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



**ବ୍ରହ୍ମପୁର,୨୪।୪(ସଂଚାର ବ୍ୟୁରୋ):** ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଜିଲ୍ଲା ସଦର ମହକୁମା ଠାରେ ଗୁରୁବାର ଦିନ ଜିଲ୍ଲା ପ୍ରଶାସନ ତରଫରୁ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବର ପ୍ରାରମ୍ଭରେ କାଶ୍ମିରୀ ବେଲଗାଓଁ ରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ୨୬ ଜଣ ଭାରତୀୟଙ୍କ ଶହୀଦ୍ ଆତ୍ମାର ସଦଗତି ସକାଶେ ନୀରବ ପ୍ରାର୍ଥନା କରାଯାଇଥିଲା। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଛତ୍ରପୁର କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ନିଜ ବକ୍ତବ୍ୟରେ ଜଣାଇଥିଲେ ଯେ, ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ଗଣତନ୍ତ୍ର ରାଷ୍ଟ୍ରର ମୂଳ ଲକ୍ଷ୍ୟ ହେଲା ନାଗରିକ ହାତରେ କ୍ଷମତା ଓ ଅଧିକାର ନ୍ୟସ୍ତ କରି ଏକ ଶ୍ରେଣୀହୀନ ରାଷ୍ଟ୍ର ଗଠନ କରିବା। ଗ୍ରାମାଞ୍ଚଳର ବିକାଶ ତଥା ସର୍ବବିଧ ଉନ୍ନତି ସାଧନ ଏହାର ଅନ୍ୟତମ ପ୍ରଧାନ ଲକ୍ଷ୍ୟ। ସ୍ଥାନୀୟ ଅଞ୍ଚଳର ବିକାଶ ନିମନ୍ତେ ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ ସକାଶେ ବର୍ତ୍ତମାନ ଦୁଇ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତି ପଞ୍ଚାୟତ କୁ ଯୋଗାଯୋଗ ନିମନ୍ତେ ସଡକ ନିର୍ମାଣ ଓ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଗଞ୍ଜାମ ଜିଲ୍ଲାରୁ ବାହାର ରାଜ୍ୟକୁ ଅଧିକାଂଶ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ତେଣୁ ଜିଲ୍ଲାରେ ଶିଳ୍ପର ବିକାଶ ହେବ ବୋଲି କହିଥିଲେ। କୃଷକର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଁ ଧାନର ସହାୟକ ମୂଲ୍ୟ ବୃଦ୍ଧି କରାଯାଇଥିବା କହିଥିଲେ। ପ୍ରତି ଗ୍ରାମର ବିକାଶ ହେଲେ ପଞ୍ଚାୟତର ବିକାଶ ହେବ ଏବଂ ପ୍ରତି ପଞ୍ଚାୟତର ବିକାଶ ହେଲେ ଦେଶର ବିକାଶ ହୋଇପାରିବ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ଏସ୍. ରାଜେଶ୍ୱରୀ ଦୋରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାର ଯେତେ ସବୁ ଅସୁବିଧା ଅଛି ସରକାରଙ୍କ ଦୃଷ୍ଟିକୁ ଆଣି ତାର ସମାଧାନ କରାଇବା। ପଞ୍ଚାୟତ ଜରିଆରେ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରାଇ ପାରିବା ଏବଂ ଲୋକମାନଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ଗୁଡିକ ପହଞ୍ଚାଇ ପାରିବା ତେବେ ଆମ ଦେଶ ଉନ୍ନତି ପଥରେ ଆଗେଇ ଚାଲିବ। ଛତ୍ରପୁର ବ୍ଲକ୍ ଉପାଧ୍ୟକ୍ଷା ଏସ୍. ଶାରଦା ରେଡ୍ଡୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା ପ୍ରମୁଖ ମଞ୍ଚାସୀନ ଥିଲେ।

# ନାରୀ





# ପିତା ଗୁଣେ ଦୁହିତା

ଆମ ଚାରିପଟରେ ଏମିତି ଅନେକ ଯୋଗ୍ୟ ପିତା ଅଛନ୍ତି ଯାହାଙ୍କର କନ୍ୟାମାନେ ବିଭିନ୍ନ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠିତ, ଦେଶ ବିଦେଶରେ ନାଁ କରିଛନ୍ତି। କିନ୍ତୁ ହାତଗଣତି କେତେଜଣ କନ୍ୟା ପିତାଙ୍କ ସ୍ୱପ୍ନରେ ନିଜକୁ ଖୋଜି ପାଇଛନ୍ତି। ତାଙ୍କର ପେସା ଓ ନିଶାକୁ ଆପଣାଇ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ସେମିତି କେତେଜଣ ପିତା ଓ ଦୁହିତାଙ୍କୁ ଭେଟିବା ଆସନ୍ତୁ...

## କେଳୁଚରଣ ମହାପାତ୍ର-ସୁଜାତା ମହାପାତ୍ର



ଓଡ଼ିଶୀ ନୃତ୍ୟ ଜଗତରେ ଯେଉଁ କେତେଜଣଙ୍କ ନାଁ ପ୍ରଥମେ ମନକୁ ଆସେ ସେମାନଙ୍କ ଭିତରେ କେଳୁଚରଣ ମହାପାତ୍ର ସର୍ବପ୍ରଥମ। ତାଙ୍କଠାରୁ ଓଡ଼ିଶୀ ନୃତ୍ୟର ପୁନରୁତ୍ଥାନ ହୋଇଥିଲା ଏବଂ ଓଡ଼ିଶୀକୁ ଶାସ୍ତ୍ରୀୟ ମାନ୍ୟତା ମିଳିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। କେଳୁଚରଣ 'ପଦ୍ମବିଭୂଷଣ' ପାଇବାରେ ପ୍ରଥମ ଓଡ଼ିଆ ଥିଲେ। ସେ ପୁରୀର ଶିଳ୍ପୀଗ୍ରାମ ରଘୁରାଜପୁରର ଏକ ଶିଳ୍ପୀ ପରିବାରରେ ୧୯୨୬ ମସିହା ଜାନୁଆରି ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିତା ଚିନ୍ତାମଣି ମହାପାତ୍ର ଜଣେ ଚିତ୍ରକର ଓ ମର୍ଦ୍ଦଳ ବାଦକ ଥିଲେ। ପିଲାବେଳେ ଗାଁରେ ହେଉଥିବା ଯାତ୍ରା ଓ ସଂକୀର୍ତ୍ତନର ପ୍ରଭାବ ପଡ଼ିଥିଲା ତାଙ୍କ ଉପରେ। କେଳୁଚରଣ ପୁରୀରେ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ 'କୁଞ୍ଜ ବିହାରୀ ରାସ ଲୀଳା' ଦଳରେ ନୃତ୍ୟ, ସଙ୍ଗୀତ, ଅଭିନୟ ସହିତ ମଞ୍ଚସଜ୍ଜା, ମେକ୍‌ଅପ୍, ନୃତ୍ୟ ସଂଯୋଜନା ସହିତ ଗୁରୁ ଅଗାଧୁ ମହାରଣାଙ୍କଠାରୁ ମୃଦଙ୍ଗ ଓ କ୍ଷେତ୍ରମୋହନ କରଙ୍କଠାରୁ ତବଲା ବଜେଇବା ଶିଖିଥିଲେ। ଏହାପରେ ସେ ଓଡ଼ିଶୀ ଉପରେ ଗବେଷଣା କରି ଓଡ଼ିଶୀ ନୃତ୍ୟକୁ ପରିଚିତି ଦେଇଥିଲେ। ମାହାରୀ ନୃତ୍ୟର ଭାବ ଓ ଗୋଟିପୁଅର ଅଙ୍ଗଭଙ୍ଗୀକୁ ଓଡ଼ିଶୀ ନୃତ୍ୟ ନିଜର କରିଛି ବୋଲି କେଳୁଚରଣ କହୁଥିଲେ। ଠିକ୍ ସେମିତି ତାଙ୍କ ବୋହୂ ସୁଜାତା ମହାପାତ୍ର ମଧ ଜଣେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ। ପିଲାବେଳୁ ମାଆଙ୍କ ଠାରୁ ନୃତ୍ୟ ଓ ସଂଗୀତ ଶିକ୍ଷା କରିଥିଲେ ସୁଜାତା। ଏହାପରେ ୧୯୮୭ ମସିହାରେ ଓଡ଼ିଶୀ ଗବେଷଣା କେନ୍ଦ୍ରରେ ସେ କେଳୁଚରଣ ମହାପାତ୍ରଙ୍କ ପାଖରୁ ଓଡ଼ିଶୀ ନୃତ୍ୟ ଶିକ୍ଷାକଲେ। ଗୁରୁ କେଳୁଚରଣଙ୍କ ପୁତ୍ର ରତିକାନ୍ତ ମହାପାତ୍ରଙ୍କୁ ବିବାହ କରି କେଳୁଚରଣଙ୍କ ବୋହୂ ହେବାର ସୌଭାଗ୍ୟ ପାଇଲେ ସୁଜାତା। ସୁଜାତାଙ୍କ ପାଖରେ କେଳୁଚରଣ ଚାହୁଁଥିବା ସମସ୍ତ ଗୁଣ ଓ ପାରଦର୍ଶିତା ଥିବାରୁ ସେ ତାଙ୍କୁ ନିଜ ବୋହୂ ନୁହେଁ ବରଂ ଝିଅ ରୂପେ ଗ୍ରହଣ କଲେ। ସୁଜାତା ମଧ ଗୁରୁଙ୍କୁ ଶ୍ୱଶୁର ରୂପେ ପାଇ କେଳୁଚରଣଙ୍କୁ ନିଜ ପିତାଙ୍କ ସମାନ ମର୍ଯ୍ୟାଦା ଦେଲେ। ଦୁହେଁ ଶ୍ରୀ ଜଗନ୍ନାଥଙ୍କ ପରମ ଭକ୍ତ ଏବଂ ଓଡ଼ିଶୀ ନୃତ୍ୟକୁ ଜଗନ୍ନାଥଙ୍କ ସେବା ଭାବି ଗୁରୁ କେଳୁଚରଣ ଓ ସୁଜାତା ମହାପାତ୍ର ଓଡ଼ିଶୀ ନୃତ୍ୟକୁ ପୁରପଲ୍ଲୀ ତଥା ଦେଶ ବିଦେଶରେ ପରିଚିତ କରାଇଲେ।

## ଅସୀମ ବସୁ-ଭାସ୍ୱତୀ ବସୁ

କଳା ସଂସ୍କୃତିକୁ ଭଲ ପାଉଥିବା ଅଥଚ ଅସୀମ ବସୁଙ୍କୁ ଜାଣିନଥିବା ଲୋକ ଓଡ଼ିଶାରେ ଖୁବ୍ କମ୍ ଅଛନ୍ତି। କଳା ଓ ସଂସ୍କୃତି ଜଗତର ପ୍ରାୟ ସବୁ ପରିସରରେ ତାଙ୍କର ପାରଦର୍ଶିତା ଥିଲା। ଚିତ୍ର ଆଙ୍କିବା ହେଉ କିମ୍ବା ଡିଜାଇନିଂ ଅବା ନାଟ୍ୟ ନିର୍ଦ୍ଦେଶନା, ଅଭିନୟ ଅବା ଲେଖାଲେଖି, ସବୁଥିରେ ସେ ଥିଲେ ପାରଙ୍ଗମ ଓ ଜଣେ ବହୁମୁଖୀ ପ୍ରତିଭା। ସେ ନିଜ ହାତରେ ଅନେକ ଶିଳ୍ପୀ ଓ କଳାକାରଙ୍କୁ ଗଢ଼ିଥିଲେ। ଯେଉଁମାନେ କିଛି ଶିଖିବା ପାଇଁ କିମ୍ବା କଳାକାର ବା ଶିଳ୍ପୀ ହେବାପାଇଁ ନୂଆ କରି ଭୁବନେଶ୍ୱର ଆସୁଥିଲେ ସେ ତାଙ୍କୁ ରହିବା, ଖାଇବା ଓ ଖର୍ଚ୍ଚର ସୁବିଧା କରିଦେଉଥିଲେ। ସାରା ଦେଶରେ ତାଙ୍କ ପରିଚିତ ଲୋକମାନେ ବିଛେଇ ହୋଇ ରହିଥିଲେ। ଏହି କାରଣରୁ ତାଙ୍କ ଯିବା ପରେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକେ ତାଙ୍କ ଦଶାହ ଓ ଏକାଦଶାହ ପାଳନ କରି ଶୋକସଭା କରୁଥିଲେ। ଏପରିକି ଗୋଆ ଫିଲ୍ମ ଫେଷ୍ଟିଭାଲ୍‌ରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଯେଉଁଥିରୁ ତାଙ୍କ ଲୋକପ୍ରିୟତା ସ୍ପଷ୍ଟ ବାରି ହୋଇପଡ଼େ ବୋଲି କହନ୍ତି କିଂବଦନ୍ତି କଳାକାର ଅସୀମ ବସୁଙ୍କ ସୁପୁତ୍ରୀ ଭାସ୍ୱତୀ ବସୁ।

'ମୋ ଜୀବନରେ ତାଙ୍କୁ ବାପା ହିସାବରେ ନୁହେଁ ବରଂ ଜଣେ ବନ୍ଧୁ ହିସାବରେ ପାଇଛି। ଛୋଟ ବେଳୁ ସେ ପ୍ରାୟତଃ ବାହାରେ ରହୁଥିଲେ। ଘରେ ଖାଲି ମୁଁ ଆଉ ମୋ ମାଆ ରହୁଥିଲୁ। କିନ୍ତୁ ଯେତେବେଳେ ମୋର ହେତୁ ପାଇଲା ତାଙ୍କ ସହିତ ମୋର ନୂଆ ଭାବରେ ପରିଚୟ ଘଟିଲା। ସେତେବେଳେ ମୁଁ ତାଙ୍କୁ ଖୁବ୍ ପାଖରୁ ଜାଣିଲି। ଅଭିନେତ୍ରୀ ଭାବେ ମୁଁ ମୋର ସବୁ ଶ୍ରେୟ ବାବୁଜୀଙ୍କୁ ଦେବି। କାରଣ ଯେହେତୁ ଅସୀମ ବସୁଙ୍କ ଝିଅ ତେଣୁ ତାଙ୍କ ଜିନ୍ ମୋ ଭିତରେ ରହିଛି। ଯଦି ଅସୀମ ବସୁ ମୋ ବାପା ହୋଇ ନଥାନ୍ତେ ତେବେ ମୁଁ ଆଜି ହୁଏତ ଆଉ କ'ଣ ହୋଇଥାନ୍ତି। ତାଙ୍କ ପ୍ରେରଣାରେ ମୁଁ କବିତା ପଢ଼ି ଶିଖିଛି, ଲେଖିଛି ଏପରିକି ତାଙ୍କ ବ୍ୟକ୍ତିତ୍ୱ ମୋତେ ଗଢ଼ିଛି ଅଭିନେତ୍ରୀ ଭାବେ ଏବଂ ତାଙ୍କଠୁ ଧୈର୍ଯ୍ୟ ଓ ସହନଶୀଳତା ପୁଞ୍ଜି ଭାବରେ ପାଇଛି। ମୋ ଅଭିନେତ୍ରୀ ଜୀବନ କଥା ଯଦି କହିବେ, ତେବେ ତାଙ୍କ ଝିଅ ହିସାବରେ ବାହାରେ ବହୁତ ଲୋକଙ୍କ ସହ ଏମିତିରେ ପରିଚିତି ଥିଲା। କିନ୍ତୁ ତାଙ୍କର କିଛି ନୈତିକ ଆଦର୍ଶ ମଧ ଥିଲା। ସେ ସବୁବେଳେ କହୁଥିଲେ, ଯେତିକି ତୁ ପାରିବୁ ତୋ ନିଜ ଶକ୍ତିରେ ଛିଡ଼ା ହେବୁ। କୋଉଠି ବି ସେ ମୋ ନାଁ ସୁପାରିସ କରିନଥିଲେ କି ମୁଁ କେବେ ତାଙ୍କ ନାଁ ଅନୁସାରେ କାମ ପାଇନଥିଲି। ଗୁରୁ ହିସାବରେ ତାଙ୍କ ନିର୍ଦ୍ଦେଶନାରେ ବହୁତ କିଛି ଶିଖିଛି। ବାବୁଜୀ ରାଗୁଥିଲେ, ହେଲେ ତାଙ୍କ ପାଖରେ ଅଦ୍ଭୁତ ଧୈର୍ଯ୍ୟ ଥିଲା, ସହଜରେ ହାର୍ ମାନୁ ନଥିଲେ ସେ। ଏଣୁ ତାଙ୍କ ବିଷୟରେ ଅଧିକ କିଛି କହିବା ମୋ ସାମର୍ଥ୍ୟ ଥିଲା ଭଳି ମୋତେ ଲାଗୁନି' ବୋଲି କହନ୍ତି ଅଭିନେତ୍ରୀ ଭାସ୍ୱତୀ ବସୁ।



## ସିକନ୍ଦର ଓ ନାଜିଆ ଆଲାମ୍



ସିକନ୍ଦର୍ ଆଲାମ୍ ୧୯୫୭ ମସିହାରେ ମାତ୍ର ୧୮ ବର୍ଷ ବୟସରୁ ଆକାଶବାଣୀ କଟକରେ ଗୀତ ଗାଇବା ଆରମ୍ଭ କରିଥିଲେ। ଭଜନ, ଜଣାଣ, ଗଜଲ୍, ଆଧୁନିକ ଇତ୍ୟାଦି ସଂଗୀତର ସବୁ ଦିଗରେ ସେ ନିଜର ଦକ୍ଷତା ପ୍ରତିପାଦନ କରି ଖୁବ୍ କମ୍ ସମୟରେ ବହୁ ଲୋକପ୍ରିୟତା ଅର୍ଜନ କରିଥିଲେ। ୧୯୬୨ ମସିହାରେ ନିର୍ମିତ ଚଳଚ୍ଚିତ୍ର 'ଲକ୍ଷ୍ମୀ'ରେ ସଂଗୀତସୁଧାକର ବାଳକୃଷ୍ଣ ଦାସଙ୍କ ନିର୍ଦ୍ଦେଶନାରେ କଣ୍ଠଦାନ କରି ସେ ପ୍ରଥମ ଥର ପାଇଁ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ। ବାପାଙ୍କ ପଦାଙ୍କ ଅନୁସରଣ କରି ନାଜିଆ ଆଲାମ୍ ମଧ ସଂଗୀତ ଜଗତରେ ପାଦ ଥାପିଛନ୍ତି। ନାଜିଆ କଣ୍ଠଶିଳ୍ପୀ ଦମ୍ପତି ମହମ୍ମଦ ସିକନ୍ଦର୍ ଆଲାମ୍ ଓ ନଇମା ଆଲାମ୍‌ଙ୍କ ସାନ ଝିଅ। ସେ ଜଣେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ। ମୁଖ୍ୟତଃ ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷାରେ ଗୀତ ଗାଇଛନ୍ତି। ନାଜିଆ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗାୟିକା। ସେ ବିଭିନ୍ନ ଓଡ଼ିଆ ଧାରାବାହିକରେ ଗୀତ ମଧ ଗାଇଛନ୍ତି। ଡିଡି ଓଡ଼ିଆରେ ପ୍ରସାରିତ ଦୁହିତା, ବିଧାତାର ଖେଳ, ମୁଁ ତୁମକୁ ଭଲପାଏ ଭଳି ଲୋକପ୍ରିୟ ଧାରାବାହିକରେ ସେ କଣ୍ଠଦାନ କରିଥିଲେ। ସେ ଭଜନ ସମାରୋହ ଓ ମଞ୍ଚରେ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଛନ୍ତି। ନାଜିଆ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତରେ ଅଳଙ୍କାର ସମ୍ମାନ ସହ ଉଭୟ ଓଡ଼ିଶୀ ସଙ୍ଗୀତ ଓ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର କରିଛନ୍ତି। ନାଜିଆ ଆଲାମ୍ ତାଙ୍କ ବାପା ଓ ମା'ଙ୍କଠାରୁ ପ୍ରଥମେ ସଙ୍ଗୀତ ଶିକ୍ଷା ଗ୍ରହଣ କରିବା ଆରମ୍ଭ କରିଥିଲେ।

## ପ୍ରକାଶ ଓ ଦୀପିକା ପାଦୁକୋଣ

ପ୍ରକାଶ ପାଦୁକୋଣ ଜଣେ ପ୍ରାକ୍ତନ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି। କର୍ଣ୍ଣାଟକରେ ଜନ୍ମିତ ଏହି ଖେଳାଳି ଦେଶ ପାଇଁ ବହୁ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟ ଜିତିବା ସହ ଦେଶ ଭିତରେ ବହୁତ ପ୍ରସିଦ୍ଧି ହାସଲ କରିଥିଲେ। ସେ ୧୯୭୨ ମସିହାରେ ଖେଳ ଜଗତର ଶ୍ରେଷ୍ଠ ପୁରସ୍କାର 'ଅର୍ଜୁନ ପୁରସ୍କାର' ପାଇଥିଲେ। ତାଙ୍କର ଦୁଇ ଝିଅ ଦୀପିକା ଓ ଅନିଶା। ଦୀପିକା ହିନ୍ଦୀ ଫିଲ୍ମର ଜଣେ ଆଗଧାଡ଼ିର ଅଭିନେତ୍ରୀ। କିନ୍ତୁ ଅନିଶା ଜଣେ ଗଲ୍‌ଫ ଖେଳାଳି। ବର୍ତ୍ତମାନ ପ୍ରକାଶ ତାଙ୍କ ପତ୍ନୀ ଓ ସାନ ଝିଅ ଅନିଶାଙ୍କ ସହ ବାଙ୍ଗାଲୋରରେ ରହୁଛନ୍ତି। ପିତା ରମେଶ ପାଦୁକୋଣଙ୍କ ଦ୍ୱାରା ଶିକ୍ଷିତ ଓ ଅନୁପ୍ରାଣିତ ହୋଇ ପ୍ରକାଶ ବ୍ୟାଡ୍‌ମିଣ୍ଟନ୍ ଖେଳ ପ୍ରତି ଆଗ୍ରହୀ ହେଇଥିଲେ। ପ୍ରକାଶଙ୍କର ଝିଅ ହୋଇଥିବାରୁ ଦୀପିକା ଛୋଟବେଳୁ ବ୍ୟାଡ୍‌ମିଣ୍ଟନ୍ ଖେଳୁଥିଲେ ଏବଂ କୈଶୋର ଅବସ୍ଥାରେ ସେ ଜାତୀୟସ୍ତରର ବିଜେତା ମଧ ଥିଲେ। ମାତ୍ର ପରେ ସେ ଖେଳରୁ ଦୂରେଇ ଯାଇ ମଡେଲିଂରେ ଯୋଗ ଦେଇଥିଲେ ଏବଂ ୨୦୦୬ରେ ଏକ କନ୍ନଡ଼ ଚଳଚ୍ଚିତ୍ର 'ଐଶ୍ୱର୍ଯ୍ୟା'ରେ ଅଭିନୟ କରିବାର ପ୍ରଥମ ସୁଯୋଗ ପାଇଥିଲେ। ଏହାପରେ ସେ ୨୦୦୭ରେ ଅଭିନେତା ଶାହାରୁଖ ଖାନ୍‌ଙ୍କ ସହିତ ଚଳଚ୍ଚିତ୍ର 'ଓମ୍ ଶାନ୍ତି ଓମ୍' ଜରିଆରେ ହିନ୍ଦୀ କଥାଚିତ୍ର ଜଗତରେ ପ୍ରବେଶ କରିଥିଲେ। ଏହି ଚଳଚ୍ଚିତ୍ର ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଭାବେ ଫିଲ୍ମଫେୟାର୍ ପୁରସ୍କାର ମଧ ମିଳିଥିଲା। ଦୀପିକା ୩ଟି ଫିଲ୍ମଫେୟାର୍ ପୁରସ୍କାର ସହ ୬ଟି ଆନ୍ତର୍ଜାତିକ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି।



# ପୁରଦିଆ ମାଣ୍ଡିଆ କାକରା



ମାଣ୍ଡିଆ ଆମ ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ। ଏଥିରେ ପ୍ରୋଟିନ୍, ଫାଇଭର୍, କ୍ୟାଲ୍‌ସିୟମ୍ ଭରିହୋଇ ରହିଛି। ରଜ ଶେଷ ଦିନରେ ଆସନ୍ତୁ ମାଣ୍ଡିଆ ଚୂନାରେ ବନେଇବା ସୁଆଦିଆ କାକରା ପିଠା। ଏଥିପାଇଁ ଦୁଇକପ୍ ମାଣ୍ଡିଆ ଚୂନା, ଅଧାକପ୍ ଅଟା/ମଇଦା ନେବା। ବାଇଣ୍ଡିଂ ପାଇଁ ଉଭୟ ଅଟାକୁ ଭଲଭାବରେ ମିଶାଇ ଦିଅନ୍ତୁ। ଏଥର ପୁର ତିଆରି ପାଇଁ କରେଇରେ ଗୋଟେ ଚାମଚ ଗୁଆଘିଅ ଦିଅନ୍ତୁ। ଗରମ ହେଲେ ସେଥିରେ ଗୋଟେ କପ୍ ପାଣି ନିଗିଡ଼ା ଛେନା ଦିଅନ୍ତୁ। ଟିକେ ଭାଜି ହେଲେ ଦେଢ଼କପ୍ ନଡ଼ିଆ କୋରା ଦିଅନ୍ତୁ। ନଡ଼ିଆ କୋରା ଭାଜି ହୋଇ ଆସିଲେ ସେଥିରେ ଭୋଟେ କପ୍ ଚିନି/ଗୁଡ଼, ଗୋଟେ ଚାମଚ ଗୋଲମରିଚ ଓ ଚାରିଟି ଗୁଜୁରାତିକୁ ଗୁଣ୍ଡ କରି ମିଶେଇ ପୁର ପାଗ ହୋଇଗଲେ ତଳକୁ ଓହ୍ଲାଇ ଦିଅନ୍ତୁ। ଏଥରେ ଗୋଟେ ବଡ଼ କରେଇ (ନନ୍‌ଷ୍ଟିକ୍ ହେଲେ ଭଲ) ନେଇ ସେଥିରେ ୪ କପ୍ ପାଣି ଗରମ କରନ୍ତୁ। ପାଣିରେ ଦୁଇଟି ତେଜପତ୍ର, ଗୋଟେ ଚାମଚ ଲୁଣ, ଦୁଇ/ତିନି ଚାମଚ ଚିନି, ଗୋଟେ ଚାମଚ ପାନମହୁରୀ, ଗୋଟେ ବଡ଼ ଚାମଚ ଗୁଆଘିଅ ଦେଇ ପାଣି ଫୁଟିଲେ ଗ୍ୟାସକୁ ପୁରା କମେଇ ଦେଇ ମାଣ୍ଡିଆ ଚୂନାକୁ ଧୀରେ ଧୀରେ ଗୋଳାନ୍ତୁ, ଯେମିତି ଗୋଟା ନ ରହେ। ପୂରା ଯନ୍ତି ହୋଇ ମିଶ୍ରଣଟି ଶୁଖିଲା ହୋଇ ଆସିଲେ ତାକୁ ଘୋଡ଼େଇ ଦେଇ ଗ୍ୟାସ୍ ବନ୍ଦ କରନ୍ତୁ। ଗୋଟେ ଥାଳି ବା କଦଳୀପତ୍ର ଉପରେ ଘିଅ ମାରି ଦୁଇ/ଚାରି ମିନିଟ୍ ପରେ ଯନ୍ତଣିକୁ ଢାଳନ୍ତୁ। ହାତ ସହିଲା ପରି ଥଣ୍ଡା ହେଲେ ଆଉଟିକେ ଚକଟି ଦେଇ ପାଣି ହାତ ହୋଇ ଛୋଟ ଛୋଟ ଗୁଳା କରି କାକରା ପିଠା ଗଢ଼ି ତା' ଭିତରେ ପୁର ଦିଅନ୍ତୁ ଏବଂ ଟିକେ ଚଟକା କରି ସବୁତକ ପିଠା ଗଢ଼ି ଗରମ ତେଲ/ଘିଅରେ କାକରାତକ ଛାଣନ୍ତୁ।

# ମୀରାଙ୍କ ନୂଆ ପ୍ରସାଧନ ବ୍ରାଣ୍ଡ

ସୌନ୍ଦର୍ଯ୍ୟ ବୃଦ୍ଧି ଓ ତ୍ୱଚାର ଯତ୍ନ ପାଇଁ ବିଭିନ୍ନ ପ୍ରସାଧନ ସାମଗ୍ରୀର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେଲିବ୍ରିଟିମାନେ ନିଜସ୍ୱ ବ୍ରାଣ୍ଡ୍ ଜରିଆରେ ପ୍ରସାଧାନ ବଜାରର ଆକାର ବୃଦ୍ଧି କରୁଛନ୍ତି। ଏ କ୍ଷେତ୍ରରେ ଏବେ ଯୋଡ଼ି ହୋଇଯାଇଛନ୍ତି ବଲିଉଡ୍ ଅଭିନେତା ଶାହିଦ କପୁରଙ୍କ ପତ୍ନୀ ତଥା ଉଦ୍ୟୋଗୀ ମୀରା ରାଜପୁତ କପୁର। ନିକଟରେ ସେ ତାଙ୍କ ନିଜସ୍ୱ ସ୍କିନ୍‌କେଆର୍ ବ୍ରାଣ୍ଡ୍ ଉନ୍ମୋଚନ କରିଛନ୍ତି। ଏହାର ନାମ 'ଏକାଇଣ୍ଡ୍'। ଏହି ବ୍ରାଣ୍ଡ୍ ଅଧୀନରେ ମୀରା ବିଭିନ୍ନ ପ୍ରକାର ଚର୍ମ ଓ ଚର୍ମର ଅବସ୍ଥାକୁ ଦୃଷ୍ଟିରେ ରଖି ଅଭିନବ ପ୍ରସାଧନ ପ୍ରସ୍ତୁତ କରିଥିବାର ଦାବି କରିଛନ୍ତି। ଈଶା ଅମ୍ବାନୀଙ୍କ 'ଟିରା' ମଞ୍ଚର ସହଭାଗିତାରେ ସେ ଏହି ବ୍ରାଣ୍ଡ୍ ଉନ୍ମୋଚନ କରିଛନ୍ତି। ପ୍ରରମ୍ଭିକ ଭାବେ 'ଏକାଇଣ୍ଡ୍'ର ନଅଟି ପ୍ରସାଧନ ଉତ୍ପାଦ କ୍ରୟ ପାଇଁ ଉପଲବ୍ଧ ହୋଇଛି। ସନ୍‌ସ୍କ୍ରିନ୍ ପ୍ରାଇମର୍, ସନ୍ ଷ୍ଟିକ୍, ମଇସ୍‌ଚରାଇଜର୍, ଟୋନର୍, କ୍ଲିନ୍‌ଜର୍ ପ୍ରମୁଖ ଏଥିରେ ଅନ୍ତର୍ଭୁକ୍ତ। ଏଗୁଡ଼ିକର ଦାମ ୫୦୦ରୁ ୧୦୦୦ ଟଙ୍କା ମଧରେ ରହିଛି। ବ୍ରାଣ୍ଡ୍ ପକ୍ଷରୁ ଦାବି କରାଯାଇଛି ଯେ ଏଗୁଡ଼ିକର ଉତ୍ପାଦନରେ କୌଣସି ପଶୁଜାତ ସାମଗ୍ରୀ ବ୍ୟବହାର କରାଯାଇନାହିଁ ଏବଂ ଏଗୁଡ଼ିକ ଚର୍ମ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷିତ। ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ଦୀପିକା ପାଦୁକୋଣ, କ୍ୟାଟ୍ରିନା କୈଫ୍, ପ୍ରିୟଙ୍କା ଚୋପ୍ରା, କୃତି ସେନନ୍, ନୟନତାରା ପ୍ରମୁଖ ଅଭିନେତ୍ରୀ ନିଜ ନିଜ ପ୍ରସାଧନ ବ୍ରାଣ୍ଡ୍ ଉନ୍ମୋଚନ କରିସାରିଛନ୍ତି।



# ତାପମାତ୍ରା ବଢ଼ି ୪୩ ଡିଗ୍ରୀ ଛୁଇଁଲାଣି

**କଳାହାଣ୍ଡି,୨୪।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସହରରେ ଗୁରୁବାର ପାରଦ ୪୩ ଡିଗ୍ରି ସେଲସିୟସ ପହଞ୍ଚିଛି। ଗତ କିଛି ଦିନ ଧରି ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ବେଳେ କିଛି ସ୍ଥାନରେ କାଳବୈଶାଖୀର ତାଣ୍ଡବ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି।୧୬ ତାରିଖରେ ୩୮.୫ ଡିଗ୍ରି, ୧୭ ତାରିଖରେ ୪୦.୪ ଡିଗ୍ରି, ୧୮ରେ ୪୧ ଡିଗ୍ରି,। ୧୯ ରେ ୪୦.୪ ଡିଗ୍ରି, ୨୦ ତାରିଖରେ ୪୦.୮ ଡିଗ୍ରି ରହିଥିବା ବେଳେ ଗୁରୁବାର ଚଳିତ ବର୍ଷର ରେକର୍ଡ ଭାଙ୍ଗି ତାପମାତ୍ରା ୪୩ ଡିଗ୍ରିରେ ପହଞ୍ଚିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମତାତିର ମୁକାବିଲା ପାଇଁ ଆଖି ଦୃଶିଆ ପଦକ୍ଷେପ ନେଉ ନଥିବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ବିଭାଗୀୟ ଅଧିକାରୀମାନେ ଖାତିର କରୁ ନଥିବା ଯୋଗୁଁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ଧର୍ମଗଡ଼ ସହର ସମେତ ବ୍ଲକ ମୁଖ୍ୟାଳୟ ଓ ସହରାଞ୍ଚଳରେ ଜଳଛତ୍ର କେବଳ ସାଇନବୋର୍ଡରେ ସୀମିତ ରହିଛି। ସଦର ମହକୁମାରେ ଜିଲ୍ଲା ପ୍ରଶାସନର ଅଣଦେଖା ଘଟଣା ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛିନ୍ତୁ ଏନଏସି ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କରାଯାଉ ନଥିବା ଯୋଗୁଁ ସହରତଳି ଅଞ୍ଚଳରେ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଏପରିକି ପାଇପ ଜଳଯୋଗାଣ ମଧ୍ୟ ଠିକ ସମୟରେ ହେଉ ନଥିବା ଯୋଗୁଁ ସହରବାସୀ ନାକେଦମ ହେବାରେ ଲାଗିଛନ୍ତି।



## ଫଳକରେ ଓଡ଼ିଆ ବନାନ ତ୍ରୁଟି




**କଳାହାଣ୍ଡି,୨୪।୪(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହାର ସୁଫଳ ମିଳୁ ନ ଥିବା କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ଲାଗିଥିବା ଫଳକରୁ ଜଣାପଡୁଛି। ଏହି ଫଳକଗୁଡ଼ିକରେ ଓଡ଼ିଆ ବନାନରେ ତ୍ରୁଟି ରହିଛି। ରାଜ୍ୟ ସରକାରଙ୍କ ଭାରତ ମାଳା ଯୋଜନାରେ ବରଗଡ଼ ରୁ କଳାହାଣ୍ଡି ଜିଲ୍ଲା ଆମପାଣି ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ଏହି ରାସ୍ତା ପାର୍ଶ୍ୱରେ ଚିହ୍ନଟ ପାଇଁ ସ୍ଥାନ ଗୁଡିକର ନାମ ଫଳକ ଲଗାଯାଇଛି। ଫଳକ ଗୁଡ଼ିକ ଓଡ଼ିଆ ଓ ଇଲିଂଶରେ ଲେଖା ରହିଛି। କିନ୍ତୁ ଅନେକ ଫଳକରେ ଓଡ଼ିଆ ନାଁ ଗୁଡିକରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏଭଳି ଗୋଲାମୁଣ୍ଡା ଅଞ୍ଚଳ ର ନକଟି କାନି ଗ୍ରାମ ଚାରି ଥାକିଆ ରାସ୍ତା ନିକଟରେ ଲାଗିଥିବା ଫଳକରେ ନକଟି କାନି ବଦଳରେ ନଟକୀ କାନି ରହିଥିବାରୁ ଏହି ଭୁଲ ଶବ୍ଦ କୁ ସଂଶୋଧନ କରାଯାଇ ନକଟିକାନି ଲେଖିବା ପାଇଁ ଅଞ୍ଚଳ ବାସୀଙ୍କ ଠାରୁ ଅଭିଯୋଗ ପ୍ରକାଶ ପାଇଛି।

## ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପିତ



**ଭେଡେନ,୨୪।୪(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଭେଡେନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଚାଲିଥିବା ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଗୁରୁବାର ଉଦଯାପିତ ହୋଇଛି। ସକାଳ ବନ୍ଦନା କାଳାଂଶରେ ଶିବାନନ୍ଦ ଦାଶ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରିଥିଲେ। ବନ୍ଦନା କାଳାଂଶରେ ଶଙ୍କର୍ଷଣ ମିଶ୍ର, ଅଶୋକ କୁମାର ଧର, ଭୋଜରାଜ ଦୁଆନ୍, ମକୁନ୍ଦ ମହାରଣା, ନରେନ୍ଦ୍ର ରଣା, ସୁବ୍ରତ କୁମାର ଶତପଥୀ ମଞ୍ଚାସୀନ ଥିଲେ। ସାମ୍ବାଦିକ ଭବାନୀ ଶଙ୍କର ପାଢ଼ୀ, ମୁକୁନ୍ଦ ଷଡ଼ଙ୍ଗୀ, ସୋମନାଥ ଭୋଇ ଅତିଥି ଭାବରେ ଯୋଗ ଦେଇ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଅଶୋକ କୁମାର ଧର ଫୁଲ ଗୁଚ୍ଛ ଓ ଉପଢୌକନ ଦ୍ୱାରା ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ। ମକୁନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବରେ ଭୁବନେଶ୍ୱର ସାହୁ(ବିଶ୍ୱ ହିନ୍ଦୁ ପରିଷଦ, ଚେତନା ପରିଷଦର ସଂପାଦକ) ଯୋଗଦାନ କରି 'ଯୁଗାନୁକୂଳ ବିଦ୍ୟାଳୟ'ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂକୁଳ ସଂଯୋଜକ ଅଶ୍ୱିନୀ କୁମାର ବାରିକ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସଂକୁଳ ସଂକୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ କାର୍ଯ୍ୟକ୍ରମର ବୃତ୍ତ ପଠନ କରିଥିଲେ। ଗୁରୁମା ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ନିଶାନ୍ତ ମହାରଣା ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ। ପଶ୍ଚିମ ସଂଭାଗ ସଂଯୋଜକ ଶ୍ରୀଯୁକ୍ତ ଜ୍ୟୋତିରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ବିଦ୍ୟାଳୟ ମାନଙ୍କରେ କ୍ରିୟାନ୍ୱୟନ କରିବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ। ପରିଚାଳନା ସମିତିର ସଂପାଦକ ସୌମ୍ୟରଞ୍ଜନ୍ ବେହେରା ଓ ସଭାପତି ପୁଷ୍ପ କୁମାର ମେହେର ମଞ୍ଚାସୀନ ଥାଇ ଅତିଥି ଅଧିକାରୀ ମାନଙ୍କୁ ଉପଢୌକନ ଓ ଫୁଲ ଗୁଚ୍ଛ ଦ୍ୱାରା ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଭୋଜରାଜ ଦୁଆନ ପରିଚାଳନା କରିଥିଲେ। ପରିଶେଷରେ ସୌମ୍ୟରଞ୍ଜନ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସେବକ ସେବିକା କାର୍ଯ୍ୟକ୍ରମକୁ ସାହାଯ୍ୟ ଓ ସହଯୋଗ କରିଥିଲେ।

## ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳନ



**ଯାଜପୁର ରୋଡ଼,୨୪।୪(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ପରିସରରେ ଜାତୀୟ ପଂଚାୟତ ରାଜ ଦିବସର ବ୍ଲକ ସ୍ତରୀୟ ପଂଚାୟତ ରାଜ ଦିବସ ସମାରୋହ ପାଳିତ ହୋଇଯାଇଅଛି। ବିଡିଓ ଅବନୀକାନ୍ତ ସାହୁ'ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭା କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ କାଶ୍ମୀରର ପହଲଗ୍ରାମରେ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ଭାରତୀୟ ମାନଙ୍କ ଲାଗି ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେପରେ ସଭାମଂଚରେ ଭିଡିଓ କନଫରେନ୍ସ ମାଧମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପଂଚାୟତ ରାଜ ଦିବସର ଶୁଭ ଉଦଘାଟନ କରିଥିଲେ। ଏଥିସହିତ କୋରେଇରେ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ସାଂସଦ ଡ଼ଃ ରବୀନ୍ଦ୍ର ବେହେରା, ପ୍ରତିନିଧି, ସରପଂଚ, ସମିତି ସଭ୍ୟ, ସଭ୍ୟା, ପ୍ରମୁଖ ମାନେ ସାମିଲ ହୋଇଥିଲେ। ରାଜ୍ୟସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ବକ୍ତା ମାନେ ଆଲୋକପାତ କରିଥିଲେ। ପ୍ରତ୍ୟେକ ପଂଚାୟତର ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ସଭା କାର୍ଯ୍ୟକ୍ରମରେସ କାଶ୍ମୀର ଘଟଣା ପାଇଁ ପୁଷ୍ପମାଲ୍ୟ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ସମସ୍ତ ବ୍ଲକ୍ କର୍ମଚାରୀ, ପିଆରଆଇ ମେମ୍ବର ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏପଟେ କିନ୍ତୁ ଅନେକ ବିଜେଡି ସମର୍ଥିତ ସରପଂଚ, ସମିତି ସଭ୍ୟ, ସଭ୍ୟା ମାନଙ୍କ ପାଦ ଏହି ସଭା ସ୍ଥଳରେ ପଡ଼ିନଥିବା ଦେଖିବାକୁ ମିଳିଥିଲା।

● ବଣ ଦାମୋଦର ପୁର ଜଙ୍ଗଲରେ ବିଜେଡିର ବଣଭୋଜି ଉତ୍ସବ

## ଯୋଗଦେଲେ ୪୫ ପଞ୍ଚାୟତରୁ ୫ ଶହରୁ ଊର୍ଦ୍ଧ୍ୱ କର୍ମୀ

**ବୈଶିଙ୍ଗା,୨୪।୪(ସଂଚାର ବ୍ୟୁରୋ):** ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଜେଡି ନେତା ଓ କର୍ମୀଙ୍କର ସାଧାରଣ ନିର୍ବାଚନର ଦୀର୍ଘ ଦଶ ମାସ ପରେ ନିଦ ଭାଙ୍ଗିଛି। ନିର୍ବାଚନ ମଣ୍ଡଳୀର ପଇଁଚାଳିଶ ପଂଚାୟତରୁ ପାଞ୍ଚ ଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦାନ କରି ଦଳର ଭବିଷ୍ୟତ ଉପରେ ସୁଚିନ୍ତିତ ମତ ରଖିଥିଲେ। ଏହି ବଣଭୋଜି ଉତ୍ସବ କେନ୍ଦୁଆ ପଞ୍ଚାୟତର ବଣଦାମୋଦର ପୁର ପ୍ରାଥମିକ ବିଦ୍ୟାଳୟ ପଛପାଖ ଜଙ୍ଗଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦଳର ହାଇକମାଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ଉତ୍ସବ କୁ ବିନୋଦ ସିଂ ପରିଚାଳନା କରିଥିବାବେଳେ ଏହି କାର୍ଯ୍ୟକ୍ରମ ରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ପ୍ରଭାରୀ ସୁବ୍ରମନ୍ୟୁମ ମହାନ୍ତି (ପିଲୁ ଭାଇ), ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଶୁଭ୍ରାଂନ୍ତ ତିଆଡ଼ି, ସୁନ୍ଦର ମୋହନ ମହାନ୍ତ, ଜିଲା ପରିଷଦ ସଦସ୍ୟା ଧାନୀ କିସ୍କୁ, ଉଭୟ ବ୍ଲକର ସଭାପତି, ବ୍ଲକ ଉପାଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଏହି ଅବସରରେ ଗତ ନିର୍ବାଚନର ସମୀକ୍ଷା କରାଯାଇଥିଲା। କେତେକ ସ୍ୱାର୍ଥପର ନେତା ଓ କର୍ମୀ ଯେଉଁମାନେ ଦଳରୁ ବିଗତ ଚବିଶ ବର୍ଷ ରେ ଦଳରୁ ଫାଇଦା ନେବା ସହ ନିଜର ପରିଚୟ ସୃଷ୍ଟି କରିଥିଲେ, ସେମାନେ ନିର୍ବାଚନ ରେ ଦଳ ସହିତ କିପରି ବିଶ୍ୱାସଘାତକତା କରିବା ସହ ବେଇମାନି କରି ଅନ୍ୟ ଦଳରେ ବିକ୍ରି ହୋଇଗଲେ, ସେ ସମ୍ପର୍କରେ ଆଲୋଚନା କରାଯାଇ ଏହି ଘଟଣାର ନିନ୍ଦା କରାଯାଇଥିଲା। ଏତଦ ବ୍ୟତିତ ବିଗତ ଚବିଶ ବର୍ଷ ଭିତରେ ମହିଳାସଂଗଠନ ମାନେ ଦଳରୁ ବିଶେଷ ଫାଇଦା ହାସଲ କରିଥିଲେ ମଧ୍ୟ ଗତ ନିର୍ବାଚନ ରେ ଶାସକ ଦଳର ମିଥ୍ୟା ପ୍ରତିଶ୍ରୁତି ରେ ପ୍ରଲୋଭିତ ହୋଇ ବିଜେଡି ସହିତ କିପରି ପ୍ରତାରଣା କଲେ ଓ ଏହାର ପରିଣାମ କିପରି ଏବେ ବୁଝି ପାରୁଛନ୍ତି, ସେ ସମ୍ପର୍କରେ ବିଜେଡିକୁ ଭଲ ପାଉଥିବା କର୍ମୀ ଓ ନେତାମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତରାଜ ଦିବସ ପାଳିତ



**ବାଲିପାଟଣା,୨୪।୪(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପଂଚାୟତରାଜ ଦିବସ ପାଳିତ ହୋଇ ଯାଇଛି।ଆଭାଷି ମାଧ୍ୟମରେ ପୁରୀଠାରେ ମୁଖ୍ୟ କାର୍ଯ୍ୟକ୍ରମ ର ପ୍ରସାରଣ ପରେ ବିଡ଼ିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଙ୍କ ସଭାପତିତ୍ୱରେ ଏକ ସଭାରେ ଅତିଥି ଭାବରେ ବ୍ଲକ ଚେୟାରମେନ ହରପ୍ରିୟା ଦାସ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲ୍ଲାପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ, ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ପ୍ରମୁଖ ଯୋଗଦେଇ ପଞ୍ଚାୟତରାଜ ଦିବସ ପାଳନ ମାଧ୍ୟମରେ ପଞ୍ଚାୟତ ସ୍ତରରୁ ଜନସାଧାରଣ ଙ୍କୁ ସେବା ଯୋଗାଇ ଦେଉଥିବା ଅଧିକାରୀ ମାନଙ୍କୁ, ଗଣତନ୍ତ୍ର କୁ ସୁଦୃଢ଼ କରିବା ପାଇଁ ଅଧିକ ଉତ୍ସାହିତ କରାଯାଇଥାଏ ବୋଲି କହିଥିଲେ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିବା ଲୋକ ପ୍ରତିନିଧି ଓ କର୍ମଚାରୀ ମାନଙ୍କୁ ପ୍ରମାଣପତ୍ର ଓ ଫଳକ ମାନ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ରହିଛନ୍ତି ଅଙ୍ଗନୱାଡ଼ି କର୍ମୀ ପୁଷ୍ପାଞ୍ଜଳି କୁଣ୍ଡ, ସହାୟିକା ବିଜୟଲକ୍ଷ୍ମୀ ବେହେରା, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶୁଭ୍ରଜିତ୍ ଜେନା, ଲକ୍ଷପତି ଦିଦି ଲାବଣ୍ୟବତୀ ଓଝା, ଆଶାକର୍ମୀ ମାମିନା ମୁଦୁଲି, କାର୍ଯ୍ୟ ପରିଚାଳନାରେ ଜି ପି ଓ କଳ୍ପନା ସାସମଲ ଓ ସି ପି ପ୍ରଭାତ ଜେନା। ଜିଲ୍ଲା ସ୍ତରରେ ଏହି ବ୍ଲକ ର ପମ୍ପାଲୋ, ଗରେଡିପାଞ୍ଚଣ, ମକୁନ୍ଦାସପୁର ଓ ନରିଶୋ ପଞ୍ଚାୟତ କୁ ସେମାନଙ୍କ ସଫଳତା ପାଇ ପୁରସ୍କୃତ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମ କୁ ଦିବ୍ୟ ରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ଚାରି ବଖରା

● ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

**ଆନନ୍ଦପୁର,୨୪।୪(ସଂଚାର ବ୍ୟୁରୋ):** ଅଗ୍ନିକାଣ୍ଡ ଯୋଗୁଁ ଜଳିଗଲା ଚାରି ବଖରା ଘର। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ। ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ଗ୍ରାମରେ ଏହି ଅଘଟଣ ଘଟିଛି। ଗାଁର ବିଜୟ କୁମାର ଦାସଙ୍କ ଘରେ ନିଆଁ ଲାଗି ଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୂଚନାନୁଯାୟୀ, ଆନନ୍ଦପୁର ଗାଁର ବିଜୟ କୁମାର ଦାସଙ୍କ ପରିବାର ଲୋକ ନଥିବା ବେଳେ ଘରେ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡ ଘଟି ଘରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି।



## ଚୋରା ସ୍କ୍ରାପ ବୋଝେଇ କ୍ୟାଣ୍ଟର ଜବତ, ଅଭିଯୁକ୍ତ ଗିରଫ



**ଯୋଡା,୨୪।୪(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ହୁଡ଼ିସାହିରୁ ଯୋଡା ପୋଲିସ ଚଢ଼ାଉ କରି ସ୍କ୍ରାପ୍ ବୋଝେଇ କ୍ୟାଣ୍ଟର ଜବତ କରିବା ସହିତ ଏଥିରେ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତ ହେଲେ ଯୋଡା ହୁଡ଼ିସାହିରେ ରହୁଥିବା ସରାବୁଦ୍ଦିନ ଶେଖ। ସେ ହୁଡ଼ିସାହିରେ ଗୋଦାମ କରି ଚୋରା ସ୍କ୍ରାପ କାରବାର କରୁଥିବା ପୋଲିସ ଖବର ପାଇ ଚଢ଼ାଉ କରି ସ୍କ୍ରାପ ବୋଝେଇ କ୍ୟାଣ୍ଟର ଓଡି-୦୯କେ-୯୫୬୨କୁ ଜବତ କରିଛି। ଏଥିରେ ପ୍ରାୟ ୧୦ କ୍ୱିଣ୍ଟାଲ ଚୋରା ସ୍କ୍ରାପ ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ କେସ ନଂ ୯୮/୨୦୨୫ ରୁଜୁ ହୋଇଛି।

## ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ବ୍ଲକସ୍ତରୀୟ କର୍ମଶାଳା




**ବୈଶିଙ୍ଗା,୨୪।୪(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ କାଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଓ ଜିଲା ବିପର୍ଯ୍ୟୟ ପରିଚାଳନା ବିଭାଗ, ମୟୁରଭଞ୍ଜ ତଥା ବ୍ଲକ ପ୍ରଶାସନଙ୍କ ମିଳିତ ସହଯୋଗରେ ବିପର୍ଯ୍ୟୟ ହ୍ରାସ ନିମନ୍ତେ ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଶୀର୍ଷକ ବ୍ଲକ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଜରୁରୀ କାଳୀନ ଉପବିଭାଗର ଡେପୁଟି କଲେକଟର ଶ୍ରଦ୍ଧା ସୁମନ, ସମ୍ମାନୀୟ ଅତିଥି ଭାବେ ବେତନଟୀ ତହସିଲଦାର ସୁରଥ ଚନ୍ଦ୍ର ରାଉତ,ଜିଲାପାଳଙ୍କ କାର୍ଯାଳୟର ଓ ଆରଏସ, ଟି ଆର ରଶ୍ମିତା ମୁର୍ମୁ ପ୍ରମୁଖ ଯୋଗଦାନ କରିଥିବା ବେଳେ ବିଡିଓ ସୁଶାନ୍ତ କୁମାର ସୁତାର କର୍ମଶାଳା ସଂଚାଳନ କରିଥିଲେ । ପ୍ରାରମ୍ଭ ରେ ଜିପିଇଓ ସବ୍ୟସାଚୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରି ଥିଲା ବେଳେ ଡେପୁଟି କଲେକଟର ଶ୍ରଦ୍ଧା ସୁମନ ବିପର୍ଯ୍ୟୟ ପରିଚାଳନାରେ ବିପଦ ହ୍ରାସ ନିମନ୍ତେ ପ୍ରଥମ କରି ନୂତନ ଚିନ୍ତାଧାରା ମୁଖ୍ୟସ୍ରୋତ ଲିଙ୍ଗ ଅନ୍ତର୍ଭୁକ୍ତିକରଣ କୁ ପରିସରଭୁକ୍ତ କରାଯାଇଛି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଜରୁରୀକାଳୀନ କାର୍ଯାଳୟ ର ଡିପିଓ ଜଗବନ୍ଧୁ ମହାନ୍ତି କର୍ମଶାଳା ର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ପାୱାର ପ୍ରୋଜେକଟର ମାଧ୍ୟମରେ ସମସ୍ତ ଉପାଦେୟ ବିଷୟଗୁଡିକ ପ୍ରଦର୍ଶିତ କରିବା ସହିତ ଦଳଗତ ଆଲୋଚନା କରିଥିଲେ ।

## କାବୁ ହେଲା ପାଗଳ ମାଙ୍କଡ଼

**ଗଞ୍ଜାମ,୨୪।୪(ସଂଚାର ବ୍ୟୁରୋ):** ଗଞ୍ଜାମ ସହର ଓ ଆଖପାଖ ଅଞ୍ଚଳରେ ଗତ କିଛି ଦିନ ହେବ ମାଙ୍କଡ଼ ଆତଙ୍କରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିଲେ। ଗତ ମଙ୍ଗଳବାର ପାତି ମାଙ୍କଡ଼ କାମୁଡ଼ି ପୁଇଁତୋଳାର ୪ ଜଣ ଏବଂ ତ୍ରିବେଣୀ ମଠ ଛକର ଜଣେ ନବବଧୂଙ୍କୁ ମଧ୍ୟ ଆକ୍ରମଣ କରିବା ଶହ କାମୁଡ଼ି ଦେଇଥିଲା। ଏନେଇ ଖବର ପ୍ରସାରଣ ପରେ ଉକ୍ତ ପାତି ମାଙ୍କଡ଼କୁ କାବୁ କରିବାକୁ ବନ ବିଭାଗ ପକ୍ଷରୁ ୩ ଦିନ କସରତ ପରେ ଶେଷରେ ଗୁରୁବାର ସନ୍ଧ୍ୟାରେ ଉକ୍ତ ପାଗଳ ପାତି ମାଙ୍କଡ଼କୁ ବନ ବିଭାଗ କର୍ମଚାରୀ କାବୁ କରିବାରେ ସକ୍ଷମ ହୋଇଛି। ବନବିଭାଗର ଏକ ୫ ଜଣିଆ ଟିମ୍ ଜାଲ ନେଇ ପୁଇଁତୋଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ଛାତ ଉପରୁ ଜୀବିତ ଅବସ୍ଥାରେ ଧରିଥିଲେ ବନ କର୍ମଚାରୀ। ମାଙ୍କଡ଼ ଧରିବାକୁ ବନ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡ଼ିଥିଲା। ସକାଳ ଓ ସନ୍ଧ୍ୟାରେ ଉକ୍ତ ମାଙ୍କଡ଼ଟି କାହାକୁ କିଛି ନ କରି ଚୁପ୍‌ଚାପ୍ ବସିରହୁଥିବା ବେଳେ ଖରା ହେବା ମାତ୍ରେ ମାଙ୍କଡ଼ଟି ଭୟଙ୍କର ରୂପ ଧାରଣ କରିବା ସହ କାମୁଡ଼ିବାକୁ ଗୋଡ଼ାଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଧାନ ଫସଲ କ୍ଷୟକ୍ଷତିର ବୀମା ଯୋଗାଇବାକୁ ଜିଲ୍ଲାପାଳଙ୍କୁ ଚାଷୀ ସଙ୍ଗଠନର ଦାବି



**ସୁବର୍ଣ୍ଣପୁର,୨୪।୪(ସଂଚାର ବ୍ୟୁରୋ):** ଅଜଣା ରୋଗ ରେ ଧାନ ଫସଲ ନଷ୍ଟ ହେଉଥିବାରୁ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ପ୍ରାଥମିକ ସେବା ସମବାୟ ସମିତି ର ବିଭିନ୍ନ ଚାଷୀ ସଂଗଠନ ର ଶତାଧିକ ଚାଷୀ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଧାନ ଫସଲ କ୍ଷୟ କ୍ଷତି ର ଉଚିତ ପ୍ରାପ୍ୟ, ଅଜଣା ରୋଗ କୁ ଚିହ୍ନଟ କରି ସବସିଡି ରେ କୀଟ ନାଶକ ଔଷଧ ଯୋଗାଇବା, ଓ କ୍ଷୟ କ୍ଷତି ର ସଠିକ୍ ଆକଳନ ସହ ଉଚ୍ଚ ସ୍ତରୀୟ ତଦନ୍ତ କରି ଶୀଘ୍ର ଫସଲ ବୀମା ଯୋଗାଇବାକୁ ଦାବୀ କରି ଏ ଚାଷୀ ମାନେ ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୁବର୍ଣ୍ଣପୁର ଏଡିଏମ୍ ଅଞ୍ଜଳିନା ପଧାନ ଙ୍କ ଜରିଆରେ ଜିଲ୍ଲାପାଳ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରି ଜିଲ୍ଲା କୃଷୀ ବିଭାଗ ଡେପୁଟି ଡାଇରେକ୍ଟର ଙ୍କୁ ମଧ୍ୟ ଦାବୀ ପତ୍ର ପ୍ରଦାନ କରିଥିଲେ ଓ ଏ ସମସ୍ୟା ସମାଧାନ ପାଇଁ ଉଭୟ ଙ୍କ ସହିତ ଚାଷୀ ନେତା ମାନେ ଆଲୋଚନା କରିଥିଲେ। ରାମ ପୁର ପ୍ରାଥମିକ ସେବା ସମବାୟ ସମିତି ର ସଭାପତି ଉମେଶ ପୁଝାରୀ, ସଂପାଦକ ସରୋଜ ମେହେର, ଉପଦେଷ୍ଟା କୃପା ସିନ୍ଧୁ ପୁଝାରୀ, ସରପଞ୍ଚ ମନୋଜ ପୁରୋହିତ ଙ୍କ ନେତୃତ୍ୱ ରେ ଆଜି ରାମପୁର, କଟାପାଲି, ଅମନ୍ ମୁଣ୍ଡା, ନାଇକେନ୍ ପାଲି, ଷଣ୍ଢ ଟିକ୍ରା, ତେଲି ଟିକ୍ରା ଗାଁ ର ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

● ପହଲଗାମ୍‌ରେ ୨୭ ହିନ୍ଦୁଙ୍କ ନିର୍ମମ ହତ୍ୟା ବିରୁଦ୍ଧରେ

## ବିଜେପି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ଭବାନୀପାଟଣା, ୨୪।୪(ସଂଚାର ବ୍ୟୁରୋ):** ଗତ ୨୨ ତାରିଖରେ ଜମ୍ମୁର କାଶ୍ମୀର ପହେଲଗାଁଓ ଠାରେ ୨୭ ଜଣ ହିନ୍ଦୁ ଙ୍କୁ ଆତଙ୍କବାଦୀ ମାନେ ନିର୍ମମ ଗୁଳି କରି ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା କରିବା ସହ ଆତଙ୍କବାଦୀ ଓ ଆତଙ୍କବାଦ କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ଥାନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଭାରତୀୟ ଜନତା ପାର୍ଟି କୋକସରା ବ୍ଲକ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡିଲ ଶୋଭାଯାତ୍ରା କରାଯାଇଛି। ଏଭଳି ବର୍ବର ଆତଙ୍କବାଦୀ କାର୍ଯ୍ୟକୁ ଦୃଢ଼ ହସ୍ତରେ ଭାରତ ସରକାର କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେପି ର କର୍ମକର୍ତ୍ତା ମାନେ ଦାବି କରିବା ହିନ୍ଦୁସ୍ଥାନରେ ହିନ୍ଦୁ ମାନଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି କରିଛି। କ୍ୟାଣ୍ଡେଲ ଶୋଭାଯାତ୍ରାରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ, ବ୍ଲକ ସମ୍ପାଦକ ମନୋଜ କୁମାର ନାଏକ, ଯୁବମୋର୍ଚ୍ଚା ରୁ ସୁଜିତ ରାଜପୁତ, ତ୍ରିଲୋକ୍ୟ ବେଶ୍ରା, ବିଜେପି ବରିଷ୍ଠ ନେତା ଗଣେଶ ନନ୍ଦ, ତ୍ରିନାଥ ଶବର, ସନାତନ ସୁନାନୀ ଓ ଭାରତୀୟ ଜନତା ପାର୍ଟିର ଅନେକ କର୍ମୀମାନେ ସାମିଲ ହୋଇଥିଲେ।

ଫାଇନାନ୍ସ କମ୍ପାନୀରୁ ଋଣ ଆଣିଥିଲେ

## କିସ୍ତି ଫେରାଇବାକୁ ତାଗିଦ୍ କରିବାରୁ ଝୁଲିପଡ଼ିଲେ




**କପ୍ତିପଦା,୨୪।୪(ସଂଚାର ବ୍ୟୁରୋ):** ଫାଇନାନ୍ସ କମ୍ପାନୀରୁ ଟଙ୍କା ଆଣିଥିଲେ, ଋଣ ସୁଝି ନପାରି ମହିଳାଙ୍କ ଆତ୍ମହତ୍ୟା। କପ୍ତିପଦା ଥାନା ପିଙ୍ଗୁ ଗ୍ରାମରେ ଏଭଳି ଘଟଣା ଘଟିଛି। ମୃତକ ଜଣଙ୍କ ହେଉଛନ୍ତି ଗୀତାଞ୍ଜଳି ସୁରୁଳିଆ।

ସୂଚନାନୁଯାୟୀ, ପିଙ୍ଗୁ ଗ୍ରାମର ଗୀତାଞ୍ଜଳି ସୁରୁଳିଆ ଖୁଣ୍ଟା ଅଞ୍ଚଳର ୨ଟି ଫାଇନାନ୍ସ କମ୍ପାନୀରୁ ୩ଟି କିସ୍ତିରେ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ଋଣ ଆଣିବା ପରେ ସେହି ଟଙ୍କାକୁ ଗାଁର ରଞ୍ଜିତା ବେହେରାଙ୍କୁ ଦେଇଥିଲେ। ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିବା ରଞ୍ଜିତା ପରବର୍ତ୍ତୀ ସମୟରେ ଫେରାର୍ ହୋଇଯାଇଥିଲେ। ଯାହାଫଳରେ ଫାଇନାନ୍ସ କମ୍ପାନୀ କିସ୍ତି ଫେରସ୍ତ ପାଇଁ ଗୀତାଞ୍ଜଳିଙ୍କୁ ତାଗିଦ୍ କରିଥିଲେ। ହେଲେ ଟଙ୍କା ସୁଝିବା ପାଇଁ ଗୀତାଞ୍ଜଳି ଅସମର୍ଥ ଥିଲେ। ଯାହାକୁ ନେଇ ସେ ମାନସିକ ଚାପରେ ରହୁଥିଲେ। ଗୁରୁବାର ସକାଳେ ଘର ନିକଟରେ ଥିବା ଗଛରେ ଫାଶୀ ଲଗାଇ ଝୁଲି ପଡ଼ିଥିଲେ। ଏହି ଖବର ପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି।

## କିଶୋରୀ ବାଳିକାଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱ ବିକାଶ ଉପରେ ତାଲିମ୍



**ସୁବର୍ଣ୍ଣପୁର,୨୪।୪(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ତରଫରୁ ସୋନପୁର ଜିଲ୍ଲା ର ସମସ୍ତ ବ୍ଲକ ର କିଶୋରୀ ଝିଅ ମାନଙ୍କର ଜିଲ୍ଲାସ୍ତରୀୟ ଦକ୍ଷତା ବୃଦ୍ଧି ଏବଂ ନେତୃତ୍ୱ ର ବିକାଶ ଉପରେ ସୋନପୁର ବ୍ଲକ ମିଶନ ଶକ୍ତି ଭବନ ଠାରେ ଦୁଇ ଦିନିଆ କର୍ମଶାଳା ଶୁଭାରମ୍ଭ ହୋଇଯାଇଛି। ଏହି କର୍ମଶାଳା ରେ ବି. ଏମ. ପୁର ବ୍ଲକ, ଡୁଙ୍ଗୁରିପାଲି ବ୍ଲକ ଏବଂ ବିନକା ବ୍ଲକ ର ମୋଟ ୫୦ ଜଣ ଝିଅ ଅଂଶଗ୍ରହଣ କରିଥିଲେ ଏବଂ ଆସନ୍ତା କାଲି ତା ୨୫/୦୪/୨୫ ରିଖ ଦିନ ସୋନପୁର, ଉଲୁଣ୍ଡା, ତରଭା ବ୍ଲକ ରୁ ମୋଟ ୫୦ ଜଣ ଝିଅ ଅଂଶଗ୍ରହଣ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଶୁଭ ଉଦଘାଟନ କରିଥିଲେ ଏବଂ କିଶୋରୀ ଝିଅ ମାନଙ୍କ ଉଜ୍ୱଳ ଭବିଷ୍ୟତ, ଦକ୍ଷତା ବୃଦ୍ଧି ଓ ଆତ୍ମନିର୍ଭରଶିଳ ହେବା ପାଇଁ ଉଦବୋଧନ ଦେଇଥିଲେ। ଏହି ତାଲିମ ଶିବିର ରେ ୩ ଜଣ ପରାମର୍ଶ ଦାତା ଶିକ୍ଷାଦାନ କରିଥିଲେ।

## ସଭା କାର୍ଯ୍ୟରେ ଫାଙ୍କା ପଡ଼ିଲା ଚୌକି

**ତୁମୁଡିବନ୍ଧ,୨୪।୪(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ହେଲେ ଅଳ୍ପ ସଂଖ୍ୟକ ଅଙ୍ଗନଓ୍ବାଡି କର୍ମୀ ଏବଂ ଓଏଲ୍ଏମ୍ ବିଭାଗର କିଛି କର୍ମଚାରୀଙ୍କୁ ନେଇ ସଭା କାର୍ଯ୍ୟ ହୋଇଥିଲା। ଏପରିକି ଯେନେତେନ ପ୍ରକାରେ କାର୍ଯ୍ୟକ୍ରମକୁ ଶେଷ କରି ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏପରିକି ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ସମାରୋହ କାର୍ଯ୍ୟକ୍ରମକୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ହେଲେ ପେଣ୍ଡାଲ ଭିତରେ ଲୋକ ନ ଥିବାବେଳେ ଅଧିକାଂଶ ଚୌକି ଫାଙ୍କା ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ବ୍ଲକସ୍ତରରେ ପ୍ରଚାର ପ୍ରସାର ଅଭାବ ଯୋଗୁ ଏଭଳି ଘଟିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।